

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୧୪ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 14 JULY 2022
Vol.No. 35 ■ No. 182 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022




ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ପ୍ରାପ୍ତିସ୍ଥାନ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧

# ଶ୍ରୀଲଙ୍କାରେ ପୁଣି ଏମରଜେନ୍ସି

## ସଂସଦ ଭବନରେ ଧସେଇ ପଶିଲେ ଲୋକେ



କଲମ୍ବୋ, ୧୩/୦୭: ଜଳୁଛି ଶ୍ରୀଲଙ୍କା । ଦିନକୁ ଦିନ ଏଠାରେ ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି । ରାଜନୈତିକ ଓ ଆର୍ଥିକ ସଙ୍କଟ ଏଠାରେ ଉତ୍କଟ ହେବାରେ ଲାଗିଛି । ଏଭଳି ସ୍ଥିତିରେ ରାଷ୍ଟ୍ରପତି ପଦରୁ ଇସ୍ତଫା ନଦେଇ ଗୋଟବାୟା ରାଜପକ୍ଷ ସପରିବାରେ ଦେଶ ଛାଡି ମାଳଦ୍ୱୀପ ପଳାଇଛନ୍ତି । ଯାହାକୁ ନେଇ ତେଜିଛି ଅସନ୍ତୋଷ । ରାଜରାସ୍ତାକୁ ଓହ୍ଲାଇ ଆସିଛନ୍ତି ହଜାର ହଜାର ଜନସାଧାରଣ । ଲୋକେ ଆଜି ସଂସଦ ଭବନ ଏବଂ ପିଏମ ହାଉସକୁ ଧସେଇ ପଶିବାକୁ ଉଦ୍ୟମ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଶ୍ରୀଲଙ୍କାରେ ପୁଣି ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଛି । ଗୋଟାବାୟାଙ୍କ ପରେ ପ୍ରଧାନମନ୍ତ୍ରୀ ରାନିଲ ବିକ୍ରମସିଙ୍ଘେଙ୍କୁ କାମଚଳା ରାଷ୍ଟ୍ରପତି ଭାବେ ନିଯୁକ୍ତ କରାଯାଇଛି । ରାଜଧାନୀ କଲମ୍ବୋରେ ମଧ୍ୟ ସ୍ଥିତି ବେକାବୁ ରହିଛି । ଲୋକେ ବିକ୍ରମସିଙ୍ଘେଙ୍କ ମଧ୍ୟ ଇସ୍ତଫା ଦାବି କରୁଛନ୍ତି । ସୁରକ୍ଷାକୁ ଦୃଷ୍ଟିରେ ରଖି ପିଏମ୍ ଆବସରେ ବ୍ୟାପକ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି । ପୁଲିସକୁ ଭିଡ ବିରୋଧରେ ଲୁହା ବୁହା ଗ୍ୟାସ୍ ବ୍ୟବହାର କରିବାକୁ ପଡିଛି । ଅନେକ ସ୍ଥାନରେ ପୁଲିସ ଓ ଜନତା ମୁହାଁମୁହିଁ ହୋଇଛନ୍ତି । ୧୨ରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ମିଳିଛି । ବିକ୍ରମସିଙ୍ଘେଙ୍କ ମୁଖପାତ୍ରଙ୍କ କହିବା ମୁତାବକ, 'ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ପଶ୍ଚିମାଞ୍ଚଳରେ କର୍ଫ୍ୟୁ ଲାଗୁ କରାଯାଇଛି । ବୁଧବାର ସକାଳେ ଶହ ଶହ ସଂଖ୍ୟାରେ ବିକ୍ଷୋଭକାରୀ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପହଞ୍ଚିଥିଲେ । ଲୋକେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଉଭୟଙ୍କୁ କ୍ଷମତାରୁ ବିତାଡିତ କରିବାକୁ ଚାହୁଁଛନ୍ତି ।' ଅନ୍ୟପକ୍ଷରେ ଗୋଟବାୟା ରାଜପକ୍ଷ ବର୍ତ୍ତମାନ ମାଳଦ୍ୱୀପରେ ଅଛନ୍ତି । ଏଠାରୁ ସେ ଦୁବାଇ ଯିବ । ସେ ନିଜ ଇସ୍ତଫା ପତ୍ରରେ ହସ୍ତାକ୍ଷର ନ କରି ଦେଶ ଛାଡି ପଳାଇଛନ୍ତି । ରାଷ୍ଟ୍ରପତି ଗୋଟାବାୟା ଜୁଲାଇ ୧୩ ରେ ଇସ୍ତଫା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଗିରଫଦାରୀ ଭୟକୁ ଦୃଷ୍ଟିରେ ରଖି ସେ ଇସ୍ତଫା ଦେବା ପୂର୍ବରୁ ଦେଶ ଛାଡି ପଳାଇଥିଲେ । ଏହାକୁ ନେଇ ଲୋକଙ୍କ ମଧ୍ୟରେ ପୁଣି ଅସନ୍ତୋଷ ସୃଷ୍ଟି ହୋଇଛି । ଅର୍ଥନୈତିକ ସଙ୍କଟ ମଧ୍ୟରେ ଲୋକେ ପୂର୍ବରୁ ରାଷ୍ଟ୍ରୀୟ ଭବନକୁ ଦଖଲ କରି ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ବାସଭବନରେ ନିଆଁ ଲଗାଇ ଦେଇଥିଲେ ।

## ବାଲେଶ୍ୱରରେ ସ୍ଥାପନ ହେବ ବ୍ୟାଙ୍କ ନୋଟ୍ ପେପର ମିଲ୍

ବାଲେଶ୍ୱର, ୧୩/୦୭ (ନି.ପ୍ର): ଓଡ଼ିଶାର ବାଲେଶ୍ୱରରେ ସ୍ଥାପନ ହେବ ବ୍ୟାଙ୍କ ନୋଟ୍ ପେପର ମିଲ୍ । ବୁଧବାର ଦିନ ବ୍ୟାଙ୍କ ନୋଟ୍ ପେପର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି କମ୍ପାନୀର ଓଡ଼ିଶା ପ୍ରକଳ୍ପ ସଂପର୍କରେ ଅବଗତ କରାଇଛନ୍ତି । ବାଲେଶ୍ୱର ପ୍ରକଳ୍ପରେ କମ୍ପାନୀ ପ୍ରାୟ ୨୫୦୦ କୋଟି ଟଙ୍କା ନିବେଶ କରିବ । ଏହି ପ୍ରକଳ୍ପକୁ ଓଡ଼ିଶା ସରକାର ସବୁପ୍ରକାରର ସହାୟତା ଯୋଗାଇ ଦେବେ ବୋଲି ମଖ୍ୟମନ୍ତ୍ରୀ ତାଙ୍କୁ ଆଶ୍ୱାସନା ପ୍ରଦାନ କରିଛନ୍ତି । ଏହି ଅବସରରେ ୫- ଟି ସଚିବ ଭି.କେ.ପାଣ୍ଡିଆନ ଉପସ୍ଥିତ ଥିଲେ । ବ୍ୟାଙ୍କ ନୋଟ ପେପର ଇଣ୍ଡିଆ ହେଉଛି ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ ମୁଦ୍ରଣ ପ୍ରାଇଭେଟ ଲିମିଟେଡର ଏକ ଯୌଥ ଉଦ୍ୟୋଗ ।

## ୧୫ଲକ୍ଷରୁ ଅଧିକ ଟଙ୍କାର ନକଲି ନୋଟ୍ ଜବତ

ଭୁବନେଶ୍ୱର,୧୩/୦୭ (ନି.ପ୍ର): ଜନସେବା କେନ୍ଦ୍ରରେ ଚାଲିଥିଲା ଜାଲି ନୋଟ୍ କାରବାର । ଏସଟିଏଫ୍ ରେଡ୍ କରି ଜବତ କରିଛି ନକଲି ନୋଟ୍ । ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଛାମୁଣ୍ଡା ପଞ୍ଚାୟତର ଅଢାପଡାରେ ରହିଛି ଏହି ଜନସେବା କେନ୍ଦ୍ର । ଜାଲ୍ ନୋଟ୍ କାରବାର ଚାଲୁଥିବା ନେଇ ସୂଚନା ମିଳିବା ପରେ ଏସଟିଏଫ୍ ରେଡ୍ କରିଥିଲା । ଏସଟିଏଫ୍ ୧୫ ଲକ୍ଷ ୧୨ ହଜାର ୫୦୦ ଟଙ୍କାର ନକଲି ନୋଟ୍ ଜବତ କରିଛି । ଦୁଇଟି ଲାପଟପ, ଗୋଟିଏ କଲର ପ୍ରିଣ୍ଟର ଓ କିଛି ନକଲି ନୋଟ୍ ଜବତ ହୋଇଥିବା ସୂଚନା ରହିଛି । ଏହି ଘଟଣାରେ ପୋଦର ପ୍ରସାଦ ସାହୁ ଏବଂ ଜନ୍ମଜୟ ବାଗ ନାଁରେ ମାମଲା ରୁଜୁ ହୋଇଛି ।

# ରୁଚିକାଙ୍କୁ ନ୍ୟାୟ ଦାବିରେ ନବ ନିର୍ମାଣ କୃଷକ ସଂଗଠନର ଜୁଲାଇ ୧୯ରେ ଓଡିଶା ବନ୍ଦ ଡାକରା




ଭୁବନେଶ୍ୱର,୧୩/୦୭ (ନି.ପ୍ର): ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ମାମଲାରେ ନବ ନିର୍ମାଣ କୃଷକ ସଂଗଠନ ଆସନ୍ତା ୧୯ ତାରିଖ ଦିନ ଓଡ଼ିଶା ବନ୍ଦ ଡାକରା ଦେଇଛି । ଓଡ଼ିଶା ବନ୍ଦ ସମର୍ଥନ ପାଇଁ ରୁଚିକାଙ୍କ ମା' ବିଦ୍ୟୁପ୍ରଭା ମହାନ୍ତି ନିବେଦନ କରିଛନ୍ତି । ସଂଗଠନ ପକ୍ଷରୁ ଆସନ୍ତା ୧୭ ତାରିଖରେ କଟକ ଡିଜିପି ଅଫିସ ଆଗରେ ମୌନବ୍ରତ ଧାରଣା ଦିଆଯିବ । ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଏହି ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ଆସନ୍ତା ୧୪ ଓ ୧୫ତାରିଖରେ କଲେଜ କଲେଜ ବୁଲି ଛାତ୍ରଛାତ୍ରୀମାନେ ସାମିଲ ପାଇଁ ରୁଚିକାଙ୍କ ମା ଓ ନବନିର୍ମାଣ ଛାତ୍ର ସଂଗଠନ ଅନୁରୋଧ କରିବେ । ସେହିପରି ସଂଗଠନ ଆଗାମୀ ୧୭ ତାରିଖ ଦିନ ପୁଲିସ ଡିଜି ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବ । ଏହି ଧାରଣାରେ ସମସ୍ତ ରାଜନୈତିକ ଦଳ ସାମିଲ ହେବା ପାଇଁ ସଂଗଠନର ଆବାହକ ଅକ୍ଷୟ କୁମାର ନିବେଦନ କରିଛନ୍ତି । ଆଗାମୀ ୧୯ ତାରିଖରେ ନବନିର୍ମାଣ କୃଷକ, ଛାତ୍ର ସଂଗଠନ ଓଡ଼ିଶା ବନ୍ଦ ଡାକରା ଦେଇଛି । ସୂଚନା ଯୋଗ୍ୟ ଯେ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟାକୁ ୧୨ ଦିନ ବିତିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଦୁଇ ଦିନ ପୂର୍ବରୁ ବିଜେବି କଲେଜ ସମ୍ମୁଖରେ ପ୍ରତିବାଦ କରୁଥିବା ବେଳେ ପୋଲିସ ରୁଚିକାଙ୍କ ମାଆଙ୍କ ସହ ଅନ୍ୟ ବିକ୍ଷୋଭକାରୀମାନଙ୍କୁ ଉଠାଇ ନେଇଥିଲା । ଏହାପରେ ସେ ଲୋୟର ପିଏମଜିରେ ଧାରଣା ଦେଇଥିଲେ । ତେବେ ଗତକାଲି ପ୍ରେସମିଟ୍ କରି ଭୁବନେଶ୍ୱର ଡିସିପି କହିଥିଲେ, ରୁଚିକାଙ୍କୁ ରାଗିଂ ନେଇ କିଛି ବି ସୁରାକ ମିଳିନି । କଲେଜରେ ରାଗିଂ ହେଉଥିବା ନେଇ କୌଣସି ଛାତ୍ରୀ ସ୍ୱୀକାର କରିନାହାନ୍ତି । ତଥାପି ପୋଲିସ ସବୁ ଦିଗରୁ ତଦନ୍ତ ଜାରି ରଖିଛି ।

# ଜୁଲାଇ ୧୫ରୁ ମାଗଣାରେ ମିଳିବ ବୁଷ୍ଟର ଡୋଜ୍




ନୂଆଦିଲ୍ଲୀ, ୧୩/୦୭ : ଆସନ୍ତା ୧୫ ତାରିଖରୁ ୧୮ ବର୍ଷରୁ ଅଧିକ ବୟସ୍କଙ୍କୁ ମାଗଣାରେ ଦିଆଯିବା କରୋନାର ବୁଷ୍ଟର ଡୋଜ୍ । ଏବେ ଲୋକମାନଙ୍କୁ ଟଙ୍କା ଦେଇ ବୁଷ୍ଟର ଡୋଜ୍ ନେବାକୁ ପଡୁଛି । ହେଲେ ବୁଷ୍ଟର ଡୋଜ୍ ନେବାକୁ କେହି ବି ଆଗ୍ରହ ଦେଖାଉ ନାହାନ୍ତି । ଏପରି ସ୍ଥିତିରେ ଦେଶରେ ପୁଣିଥରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ଆରମ୍ଭ କରିଛି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସମସ୍ତଙ୍କୁ ମାଗଣାରେ ବୁଷ୍ଟର ଡୋଜ୍ ଦେବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି । ୧୮ ବର୍ଷରୁ ଅଧିକ ବୟସ୍କ ମାଗଣାରେ ବୁଷ୍ଟର ଡୋଜ୍ ନେଇପାରିବେ ବୋଲି ଆଜି ଆଜି କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି । ତାଙ୍କ ସୂଚନା ଅନୁସାରେ, ଦେଶର ସମସ୍ତ ସରକାରୀ ଟିକାକରଣ କେନ୍ଦ୍ରରେ ବୁଷ୍ଟର ଡୋଜ୍ ମାଗଣାରେ ଉପଲବ୍ଧ ହେବ । ବୁଷ୍ଟର ଡୋଜ୍ ପାଇଁ ୭୫ ଦିନର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ । କେନ୍ଦ୍ର ସରକାରଙ୍କ ଆଜାଦୀ କି ଅମୃତ ମହୋତ୍ସବ ଅଭିଯାନ ଅଧୀନରେ ଲୋକଙ୍କୁ ମାଗଣାରେ କରୋନା ବିରୋଧୀ ପ୍ରିକସନ ବା ବୁଷ୍ଟର ଡୋଜ ଦିଆଯିବ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି, "ଭାରତ ଏବେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ କରୁଛି । ଆଜାଦୀର ଏହି ଅମୃତ କାଳରେ ଜୁଲାଇ ୧୫ରୁ ୧୮ ବର୍ଷରୁ ଅଧିକ ବୟସ୍କଙ୍କୁ ମାଗଣାରେ କରୋନା ବିରୋଧୀ ବୁଷ୍ଟର ଡୋଜନ ଦିଆଯିବାକୁ ନିଷ୍ପତ୍ତି ହୋଇଛି । ଆଗାମୀ ୭୫ ଦିନ ଯାଏ ଏହି ଅଭିଯାନ ଚାଲିବ । ଲୋକମାନେ ସରକାରୀ ଟିକାକରଣ କେନ୍ଦ୍ରକୁ ଯାଇ ମାଗଣାରେ ପ୍ରିକସନ ଡୋଜ ନେଇପାରିବେ ।" କରୋନା ଟିକାର ଦ୍ୱିତୀୟ ଡୋଜ୍ ନେବାର ୯ ମାସ ପରେ ଜଣେ ବ୍ୟକ୍ତି ପ୍ରିକସନ ଡୋଜ୍ ନେବାକୁ ଯୋଗ୍ୟତା ଅର୍ଜନ କରୁଥିଲେ । ହେଲେ କେନ୍ଦ୍ର ସରକାର ଏହାକୁ କୋହଳ କରିଛନ୍ତି । ଏଣିକି ୧୮ ବର୍ଷରୁ ଅଧିକ ବୟସ୍କମାନେ ଦ୍ୱିତୀୟ ଡୋଜ୍ ନେବାର ୬ ମାସ ପରେ ବୁଷ୍ଟର ଡୋଜ ନେଇପାରିବେ ।

## ୨୦୨୫ ସୁଦ୍ଧା ଶିଶୁ ଶ୍ରମ ମୁକ୍ତ ହେବ ଓଡିଶା

ଭୁବନେଶ୍ୱର,୧୩/୦୭ (ନି.ପ୍ର): ଓଡିଶାକୁ୨୦୨୫ ସୁଦ୍ଧା ଶିଶୁ ଶ୍ରମ ମୁକ୍ତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଗତ ୫ ବର୍ଷ ମଧ୍ୟରେ ୪୨୦ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି । ଏମାନଙ୍କୁ ମୁଖ୍ୟତଃ ଢାବା, ହୋଟେଲ, ଗ୍ୟାରେଜ ଓ ବିଭିନ୍ନ ବ୍ୟବସାୟୀକ କ୍ଷେତ୍ରରୁ ଉଦ୍ଧାର କରାଯାଇଛି । ବିଧାନସଭାରେ ଲିଖିତ ଉତରରେ ଏହି ସୂଚନା ଦେଇଛନ୍ତି ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ।

## ମାସ୍କ ପିନ୍ଧିବାକୁ ମୁଖ୍ୟମନ୍ତ୍ରୀଙ୍କ ଅପିଲ୍

ଭୁବନେଶ୍ୱର,୧୩/୦୭ (ନି.ପ୍ର): ରାଜ୍ୟରେ କୋଭିଡ୍ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏଭଳି ସ୍ଥିତିରେସୁରକ୍ଷିତ ରହିବା ପାଇଁ ମାସ୍କ ପିନ୍ଧିବାକୁ ଅପିଲ୍ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ କୋଭିଡ ମହାମାରୀର ବିପଦ ଏଯାଏଁ ଟଳି ନାହିଁ । ଏହାର ସଂକ୍ରମଣରୁ ନିଜକୁ ଏବଂ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ ମାସ୍କ ନିଶ୍ଚୟ ପିନ୍ଧନ୍ତୁ । ସଚେତନ ହୁଅନ୍ତୁ, ସୁରକ୍ଷିତ ରୁହନ୍ତୁ । ସୂଚନାଯୋଗ୍ୟ ଯେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ୭୪୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ୭ ଦିନ ପାଇଁ ସିଲ ହେଲା ଗ୍ରୀନ ଚିଲ୍ଲି

ଭୁବନେଶ୍ୱର,୧୩/୦୭ (ନି.ପ୍ର): ୭ ଦିନ ପାଇଁ ମାଷ୍ଟର କ୍ୟାଂଟିନ ନିକଟ ଗ୍ରୀନ ଚିଲ୍ଲୀ କୁ ସିଲ୍ କରିଛି ବିଏମସି । ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ତିଆରି ହେଉଥିବା ଦୃଷ୍ଟିକୁ ଆସିବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଏହାକୁ ସିଲ୍ କରିବା ସହ ନୋଟିସ୍ ମାରିଛି । ଅନ୍ୟ ଦୋକାନମାନେ ସ୍ୱଚ୍ଛତା ଅବଲମ୍ବନ କରିବା ସହ ଡଷ୍ଟବିନ୍ର ବ୍ୟବହାର କରିବାକୁ ବିଏମସି କହିଛି । ଅନ୍ୟଥା ଜରିମାନା ଆଦାୟ ହେବା ନେଇ ବିଏମସି ତାଗିଦ୍ କରିଛି ।

# ମାଲକାନଗିରିରେ ଆଦିବାସୀ ମହିଳାଙ୍କୁ ଏସ୍‌ଡିପିଓ ମାଡ଼ ମାରିବା ଘଟଣାର ତଦନ୍ତ କରିବ କ୍ରାଇମବ୍ରାଂଚ



ଭୁବନେଶ୍ୱର,୧୩/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଅଂଚଳରେ ଜଣେ ଆଦିବାସୀ ମହିଳାଙ୍କୁ ଏସ୍‌ଡିପିଓ ମାଡ଼ ମାରିବା ଘଟଣାରେ କ୍ରାଇମବ୍ରାଂଚ ତଦନ୍ତ କରିବ । ବିଧାନସଭାରେ ବୁଧବାର ଦିନ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ସୂଚନା ଦେଇଛନ୍ତି । କ୍ରାଇମବ୍ରାଂଚର ଜଣେ ଆଇଜି ଏହି ଘଟଣାର ତଦନ୍ତ କରିବେ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଆଦିବାସୀ ମହିଳାଙ୍କୁ ଏସଡ଼ିପିଓ ମାଡ଼ ମାରିବା ଘଟଣା ନେଇ ଆଜି ବିଧାନସଭା ହୁଲସ୍ଥୁଲ ହୋଇଥିଲା । ଗୃହରେ ଉଭୟ କଂଗ୍ରେସ ଓ ବିଜେପି ବିଧାୟକମାନେ ନାରାବାଜି କରିଥିଲେ । ବିଧାନସଭା ଶୂନ୍ୟକାଳରେ ଆଜି କଂଗ୍ରେସ ବିଧାୟକମାନେ ଚିତ୍ରକୋଣ୍ଡା ଏସଡ଼ିପିଓ ଅଂଶୁମାନ ଦ୍ୱିବେଦୀଙ୍କ ଗୁଣ୍ଡାରାଜ ପ୍ରସଙ୍ଗ ଉଠାଇଥିଲେ । କଂଗ୍ରେସ ସଦସ୍ୟଙ୍କ ଅଭିଯୋଗ ମୁତାବକ ମାଲକାନଗିରିର ଆରଏସସି-୧୩ ଗ୍ରାମରେ ଗତ ଜୁନ ୭ ତାରିଖ ଦିନ ରାତି ଅଧରେ ପୁଲିସ ଗାଁରେ ପଶି ମହିଳାମାନଙ୍କୁ ମାଡ ମାରିଥିଲା । କୌଣସି ମହିଳା ଅଧିକାରୀଙ୍କୁ ସାଙ୍ଗରେ ନ ନେଇ ଗାଁରେ ପଶି ଗର୍ଭବତୀ ମହିଳା, ବୃଦ୍ଧା,୧୪ ବର୍ଷର ନାବାଳିକାଙ୍କୁ ପୁଲିସ ମାଡ ମାରିଥିଲା । କଂଗ୍ରେସ ସଦସ୍ୟମାନେ ଏ ସଂକ୍ରାନ୍ତୀୟ ଫଟୋ ମଧ୍ୟ ଗୃହରେ ପ୍ରଦର୍ଶନ କରିଥିଲେ । କଂଗ୍ରେସ ଦଳ ମୁଖ୍ୟ ସଚେତକ ତାରା ବାହିନପତି କହିଥିଲେ ଯେ, ପୁଲିସ କର୍ମଚାରୀମାନେ ମଦ ପିଇ ଆତଙ୍କରାଜ କରିଥିଲେ ।

# ନୂଆ ସଂସଦ ଭବନର ଅଶୋକସ୍ତମ୍ଭକୁ ନେଇ ତେଜିଲା ବିବାଦ

ନୂଆଦିଲ୍ଲୀ, ୧୩/୦୭ : ବିବାଦର କେନ୍ଦ୍ରସ୍ଥଳରେ ଏହି ସିଂହମୂର୍ତ୍ତି । ଭାରତର ଜାତୀୟ ପ୍ରତୀକ ଅଶୋକସ୍ତମ୍ଭ । ତେବେ ଚିତ୍ରରେ ଆପଣ ଦେଖୁଥିବା ଦୁଇଟି ଫଟୋ ମଧ୍ୟରୁ ଗୋଟିଏ ସାରନାଥର ସିଂହ ମୂର୍ତ୍ତି ଓ ଅନ୍ୟଟି ହେଉଛି ନୂଆ ସଂସଦଭବନ ଉପରେ ସ୍ଥାପନ କରାଯାଇଥିବା ଅଶୋକ ସ୍ତମ୍ଭ । ଦୁଇଟି ଯାକ ଫଟୋରେ ସିଂହମୂର୍ତ୍ତି ପ୍ରାୟ ଏକାପରି ଲାଗୁଥାଇପାରେ । ତେବେ ସିଂହ ପ୍ରତିମୂର୍ତ୍ତିର ରୂପରେଖକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ । ସେମାନଙ୍କ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ଅଶୋକ ସ୍ତମ୍ଭରେ ଥିବା ସିଂହ ମୂର୍ତ୍ତିଶାନ୍ତ ସରଳ ମୁଦ୍ରାରେ ଥିବାବେଳେ ଏହାକୁ ଏବେ ଆକ୍ରମଣାତ୍ମକ ଭଙ୍ଗିରେ ନିର୍ମାଣ କରାଯାଇଛି । କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ କରିଛନ୍ତି ଯେ, ଅଶୋକ ସ୍ତମ୍ଭରେ ପରିବର୍ତ୍ତନ ରାଷ୍ଟ୍ରୀୟ ପ୍ରତୀକର ଅପମାନ । ସେହିପରି ବିଶିଷ୍ଟ ଓକିଲ ପ୍ରଶାନ୍ତ ଭୂଷଣ ଟୁଇଟ କରି ଲେଖିଛନ୍ତି ଯେ, ସାରନାଥର ସିଂହମୂର୍ତ୍ତି ଶାନ୍ତ ଓ ସୌମ୍ୟ ଥିବାବେଳେ ଏବେକାର ମୂର୍ତ୍ତିରେ ସିଂହ ଉଗ୍ର ଓ ଦାନ୍ତ ବାହାର କରି ରହିଛି । ଏହା ମୋଦିଙ୍କ ନୂଆ ଭାରତ ବୋଲି ସେ ଲେଖିଛନ୍ତି । ଟିଏମସି ନେତ୍ରୀ ମହୁଆ ମୈତ୍ରା ମଧ୍ୟ ମୋଦି ସରକାରଙ୍କୁ ସମାଲୋଚନା କରିଛନ୍ତି । ତେବେ ଏସବୁ ବିବାଦ ଭିତରେ ଏକ ବଡ଼ ପ୍ରଶ୍ନ ମନକୁ ଆସେ । ତାହାହେଲା ଜାତୀୟ ପ୍ରତୀକ କିମ୍ବା ଏହାର ଡିଜାଇନକୁ କେନ୍ଦ୍ର ସରକାର ବଦଳାଇ ପାରିବେ କି ? ଏନେଇ ଷ୍ଟେଟ ଏମ୍ବଲେମ ଅଫ୍ ଇଣ୍ଡିଆ ଆକ୍ଟ ୨୦୦୫କୁ ବିଚାରକୁ ନିଆଯାଇପାରେ । ଏଥିରେ କୌଣସି ବ୍ୟକ୍ତି ଦ୍ୱାରା ଜାତୀୟ ପ୍ରତୀକର ଦୁର୍ବ୍ୟବହାର ରୋକିବା ସମ୍ପର୍କରେ କୁହାଯାଇଛି ସେକସନ୍ ୬ରେ ▶▶ପୃଷ୍ଠା ୭

# ୬ ଲକ୍ଷ ହିତାଧିକାରୀ ପାଇନାହାନ୍ତି କୋଭିଡ୍ ସହାୟତା

ଭୁବନେଶ୍ୱର,୧୩/୦୭ (ନି.ପ୍ର): କରୋନା ସମୟରେ ଜୀବନଜୀବିକା ପ୍ରଭାବିତ ହେଇଥିବାରୁ ଗରିବ ରାସନକାର୍ଡଧାରୀଙ୍କୁ ଓଡ଼ିଶା ସରକାର ଦୁଇଟି ପର୍ଯ୍ୟାୟରେ ହଜାରେ ଟଙ୍କା ଲେଖାଏଁ ସହାୟତା ଦେଇଥିଲେ । କିନ୍ତୁ ପ୍ରଥମ ପର୍ଯ୍ୟାୟରେ ୨.୦୯ଲକ୍ଷ ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୩.୬୪ଲକ୍ଷ ପରିବାର ଏହି ସହାୟତା ପାଇବାରୁ ବଂଚିତ ଅଛନ୍ତି । ବୁଧବାର ବିଧାନସଭାରେ ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏକ ପ୍ରଶ୍ନର ଲିଖିତ ଉତର ଦେଇ କହିଛନ୍ତି ଯେ, ରାଜ୍ୟରେ ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ ରାସନ କାର୍ଡଧାରୀ ପରିବାର ୯୫ଲକ୍ଷ ୫୧ହଜାର ୬୯୪ ଥିଲା । ଏବେ ତାହା ୯୫ଲକ୍ଷ ୮୫ହଜାର ୭୬୬ ଅଛି । ଏହି ରାସନକାର୍ଡଧାରୀ ପରିବାର ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୩ଲକ୍ଷ ୪୨ହଜାର ୪୪ଟି ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୯୨ଲକ୍ଷ ୨୧ହଜାର ୨୭୧ଟି ପରିବାରକୁ କୋଭିଡ୍ ସହାୟତା ଦିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ୨ଲକ୍ଷ ୯ହଜାର ୬୫୦ଟି ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୩ଲକ୍ଷ ୬୪ହଜାର ୪୯୫ଟି ପରିବାର ନିଜର ମାସିକ ଆବଂଟିତ ଖାଦ୍ୟଶସ୍ୟ ଉଠାଇନାହାନ୍ତି । କିମ୍ବା ଏହି ସହାୟତା ନେଇନାହାନ୍ତି । ଗଞ୍ଜାମରେ ସର୍ବାଧିକ ପ୍ରଥମ ପର୍ଯ୍ୟାୟରେ ୩୨୩୦୪ଟି ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୨.୦୭ ଲକ୍ଷ ପରିବାର, ନୟାଗଡ଼ରେ ୭୪,୧୫୮ଟି ପରିବାର, ଖୋର୍ଦ୍ଧାରେ ୧୭୪୪୯ଟି ପରିବାର ଓ ପୁରୀରେ ୯୯୮୧ଟି ପରିବାର ସେମାନଙ୍କର ଖାଦ୍ୟଶସ୍ୟ ସହ ସହାୟତା ରାଶି ନେଇ ନଥିବା ଜଣାପଡ଼ିଛି ।

# ନିଲାମ ହେବ ଓଡିଶାର ୧୫ଟି ଖଣି ଓ ୧୬ଟି ଲଘୁ ଖଣିଜ ବ୍ଲକ



ଭୁବନେଶ୍ୱର,୧୩/୦୭ (ନି.ପ୍ର): ଖୁବଶୀଘ୍ର ଓଡ଼ିଶାର ୧୫ଟି ଖଣି ଓ ୧୬ଟି ଲଘୁ ଖଣିଜ ବ୍ଲକର ନିଲାମ ହେବ । ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଖଣି ମନ୍ତ୍ରୀ ପ୍ରଫୁଲ ମଲ୍ଲିକ । ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ, ବର୍ତମାନ ସୁଦ୍ଧା ୨ ଟି ଅବଧି ଶେଷ ହୋଇଥିବା ଖଣିଜ ଲିଜ ସମେତ ୩୭ ଖଣିଜ ବ୍ଲକର ନିଲାମ ପ୍ରକ୍ରିୟା ଶେଷ ହୋଇଛି । ୫-ଟି ପଦକ୍ଷେପ ଆଧାରରେ ଖଣିଜ ଉତୋଳନ, ମ୍ୟାପିଂ ପାଇଁ ଆଇ୩ଏମ୍ଏସ୍ ବ୍ୟବସ୍ଥା କରାଯାଇଛି । ଆଗକୁ ଆଉ ୧୫ଟି ପ୍ରମୁଖ ଖଣି ଏବଂ ୧୬ଟି ଲଘୁ ଖଣିଜ ବ୍ଲକର ନିଲାମ କରାଯିବ । ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ, ଚଳିତ ବର୍ଷ ମୋଟ ଖଣିଜ ପଦାର୍ଥର ଉତ୍ପାଦନ ୧୦୭.୫୪୬ ମିଲିୟନ ଟନ୍ ହୋଇଛି । ସେହିପରି ୧୦୦.୬୧୨ ମିଲିୟନ ଟନ ପରିବହନ ହୋଇଛି, ଯାହାକି ଦେଶରେ ଆବଶ୍ୟକ ହେଉଥିବା ଲୁହା ପଥରର ୫୦ ପ୍ରତିଶତ କେବଳ ଓଡିଶା ପୂରଣ କରୁଛି । ଆର୍ଥିକ ବର୍ଷ ୨୦୨୦-୨୧ରେ ୧୩,୭୯୧ କୋଟି ଟଙ୍କାର ଖଣି ରାଜସ୍ୱ ମିଳିଥିବା ବେଳେ ୨୦୨୧-୨୨ରେ ୪୯,୫୩୦ କୋଟି ଟଙ୍କାର ଖଣି ରାଜସ୍ୱ ଆସିଛି । ଚଳିତ ବର୍ଷ ବର୍ତମାନ ସୁଦ୍ଧା ୧୧,୮୮୭ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରାଯାଇଛି, ଯାହାକି ବିଗତ ବର୍ଷ ତୁଳନାରେ ୨୧.୭୮ ପ୍ରତିଶତ ଅଧିକ । ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ ଖଣିଜ ପଦାର୍ଥ ଉତୋଳନ, ନିଲାମ ଓ ପରିଚାଳନାରେ ସର୍ବୋତମ ପ୍ରଦର୍ଶନ କରିଥିବା ଓଡ଼ିଶା ରାଜ୍ୟ ରାଷ୍ଟ୍ରୀୟ ଖଣିଜ ବିକାଶ ପୁରସ୍କାର ପ୍ରଦାନରେ ▶▶ପୃଷ୍ଠା ୭

# ଲଘୁଚାପ ପ୍ରଭାବରେ ୫ ଦିନ ଯାଏଁ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୩/୦୭ (ନି.ପ୍ର): ଦକ୍ଷିଣ ଉପକୂଳ ଓଡ଼ିଶା ଉପରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ଏବଂ ତତ୍‌ସହିତ ଜଡିତ ସାମୁଦ୍ରିକ ଘୂର୍ଣ୍ଣିବଳୟ ସମୁଦ୍ର ପତନର ୭.୬ କିଲୋମିଟର ଉଚ୍ଚତାରେ ଦକ୍ଷିଣ-ପଶ୍ଚିମ ଦିଗକୁ ଅଗ୍ରସର ହେଉଛି । ଏହାର ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟର ୬ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଏବଂ ୧୫ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି କହିଛି । ଗୁରୁବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର ଗଂଜାମ, ନୟାଗଡ଼, କନ୍ଧମାଳ, ବୌଦ୍ଧ, କଳାହାଣ୍ଡି ଓ ବଲାଙ୍ଗୀର ▶▶ପୃଷ୍ଠା ୭

# ବିଦ୍ୟୁତ ସଂଯୋଗ ପାଇଁ ଖୁଂଟ ବଦଳରେ ବ୍ୟବହାର ହେଉଛି ଖଜୁରୀ ଗଛ

କନ୍ଧମାଳ,୧୩/୦୭ (ନି.ପ୍ର): ଖଜୁରୀଗଛ ପାଲଟିଛି ବିଦ୍ୟୁତ ଖୁଂଟ। କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକରେ ଦେଖିବାକୁ ମିଳିଛି ଏହିଭଳି ଦୃଶ୍ୟ। ବିଦ୍ୟୁତ୍ ସଂଯୋଗ ପାଇଁ ବିଦ୍ୟୁତ ଖୁଂଟ ବଦଳରେ ଖଜୁରୀ ଗଛରେ ବିଦ୍ୟୁତ ତାର ଲଗାଯାଇଛି। ବିଦ୍ୟୁତ୍ ବିଭାଗ ତରଫରୁ ବିଦ୍ୟୁତ ସଂଯୋଗ ବେଳେ ଲୁହା କିମ୍ବା ସିମେଂଟର ପୋଲରେ ଇନସୁଲେଟର ଜରିଆରେ ତାରକୁ ଉପୋଭୋକ୍ତଙ୍କ ଘରକୁ ଯୋଡା ଯାଇଥାଏ। ଏହା ଫଳରେ କୌଣସି ବୈଦ୍ୟୁତିକ ଦୁର୍ଘଟଣାର ସମ୍ଭାବନା ରହେନାହିଁ। କିମ୍ବା ବର୍ଷା ଦିନରେ ବିଜୁଳି ଆଘାତରେ ମଧ ଦୁର୍ଘଟଣା ଘଟି ନ ଥାଏ। ହେଲେ ତୁମୁଡିବନ୍ଧରେ ବିଦ୍ୟୁତ୍ ବିଭାଗର କର୍ମଚାରୀଙ୍କ ଦାୟିତ୍ୱହୀନତାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ବିଦ୍ୟୁତ୍ ସଂଯୋଗ ପାଇଁ ବ୍ୟବହାର କରାଯାଇଥିବା ଖଜୁରୀ ଗଛକୁ ଦେଖିଲେ ଏହା ବୁଝିହେବ। ଏହା ସହ ବିପଦ ସଂକୁଳ ଅବସ୍ଥାରେ ସବୁ ସ୍ଥାନରେ ପଡିରହୁଛି ବିଦ୍ୟୁତ ତାର। ତୁମୁଡିବନ୍ଧ ବ୍ଲକରୁ ମାତ୍ର ୩ କିଲୋମିଟର ଦୂର ମାଲିପଡ଼ା ଗ୍ରାମର ନାଲପଡା ଯାହାକି ମାଲିପଡ଼ା ଗ୍ରାମଠୁ ୫୦୦ ମିଟର ଦୂର ନଦୀ ଆରପାରିର ଗ୍ରାମ । କୌଣସି କାରଣରୁ ସେହି ଜାଗାରେ ଲାଗିଥିବା ବିଦ୍ୟୁତ ଖୁଂଟ ଉପୁଡି ପଡିଥିଲା । ଏହାପରେ ବିଦ୍ୟୁତ କାର୍ଯ୍ୟାଳୟରେ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରିବା ପରେ ବି ବିଦ୍ୟୁତ କର୍ମଚାରୀ ପାଖରେ ଥିବା ଖଜୁରୀ ଗଛରେ ସେହି ତାରକୁ ଲଗାଇ ଦେଇଥିଲେ। ସେହି ରାସ୍ତା ଦେଇ ସ୍କୁଲ ଛାତ୍ରଛାତ୍ରୀ, ଅଙ୍ଗନୱାଡି ଛୁଆ ସହିତ ଗ୍ରାମବାସୀ ବଜାରକୁ ଯାଇଥାନ୍ତି। କେତେବେଳେ ଯେ ଅକାରଣରେ ଜୀବନ ଚାଲିଯିବ କେହି କହିପାରିବେ ନାହିଁ। ଯଦି ତୁମୁଡିବନ୍ଧ ବ୍ଲକରେ ଏହିପରି ହେଉଛି ତ ଉପାନ୍ତ ଅଂଚଳ କଥା ନ କହିବା ଭଲ। ସ୍ୱାଧୀନତାର ଆଉ କେତେବର୍ଷ ପରେ ବିଦ୍ୟୁତ ଖୁଂଟରେ ତାର ଯିବ ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ।

# ଜାନୁୟାରୀ ୨୬ ରେ ବଲାଙ୍ଗିର ସୋନପୁର ରେଳ ଚଳାଚଳ ଆରମ୍ଭ ହେଉ

ବଲାଙ୍ଗିର,୧୩/୦୭ (ନି.ପ୍ର): ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ପାଠାଗାର ସମ୍ମିଳନୀ କକ୍ଷରେ ଅଭିଭାବକ ମଂଚର କାର୍ଯ୍ୟକାରୀ କମିଟି ବୈଠକ ସଭାପତି ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ବଲାଙ୍ଗିର ରେଳପଥ ର ନିର୍ମାଣ କାମ ଏବେ ଖୋର୍ଦ୍ଧା ପଟୁ ଠିକ ଠାକ୍ ଚାଲୁଥିବା ବେଳେ ବଲାଙ୍ଗିର ପାଶ୍ୱର୍ରୁ ଧିମାଇ ଯାଇଥିବାରୁ ବୈଠକରେ ଉଦ୍ବେଗ ପ୍ରକାଶ ପାଇଥିଲା । ନିକଟରେ ପୂର୍ବତଟ ରେଳବାଇ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ମୁଖ୍ୟଯନ୍ତ୍ରୀ (ନିର୍ମାଣ) ଖୋର୍ଦ୍ଧା ବଲାଙ୍ଗିର ରେଳପଥ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇ ଯାଇଛନ୍ତି । ଏ ଦୃଷ୍ଟିରୁ ଆଗାମୀ ଜାନୁୟାରୀ ୨୬ ରେ ବଲାଙ୍ଗିର- ସୋନପୁର ରେଳ ଚଳାଚଳର ଶୁଭାରମ୍ଭ କରିବା ପାଇଁ ମଂଚ ଆଶା ପ୍ରକାଶ କରିଛି । ସେହି ପରି କଣ୍ଟାବାଞ୍ଜି - ନବରଂଗପୁର ରେଳପଥ କାମ ହାତକୁ ନେବା ଓ ବଲାଙ୍ଗିର ନୂଆଁପଡା ରେଳପଥ ପାଇଁ ସର୍ଭେ କାମ ଶିଘ୍ର ସମାପ୍ତ କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ବଲାଙ୍ଗିର ସହର ଦ୍ରୁତ ଗତିରେ ଚର୍ତୁପାଶ୍ୱର୍ରେ ସପ୍ରସାରଣ ହେଉଥିବାରୁ ସହର ମଧ୍ୟରେ ଗମନା ଗମନ ପାଇଁ ଟାଉନ ବସ ର ବ୍ୟବସ୍ଥା କଲେ ଜନସାଧାରଣ ଉପକୃତ ହୁଅନ୍ତେ ବୋଲି ମତ ପ୍ରକାଶ ପାଇଥିଲା ।

# ତୁମୁଡିବନ୍ଧ ବନ ବିଭାଗ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ, ସଚେତନତା ଓ ଚାରା ବିକ୍ରୟ କେନ୍ଦ୍ର

କନ୍ଧମାଳ ,୧୩/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ଅଧିନସ୍ଥ ତୁମୁଡିବନ୍ଧ ବନ ବିଭାଗ ରେଞ୍ଜ ପକ୍ଷରୁ ବିଭିନ୍ନ ସ୍ଥାନ ରେ ବନମହୋତ୍ସବ ପାଳିତ ହୋଇଥିଲା ।ଏହି ଅବସରରେ ବିଭିନ୍ନ ସ୍ଥାନ ରେ ବ୍ୟାପକ ବୃକ୍ଷ ରୋପଣ କରାଯିବା ସହ ସଚେତନ କରାଯାଉଛି । ରେଞ୍ଜ ଅଫିସର ଲଳିତ କୁମାର ନାୟକ ଙ୍କ ତତ୍ୱାବଧାନ ରେ ବୃକ୍ଷ ରୋପଣ ଓ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି । ରେଞ୍ଜ ଅଧିନସ୍ଥ ତୁମୁଡିବନ୍ଧ ଅଞ୍ଚଳ ରେ ଅନୁଷ୍ଠିତ ଚାରା ବିକ୍ରୟ କେନ୍ଦ୍ର, ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ସ୍ଥାନୀୟ ସରପଞ୍ଚ, ଶ୍ରୀମତୀ ପ୍ରିୟଙ୍କା ପୋଡ୍ରା ମୂଖ୍ୟ ଅତିଥୀ ଭାବେ ଯୋଗ ଦେଇ ଜଙ୍ଗଲ ସୁରକ୍ଷା କରିବା ସହ ଅଧିକ ରୁ ଅଧିକ ବୃକ୍ଷରୋପଣ କରିବାଲାଗି ପରାମର୍ଶ ଦେଇଥିଲେ। ସେହିପରିରେଞ୍ଜ ଅଫିସର ଲଳିତ ନାୟକ ଜଙ୍ଗଲ ରେ ନିଆଁ ନଲଗାଇବା ବନ୍ୟ ଜନ୍ତୁ ର ସୁରକ୍ଷା କରିବାନେଇ ସଚେତନ କରିଥିଲେ। ଆଉ ପ୍ରତ୍ୟେକ ଲୋକ ନିଜ ଜୀବନ କାଳରେ କିଛିକିଛି ଗଛ ଲଗାଇବା ସହ ତାକୁ ବଞ୍ଚାଇରଖିଲେ ଭବିଷ୍ୟ ପିଢ଼ି ପରିବେଶ ପ୍ରଦୂଷଣ ରୁ ରକ୍ଷା ପାଇବେ ବୋଲିତୁମୁଡିବନ୍ଧ ରେଞ୍ଜର ନାୟକ କହିଥିଲେ। ସେହିପରି ରେଞ୍ଜ ଅଫିସ ନିକଟ ରେ ଏକ ଚାରା ବିକ୍ରୟ କେନ୍ଦ୍ର ମଧ ଖୋଲାଯାଇଥିଲା। ଏହାକୁମୂଖ୍ୟ ଅତିଥୀ ସରପଞ୍ଚ ପ୍ରିୟଙ୍କା ପୋଡ୍ରକ୍ଷ ଶୁଭ ଉଦଘାଟନ କରିଥିଲେ। ଏଠାରେ ମାତ୍ର ଟଙ୍କା ଏ ମୂଲ୍ୟରେ ବିଭିନ ପ୍ରକାର ବୃକ୍ଷ ଚାରା ଓ ଫଳ ବୃକ୍ଷଆଦି ଅନେକ ପ୍ରକାର ଚାରା ବିକ୍ରୀ ହେଉଛି।

ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ରେଞ୍ଜ ଅଫିସର ଲଳିତ ନାୟକ ଙ୍କ ସମେତ ପରିବେଶ ବିତ, ପଦସ୍ତ ଅଧିକାରୀ, ବୁଦ୍ଧିଜୀବି ଙ୍କ ସମେତ , ବନ ପାଳ ଜ୍ୟୋତିରାଜ୍ ମଲ୍ଲିକ,ବନ ରକ୍ଷୀ ଦିଲୀପ ପ୍ରଧାନ, ମନ୍ମଥ ପରିଜା,ଶ୍ରୀରାମ ପଣ୍ଡା, ଓ ରବୀନ୍ଦ୍ର ପାତ୍ର,ହେମନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ରେଞ୍ଜ ଅଫିସର ଭାବେ ଲଳିତ ନାୟକ ଦାଇତ୍ୱ ଗ୍ରହଣ କରିବାପରେ୍ବାଲିଗୁଡ଼ା ଡି ଏଫ ଓ ବିଶ୍ୱରାଜ ପଣ୍ଡା ଙ୍କ ସଠିକ ପରାମର୍ଶ ଓ ସହଯୋଗ ଓ ଆଗ୍ରହ ଯୋଗୁଁ ଅଂଚଳରେ ରେ ବ୍ୟାପକ ବୃକ୍ଷ ରୋପଣ କରିବା ସହ ଜଙ୍ଗଲ ସୁରକ୍ଷା ସମ୍ପର୍କିତ ସଚେତନ ସୃଷ୍ଟି କରିଛନ୍ତି। ଜଙ୍ଗଲ ଯେପରି ନଷ୍ଟ ନ ହେବ, ଓ ବନ୍ୟଜନ୍ତୁ ଯେପରି ଅସୁରକ୍ଷିତ ନ ହେବେ ସେଥିପ୍ରତି ମଧ୍ୟଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି ରେଞ୍ଜର ଲଳିତ ନାୟକ। ସେହିପରି ଅବାଧ ଶିକାର କୁ ମଧ ରୋକ ଲଗାଇବାରେ ସଫଳ ହେଇଛନ୍ତି ରେଞ୍ଜର ନାୟକ।

# ଗ୍ରାହକଙ୍କୁ ଉପଯୁକ୍ତ ସେବା ମିଳୁନି : ଉଦିତନଗର ଏସବିଆଇ ଶାଖାରେ ଅଚଳାବସ୍ଥା

ରାଉରକେଲା,୧୩/୦୭ (ନି.ପ୍ର): ରାଉରକେଲା ସହରର ଏକ ମାତ୍ର ବୃହତ ଓ ସରକାରୀ ପେନସନଧାରୀ ବ୍ୟାଙ୍କ ଭାବେ ପରିଚିତ ଉଦିତ ନଗର ଶାଖାରେ ଏବେ ଲାଗିରହିଛି ଅଚଳାବସ୍ଥା। ପରିଚାଳକଙ୍କ ଚେୟାର ପ୍ରାୟ ଖାଲି, ଯଦି ବି ଦେଖା ହେଉଛନ୍ତି ଅମୁକା କରନ୍ତୁ ସମୁକା କରନ୍ତୁ, ସେ କାଉଁଟରକୁ ଯାଆନ୍ତୁ କହି ଦେଇ ଉଭାନ ହୋଇଯାଉଥିବାରୁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏକ ପ୍ରକାର ଏହି ବ୍ୟାଙ୍କରେ ପ୍ରଶାସନିକ ବ୍ୟବସ୍ଥା ଭୁଷୁଡି ପଡିଛି ବୋଲି ଗ୍ରାହକ ମାନେ ଅଭିଯୋଗ କରୁଛନ୍ତି । ଏହି ବ୍ୟାଙ୍କରେ ପ୍ରାୟ ୯୯ ଭାଗ ପେନସନଧାରୀ ନିଜ ପେନସନ ଟଙ୍କା ପାଇବା ସହ ନାନା ପ୍ରକାର ସରକାରୀ ଅର୍ଥ ମଧ ଏହି ବ୍ୟାଙ୍କ ଦେଇ ଲୋକେ ପାଆନ୍ତି । ତେବେ ଏଠାରେ ସବୁକିଛି ଠିକ ଠାକ ଚାଲିଥିବା ବେଳେ ପୁରାତନ ପରିଚାଳକ ବଦଳି ହେବା ପରେ ନୂତନ ପରିଚାଳକଙ୍କ ସଠିକ ସହଯୋଗ ଅଭାବ ତଥା ଅନ୍ୟ ଅଫିସର ମାନଙ୍କର କାମ ଉପରେ ତାଙ୍କର ନଜର ରହୁନଥିବାରୁ ଗ୍ରାହକ ମାନଙ୍କ ଲାଗି ସମସ୍ୟା ବଢିଚାଲିଛି । ବ୍ୟାଙ୍କରେ ପ୍ରବଳ ଭିଡ ହେବା ସହ ଏଠି କୋଭିଡ ବିହେଭିଅର ପ୍ରାୟ ଶୂନ । ନିକଟରେ ଜଣେ ବିଧବା ମହିଳା ମାନସିକ ଚାପରେ ସେ ଅସୁସ୍ଥ ରହି, ତାଙ୍କର ଖାତା ଅପଡେଟ ସହ ନୂଆଖାତା ଲାଗି ତାଙ୍କ ଲୋକ ଯିବାରୁ ପରିଚାଳକ କହିଲେ ଆକାଉଁଟ ହୋଲଡର ଲେଖିକି ଦିଅନ୍ତୁ । ସେଇଆ ହେଲା ଲେଖିକି ଆଣିବା ପରେ କହିଲେ ଅମୁକା କାଉଁଟରକୁ ଯାହାନ୍ତୁ । ସେଠି ଏକ ଘଂଟା ଠିଆ ହେବା ପରେ ସେଠି ଉତର ମିଳିଲା ପାଖ କାଉଁଟରକୁ ଯାଆନ୍ତୁ, ସେଠିକୁ ଜିବା ପରେ କୁହାଗଲା କେୱାଇସି ନାହିଁ, କେୱାଇସି କରାଯାଇଥିବା ସତ୍ୱେ ପୁଣି ଏହାର ଆବଶ୍ୟକତା ପଡିବା କଥାକୁ ଆସିଷ୍ଟାଂଟ ମ୍ୟାନେଜର ଜାଣିବା ପରେ ତୁରନ୍ତ ନିଜେ ଯାଇ ସମସ୍ତ କଥାର ସମାଧାନ କଲେ, ହେଲେ ମ୍ୟାନେଜର ମିଳିଲେ ନାହିଁ । ଏଠି ଗୋଟିଏ କାଉଁଟରରେ ଅନେକ କାମ ସାଙ୍ଗକୁ କାଉଁଟରରେ ବସୁଥିବା ଅଫିସର ମାନଙ୍କର ହାତ ଏତେ ଧୀର ଯେ, ଗୋଟାଏ ଟ୍ରାଂଜାକ୍ସନକୁ ୨୦ ମିନିଟ ଲାଗୁଛି । ଲମ୍ୱାଲାଇନରେ ଲୋକେ ଥିବାବେଳେ ଏଠିକାର ସୁରକ୍ଷାକର୍ମୀ ମୋଟା ପାର୍ଟୀ ମାନଙ୍କ ଚେକ୍ ନେଇ ଆଗତୁରା ସେମାନଙ୍କୁ ଟଙ୍କା ଉଠାଇବାରେ ସହଯୋଗ କରୁଥିବାରୁ ବିଚରା ୧୦୦୦ ଟଙ୍କା ଲାଗି ଧାଡିରେ ଠିଆ ହୋଇଥିବା ଗ୍ରାହକ ନୟାନ୍ତ ହୋଇ ପଡୁଛନ୍ତି । ବର୍ତମାନ ଏହି ବ୍ରାଂଚରେ ପୁରୁଣା ପାଶ ବୁକର ପ୍ରଚଳନ ଚାଲିଥିବା ବେଳେ ସମସ୍ତ ଟ୍ରାଂଜାକ୍ସନ ଆଜିକାଲି ଅନଲାଇନ ହେବା ପରେ ଏହାର ପରିମାଣ ବଢିଛି । ତେଣୁ ଖାତା ଗୁଡିକ ଶିଘ୍ର ମଧ ସରୁଛି, ତେଣୁ ଏହି ଖାତାର ପୃଷ୍ଠା ସଂଖ୍ୟା ବଢା ନଯାଇ ସେହି ୧୨/୧୫ ପେଜରେ ସୀମିତ ରଖା ଯାଉଥିବାରୁ ଖାତା ଶିଘ୍ର ସରୁଛି ଓ ନୂଆ ଖାତା ଲାଗି ଲୋକେ ଘଂଟା ଘଂଟା ଠିଆ ହେଉଛନ୍ତି । ଏହି ବ୍ୟାଙ୍କ ଏଭଳି ଯାଗାରେ ରହିଛି ଯେ, ଏଠାରେ ଗାଡି ରଖିବା ବହୁ କଷ୍ଟକର, କାର ଯିବା ଲାଗି ଅନେକ ସମସ୍ୟା, ତା ଭିତରେ ଯଦି ବ୍ୟାଙ୍କ ଭିତରେ ଏଭଳି ଅବ୍ୟବସ୍ଥା ଲାଗି ରୁହେ ତେବେ ୧ ନମ୍ବର ଗ୍ରାହକ ସେବା ନାମରେ ଡେଙ୍ଗୁରା ପିଟିବାର ମାନେ କଣ ରହିଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ଲଗାଣ ବର୍ଷା ଯୋଗୁଁ ସ୍କୁଲରେ ଆଣ୍ଠୁଏ ପାଣି

ଜୟପୁର,୧୩/୦୭ (ନି.ପ୍ର): ଜୟପୁର ସହରର କୁନ୍ଦାରିଗୁଡା ପ୍ରାଥମିକ ବିଦ୍ୟାଳୟର କ୍ଲାସ ରୁମରେ ଆଣ୍ଠୁଏ ପାଣି ଜମି ରହିଛି। ଦୀର୍ଘ ୩ ଦିନ ହେବ ଲଗାଣ ବର୍ଷା ଜାରି ରହିଥିବା ବେଳେ ବିଦ୍ୟାଳୟରେ କ୍ଲାସ ରୁମରେ ବର୍ଷା ପାଣି ଗଳୁଛି । ଫଳରେ ପିଲାମାନେ ପାଠ ପଢିବା ଓ ମଧ୍ୟାହ୍ନ ଭୋଜନ ଖାଇବାକୁ ମଧ ଅସୁବିଧା ହେଉଛି । ବିଦ୍ୟାଳୟରେ ୪ଟି ଶ୍ରେଣୀ ଗୃହ ଥିବା ବେଳେ ୧୫୭ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ପ୍ରଥମ ଠାରୁ ପଞ୍ଚମ ଯାଏ ଶିକ୍ଷା ଦାନ ହେଉଛି । ୫ ଜଣ ଶିକ୍ଷକ ଶିକ୍ଷୟତ୍ରୀ ମଧ ଅଛନ୍ତି । କ୍ଲାସରୁମରେ ପାଣି ଯୋଗୁଁ ଛାତ୍ର ଛାତ୍ରୀମାନେ ନାହିଁ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଲକ୍ଷ୍ୟ କରାଯାଇଛି ।

# ୪୦ କେନ୍ଦୁ ଗଣ୍ଡି ସହିତ ବଲେରୋ ଜବତ, ୨ ଗିରଫ

ବଲାଙ୍ଗିର,୧୩/୦୭ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଯଏଁତରା ଫରେଷ୍ଟ ସେକ୍ସନ୍ ଅନ୍ତର୍ଗତ ଅଁତର୍ଲା ଠାରେ ଫରେଷ୍ଟର ଧୃବଚରଣ ବଗର୍ତୀଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ସୁମନ୍ତ ଧରୁଆ ଓ ଅନ୍ୟାନ୍ୟ ଷ୍ଟାଫଙ୍କ ସହଯୋଗରେ ୪୦ ଖଣ୍ଡ ଚୋରା କେନ୍ଦୁକାଠ ଗଣ୍ଡି ଚାଲାଣ ହେଉଥିବା ଏକ ବଲେରୋ ପିକଅପ୍ ରେଜିଷ୍ଟ୍ରେସନ ନଂ ଓଆର୍ ୦୩ ଡି ୦୮୦୭ କୁ ମୁରିବାହାଲ ଜଙ୍ଗଲ ବିଭାଗ ଗତକାଲି ଧରିବାରେ ସଫଳ ହୋଇଥିବା ସୂଚନା ମିଳିଛି। ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଅଭିଯୁକ୍ତ ଦ୍ୱୟ ହେଲେ ଲୋଇସିଙ୍ଗା ବ୍ଲକ ନୂଆଁପାଲି ଗ୍ରାମ ବାସିନ୍ଦା ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ପୁଅ ଜଗଦୀଶ ବାରିକ (୩୪) ଏବଂ ବରଗଡ ଜିଲ୍ଲା ଟେମେରି ଗ୍ରାମର ବାହାର ପୋଡଙ୍କ ପୁଅ ଛବିଲା ପୋଡ ୩୨ ବର୍ଷ । ଅଭିଯୁକ୍ତ ଦ୍ୱୟଙ୍କୁ ଆଜି କୋର୍ଟଚାଲାଣ କରାଯିବ ବୋଲି ଫରେଷ୍ଟର ବଗର୍ତୀ ସୂଚନା ଦେଇଛନ୍ତି। ପୁରୁଣା ବଲେରୋ ପିକ୍ଅପ୍ ଗାଡି ୨୦୦୬ ମସିହାର ରେଜିଷ୍ଟ୍ରେସନ ହୋଇଥିବା ବେଳେ ଏହାର ଫିଟନେସ୍, ଇନସୁରେନ୍ସ କିଛିନଥିବା ଫରେଷ୍ଟର ସୂଚାଇଥିଲେ। ଷ୍ଟାଫ ଅଭାବ ସତ୍ୱେ ଚୋରାକାଠ ବ୍ୟବସାୟୀଙ୍କୁ କାବୁ କରିବା ଦିଗରେ ପଦକ୍ଷେପ ଫରେଷ୍ଟର ବଗର୍ତୀଙ୍କ ସଫଳ ଉଦ୍ୟମକୁ ଚାରିଆଡେ ପ୍ରଶଂସା କରାଯାଉଛି।

# ବନଶୁଳି ଗ୍ରାମବାସୀଙ୍କ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

ଜୟପୁର,୧୩/୦୭ (ନି.ପ୍ର): କୋଟପାଡ ବ୍ଲକ ଅନ୍ତର୍ଗତ ବନଶୁଳି ଗ୍ରାମର ଗ୍ରାମବାସୀ ମଣ୍ଡିରେ ଧାନ କିଣା ବିକାରେ ହେରଫେର ଅଭିଯୋଗ ନେଇ ଜୟପୁର ସ୍ଥିତ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ କୁ ଘେରାଉ କରିଛନ୍ତି। ବନଶୁଳି ଗ୍ରାମରରେ ଚାଲିଥିବା ୨ଟି ମଣ୍ଡି ଝାଡେଶ୍ୱର ପାଣି ପଂଚାୟତ ଓ ଲକ୍ଷ୍ମୀ ନାରାୟଣ ଏସଏସଜି ଗ୍ରୁପ୍ ଚଲାଉଛନ୍ତି । ଏହି ୨ଟି ଗ୍ରୁପ୍ ଚାଷିର ଜମି ପଟ୍ଟା ନେଇ ଚାଷୀକୁ ଟୋକେନ ଦେଉ ନାହାନ୍ତି । ଯଦି ଗୋଟିଏ ଚାଷୀର ୮ ଏକର ଜମି ରହିଛି ତେବେ ଏକର ପିଛା ରବି ଫସଲ ଅନୁଯାଇ ୧୨ କ୍ୱିଣ୍ଟାଲ ଧାନର ଟୋକେନ ମିଳିବା କଥା କିନ୍ତୁ ଏହି ୨ଟି ଗ୍ରୁପରେ ଥିବା କିଛି ଅଶାଧୁ ବେପାରିଙ୍କ ନାମରେ ବାକି ଟୋକେନ କରାଯାଇଛି । ଯଦ୍ୱାରା ପ୍ରକୃତ ଚାଷୀ ତାର ଉପଯୁକ୍ତ ଟୋକେନ ପାଇପାରୁ ନାହିଁ । ଦୀର୍ଘ ୨ ବର୍ଷ ହେବ ଏଭଳି ଅସାଧୁ କାର୍ଯ୍ୟ ଚାଲୁଛି । ତେଣୁ ଏହି ୨ଟି ଗ୍ରୁପ୍ ଧାନ ମଣ୍ଡି ଦାୟିତ୍ୱରୁ ମୁକ୍ତ କରି ଅନ୍ୟ ଗ୍ରୁପ୍ କିମ୍ବା ଲ୍ୟାମ୍ପକୁ ଦିଆଯାଉ ବୋଲି ଭିମଶେନ ବିଷୋୟୀ.ଶଙ୍କର ବିଷୋୟୀ, ଗୌର ଚନ୍ଦ୍ର ବିଷୋୟୀ ପ୍ରମୁଖ ଦାବୀ କରିଛନ୍ତି ।

# ମିଡିଆ ହାଉସ ଓ ଆମ ପୋଲିସ ସମିତି ପକ୍ଷରୁ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଗଞ୍ଜାମ,୧୩/୦୭ (ନି.ପ୍ର): ଶେରଗଡ ଥାନା ପରିସରରେ ଶେରଗଡ ମିଡିଆ ହାଉସ ଓ ଆମ ପୋଲିସ ସମିତି ପକ୍ଷରୁ ମାଟ୍ରିକ ପରୀକ୍ଷାରେ ବ୍ଲକରୁ ଟପ୍ପର ହୋଇଥିବା ୪ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବକୁ ମିଡିଆ ହାଉସ ର ଦିଗଦ୍ରଷ୍ଟା ମେଘନାଦ ଦାସ ପରିଚାଳନା କରିଥିବାବେଳେ ଉପଦେଷ୍ଟା ଡାକ୍ତର ହୃଷିକେଶ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଆସିକା ଏସଡିପିଓ ଉମାଶଙ୍କର ସିଂହ, ସ୍ଥାନୀୟ ତହସିଲଦାର ଡଃ. ଦୟାସିନ୍ଧୁ ପରିଡା, ବିଡ଼ିଓ ମନୋରଞ୍ଜନ ସାହୁ, ଥାନାଧିକାରୀ ମନୋଜ କୁମାର ପ୍ରଧାନ,ଏବିଇଓ ସୌରୀଶଙ୍କର ବେହେରା ଓ ଶୈଳେନ୍ଦ୍ରୀ ଦଳେଇ ପ୍ରମୁଖ ମଂଚାସୀନ ଥିଲେ। ପ୍ରଥମ ସ୍ଥାନରେ ପିତଳ ଉଚ୍ଚ ବିଦ୍ୟାଳୟର ଛାତ୍ର ବି.ଶୁଭମ ପାତ୍ର, ଦ୍ୱିତୀୟ ସ୍ଥାନରେ ଗୋଠଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ନିରାକାର ଖଣ୍ଡୁଆଳ, ତୃତୀୟ ସ୍ଥାନରେ ଗୋଠଗାଁ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଇତିଶ୍ରୀ ସ୍ୱାଇଁ, ଚତୁର୍ଥ ସ୍ଥାନରେ ପିତଳ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦିପ୍ତିରାଣୀ ଖଣ୍ଡୁଆଳଙ୍କୁ ଉତରୀୟ, ଫୁଲତୋଡା, ମାନପତ୍ର ଏବଂ ଟ୍ରଫି ଦେଇ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।

ଏହି ସମ୍ବର୍ଦ୍ଧନା ଉତ୍ସବରେ ମିଡିଆ ହାଉସର ସଂପାଦକ ଶଙ୍କର ପ୍ରସାଦ ପ୍ରଧାନ ଓ ଅଶୋକ କୁମାର ଦାସ, ଉପସଭାପତି ଅଜିତ କୁମାର ପଣ୍ଡା ଓ ବିଚିତ୍ରାନନ୍ଦ ମୁନି, କୋଷାଧକ୍ଷ ଶ୍ରୀପଦ କୁମାର ଦାସ, ସହସଂପାଦକ ରମେଶ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ମହାନ୍ତି, ବିରୁପାକ୍ଷ ବିଷୋୟୀ, ମୋହନ ପ୍ରସାଦ ପଣ୍ଡା, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ରାଜୀବ ପ୍ରଧାନ, ବାପୁନୀ ସେଠିଙ୍କ ସହ କୃତୀ ଛାତ୍ରଛାତ୍ରୀଙ୍କ ପିତାମାତା ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ।

# ଶୁଣିଲାନି ପ୍ରଶାସନ, ଗାଁ ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

ମାଲକାନଗିରି,୧୩/୦୭ (ନି.ପ୍ର): ଶୁଣିଲାନି ପ୍ରଶାସନ । ନିଜ ଗ୍ରାମର ଅଧପନ୍ତରିଆ ରାସ୍ତାକୁ ନିର୍ମାଣ କଲେ ଗ୍ରାମବାସୀ । ଏପରି ଏକ ଘଟଣା ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତାପାରି - ୩ ପଚାଂୟତର ନୂଆଗୁଡା - ବି ଗ୍ରାମରେ ଦେଖିବାକୁ ମିଳିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଆଜିକୁ ଦୀର୍ଘ ୨୦ ବର୍ଷ ତଳେ ବାଲିମେଳା ସହରର ପ୍ରଭାକର ଛକ ଠାରୁ ନୂଆଗୁଡା - ବି କୁ ସଂଯୋଗ କରୁଥିବା ରାସ୍ତାଟି ଖାଲଖମାରେ ପରିପୂର୍ଣ୍ଣ ହୋଇ ମରଣଯନ୍ତାରେ ପରିଣତ ହୋଇଛି। ଏ ନେଇ ଗ୍ରାମବାସୀ ନିଜ ୱାର୍ଡସଭ୍ୟଙ୍କ ଠାରୁ ଆରମ୍ଭ କରି ସରପଂଚ ଏବଂ ବ୍ଲକ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା । ତେବେ ଏହି ଗ୍ରାମର ୫୦ ପରିବାର ନିଜ ଦୈନନ୍ଦିନ କାର୍ଯ୍ୟ ନିମନ୍ତେ ବାଲିମେଳା ସହରକୁ ଆସିଥାନ୍ତି । ଗ୍ରାମର ପିଲାମାନେ ମଧ ସ୍କୁଲ କଲେଜ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ତଥାପି ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରିଲାନି ରାସ୍ତା, ତେଣୁ ଶେଷରେ ବାଧ ହୋଇ ଗ୍ରାମବାସୀ ନିଜ ନିଜ ମଧରେ ଚାନ୍ଦା ଆଦାୟ କରି ଟ୍ରାକ୍ଟର ଯୋଗେ ମେଟାଲ ଆଣିବା ସହ ମୋରମ, ମାଟି ପକାଇ ନିଜେ ଶ୍ରମିକ ସାଜି ଗାଁ ରାସ୍ତା ନିର୍ମାଣ କରିଛନ୍ତି । ସୂଚନାଥାଉ କି, ବହୁ ଅଭିଯୋଗ ସତ୍ୱେ ମଧ ପ୍ରଶାସନ କର୍ଣ୍ଣପାତ ନ କରିବାରୁ ଗ୍ରାମବାସୀ ସାମୂହିକ ଦୃଷ୍ଟିକୋଣରୁ ଏଭଳି ନିଷ୍ପତି ନେଇଥିବା ଜଣାଯାଇଛି।

# ବିଜେପିର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡା ,୧୩/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଭାରତୀୟ ଜନତା ପାର୍ଟିର ଚତୁର୍ଥ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୂଆପଡା ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପ୍ରବକ୍ତା ତଥା ଜିଲ୍ଲା ପ୍ରଭାରୀ ଡ଼ଃ ଜତିନ କୁମାର ମହାନ୍ତି ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, ଅଲେଖ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ, ମାନସ ମହାନ୍ତି, ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ସାଙ୍ଗଠନିକ ବିସ୍ତାର ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ । ଏଥିରେ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରାଯାଇ ବିଜେଡି ସରକାର ଜିଲ୍ଲାକୁ ସବୁ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରୁଥିବା ଦର୍ଶାଯାଇଛି । ଜିଲ୍ଲାରେ ୫ଜଣ ବିଜେଡି ବିଧାୟକ ଓ ୨ଜଣ ମନ୍ତ୍ରୀ ଥିବାବେଳେ ଜିଲ୍ଲାର ବିକାଶ କାହିଁକି ହୋଇପାରୁ ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିଭଳି କୃଷି ଓ ପର୍ଯ୍ୟଟନ କ୍ଷେତ୍ରରେ କୌଣସି ଆଖି ଦୁର୍ଶିଆ ଯୋଜନା ନଥିବାରୁ ଜିଲ୍ଲାର ଅନେକ ଯୁବକ ଦାଦନ ଖଟିବାକୁ ଯାଉଥିବା ଅଭିଯୋଗ କରାଯାଇଛି । ଜିଲ୍ଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ସବୁ କ୍ଷେତ୍ରରେ ପିସି କାରବାର, ମନରେଗା ଦୁର୍ନିତି, କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବାରେ ରାଜନୀତି କରଣ ଆଦି ବିରୋଧରେ ଦଳ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ନିଷ୍ପତି ନିଆଯାଇଛି । କାର୍ଯ୍ୟକ୍ରମକୁ ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ସଂଯୋଜନା କରିଥିବା ବେଳେ ସାଧାରଣ ସଂପାଦକ ଶଶାଙ୍କ ଶେଖର ସେଠୀ, ଉପ ସଭାପତି ଉପୀନ ରାଉତ, ଅମିତାବ ସୁଆର, ବିକ୍ରମାଦିତ୍ୟ ସାହୁ, ଦୁର୍ଗା ପ୍ରସନ୍ନ ନାୟକ, ବୁରହାନ୍ ଅଲ୍ଲୀ, ସଲିମ ଖାନ, ସରୋଜକାନ୍ତ ନାୟକ, ଦିଲିପ ଦାଶ, ପ୍ରଦେଶ ନାୟକ, ରଞ୍ଜିତ ଆଚାର୍ଯ୍ୟ, ପ୍ରିୟଦର୍ଶନୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଉପ ସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଦିପ ବାରିକ, ନମିତା ବଳ, ବନ୍ଦନାରାଣୀ ରାଉତରାୟ ଓ ଲିଜାରାଣି ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସାଂସଦ ମହେଶ ସାହୁଙ୍କ ଦ୍ୱାରା ସେବାୟତ ସମ୍ବର୍ଦ୍ଧିତ

ଭୁବନ,୧୩/୦୭ (ନି.ପ୍ର): ଚଳିତ ବର୍ଷ ଭୁବନରେ ରଥଯାତ୍ରା ଓ ବାହୁଡା ଯାତ୍ରା ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସଂପନ୍ନ ହୋଇଥିବାରୁ ବରିଷ୍ଠ ସେବାୟତଙ୍କ ସମେତ ସଂକୀର୍ତନ ମଣ୍ଡଳୀ କର୍ମକର୍ତା ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଥମ ଥର ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସଦ ମହେଶ ସାହୁ ପ୍ରଥମେ ମହାପ୍ରଭୁ ଜଗନ୍ନାଥ ଙ୍କୁ ଦର୍ଶନ କରିଥିଲେ ଓ ପରେ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଥଯାତ୍ରାରେ ପ୍ରମୁଖ ସେବା, ଶୃଙ୍ଖଳା ଓ ସହଯୋଗ ପାଇଁ ଆଇଆଇସି ସୌଭାଗ୍ୟ କୁମାର ସ୍ୱାଇଁ, ଅଗ୍ନିଶମ ଅଧିକାରୀ ମନୋରଂଜନ ବିଶ୍ୱାଳ, ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ, ସେବାୟତ ଓ ସଂକୀର୍ତନ ମଣ୍ଡଳୀଙ୍କୁ ପ୍ରଶଂସାପତ୍ର ସହିତ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ତଥା ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧକ୍ଷତା ଓ ଦିଲ୍ଲୀପ କୁମାର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଆଦ୍ୟ ସେବକ ରାମଚନ୍ଦ୍ର ରାଉତ, ବରିଷ୍ଠ ସେବାୟତ ତୁଷାରକାନ୍ତି ମିଶ୍ର, ଉପଦେଷ୍ଟା ଗୋପୀନାଥ ମହାନ୍ତି, କାଉନସିଲର ପପୁ କୁମାର ସାହୁ, ଗିରିଧାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସାଇବର ଠକେଇ ଉପରେ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୧୩/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ (ଏସ.ଏସ.ଡ଼ି ) ଉଚ୍ଚ ମାଧମିକ ବିଦ୍ୟାଳୟ ଠାରେ ନେହେରୁ ଯୁବକେନ୍ଦ୍ର ଓ ଯୁବ ରେଡକ୍ରସ୍ ପକ୍ଷରୁ ସାଇବର ଠକେର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ଅଧକ୍ଷ ଅଶୋକ କୁମାର ସ୍ୱର୍ଣ୍ଣକାର ସଭାପତିତ୍ୱ କରିଥିବା ବେଳେ ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ହରିଶ୍ କୁମାର ରୁପାଲ, ଜିଲ୍ଲା ଯୁବ ରେଡକ୍ରସ୍ ର ଆବାହକ ଡଃ. ରଞ୍ଜନ କୁମାର ସ୍ୱାଇଁ, ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟର ଇତିହାସ ଅଧାପକ ଅଭୟ କୁମାର ପାତ୍ର, ବିଦ୍ୟାଳୟ ର ସମସ୍ତ ଅଧାପକ, ଅଧାପିକା ତଥା ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଅଧକ୍ଷ ସାଇବର ଠକେଇ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ସମ୍ୟକ ଦିଗଦର୍ଶନ ଦେଇଥିଲେ ଏବଂ ପରେ ଜିଲ୍ଲା ଯୁବ ଅଧିକାରୀ ଓ ଜିଲ୍ଲା ଯୁବ ରେଡକ୍ରସ୍ ର ଆବାହକ ଶ୍ରୀ ସ୍ୱାଇଁ ସାଇବର ଠକେର ଉପରେ ବହୁ ମୂଲ୍ୟଭିତ୍ତିକ ତଥ୍ୟ ପ୍ରଦାନ କରିବା ସହ ସାମ୍ପ୍ରତିକ ପରିସ୍ଥିତିରେ କିଭଳି ଭାବେ ସମସ୍ତେ ଏଭଳି ଠକେଇରୁ ବିରତ ରହିବେ ଏବଂ ଅନ୍ୟମାନଙ୍କୁ କିପରି ସଚେତନ କରାଇବେ ତାହା ଉପରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ । ପରିଶେଷରେ ବିଦ୍ୟାଳୟର ଯୁବ ରେଡକ୍ରସ୍ ସଂଯୋଜକ ଶଶାଙ୍କ ଶେଖର ପଟ୍ଟନାୟକ ମଂଚାସୀନ ଅତିଥି ତଥା ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏମଭି - ୭୯ ଅମୃତ ସରୋବର ହୁଡାରେ ଲାଗିଲା ୩୦ ନଡ଼ିଆ ଗଛ

ମାଲକାନଗିରି,୧୩/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ତାଣ୍ଡବାଇ ପଚାଂୟତର ମାଲକାନଗିରି - ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର ଏମଭି -୭୯ ରାସ୍ତା କଡରେ ଆଜାଦି କା ଅମୃତ ମହୋତ୍ସବ ଉପଲକ୍ଷେ ଅମୃତ ସରୋବର ପୋଖରୀ ନିର୍ମାଣ ହେଉଛି । ଏହି ସରୋବରକୁ ସୁନ୍ଦର କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ସରୋବର ହୁଡାରେ ୩୦ ଟି ନଡ଼ିଆ ଗଛ ଲଗାଯାଇଛି । ସରୋବରର ଚାରିପଟେ ୧୩୦ ଟି ନଡ଼ିଆ ଗଛ ଲଗାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପରିତୋଷ ସରକାର, ଦୀପକ ଦତ, ସମୀର ସରକାର, ମାଲା ବରମ ବିଜେପି ମଣ୍ଡଳ ଅଧକ୍ଷ ନାରାୟଣ ସରକାର, ସୁକୁମାର ମଣ୍ଡଳ, ବିଶ୍ୱଜିତ ସର୍ଦାର, ସଞ୍ଜୟ ଦାସ ପ୍ରମୁଖ ଗଛ ଲଗାଇ ଥିଲେ।

# ଖଡ଼ିଆଳ ମଡେଲ ଡିଗ୍ରୀ କଲେଜ ହଷ୍ଟେଲ ନିର୍ମାଣ ଶେଷ, ଛାତ୍ରଛାତ୍ରୀ ରହିବା ଅପେକ୍ଷାରେ

ନୂଆପଡ଼ା,୧୩/୦୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ ମଡେଲ ଡିଗ୍ରୀ କଲେଜ ନୂଆପଡା ଠାରେ ଛାତ୍ରଛାତ୍ରୀ ରହିବା ପାଇଁ ଦୁଇ ଗୋଟି ହଷ୍ଟେଲ ନିର୍ମାଣ ହୋଇ କାର୍ଯ୍ୟ ଶେଷ ହୋଇଥିବା ବେଳେ ସାମାନ୍ୟ କାମ ବକେୟା ରହିଥିବା ଜଣାପଡିଛି। ପୁରୁଷ ହଷ୍ଟେଲରେ ୬୦ ଜଣ ଛାତ୍ର ରହିବା ବ୍ୟବସ୍ଥା ରହିଥିବା ବେଳେ ମହିଳା ହଷ୍ଟେଲରେ ୪୦ ଜଣ ଛାତ୍ରୀଙ୍କ ରହିବା ପାଇଁ ବ୍ୟବସ୍ଥା ରହିଛି। ତେବେ ହଷ୍ଟେଲ ସୁବିଧା ନଥିବାରୁ ଉଭୟ ଛାତ୍ର ଛାତ୍ରୀ ମାନେ ଅଧିକ ଖର୍ଚ୍ଚାନ୍ତ ହେଉଥିବା ଜଣାପଡିଛି। ଏହି ହଷ୍ଟେଲକୁ କେବଳ ବିଦ୍ୟୁତ ଏବଂ ପାନୀୟ ଜଳ ବ୍ୟବସ୍ଥା ହେବାକୁ ଥିବାବେଳେ ଏହି ସମନ୍ୱୟ କାର୍ଯ୍ୟ ପାଇଁ ଛାତ୍ର ଛାତ୍ରୀ ମାନେ ସୁବିଧା ଥାଇ ମଧ ସେବାରୁ ବଂଚିତ ରହିଯାଉଛନ୍ତି। ତୁରନ୍ତ ପଦକ୍ଷେପ ନେବା ପାଇଁ ପୂର୍ତ ଓ ଗୃହ ନିର୍ମାଣ ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲୁ। ଠିକାଦାର କାର୍ଯ୍ୟ କରିବା ପାଇଁ ବିଭାଗ ପକ୍ଷରୁ ପତ୍ରାଳାପ ହୋଇଅଛି। ଶିଘ୍ର କାମ ହେବ ବୋଲି ସେ କହିଥିଲେ। ତେବେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଛି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ଗୁରୁବାର, ଜୁଲାଇ ୧୪, ୨୦୨୦

# ମାରାତ୍ମକ ନିଃସଙ୍ଗତା

ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାଯାଇଛି ଯେ ହୃଦରୋଗୀମାନଙ୍କ କ୍ଷେତ୍ରରେ ନିଃସଙ୍ଗତା ଘାତକ ହୋଇପାରେ । ଡେନମାର୍କର କୋପେନହେଗନ ବିଶ୍ୱବିଦ୍ୟାଳୟ ହସପିଟାଲରେ ଜଣେ ପିଏଚଡି ଛାତ୍ର ଏର୍ନିଓ୍ୱନଗାର୍ଡ କ୍ରିଷ୍ଟେନସେନଙ୍କ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାଯାଇଛି, ନିଃସଙ୍ଗତା କାରଣରୁ ଲୋକଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ସମସ୍ୟା ଏବଂ ରୋଗ ବଢୁଛି । ବିଶେଷକରି ଏହା ହୃଦଯନ୍ତ୍ର ସଂକ୍ରାନ୍ତ ଅସୁସ୍ଥତା ସୃଷ୍ଟି କରୁଛି । ତେବେ ଏକାକୀ ରହିବା ଅପେକ୍ଷା ନିଃସଙ୍ଗତା ଅନୁଭବ କରୁଥିବା ବ୍ୟକ୍ତିଙ୍କ ସ୍ଥିତି ବେଶୀ କ୍ଷତିକାରକ । ଏକା ରହୁଥିବା ମଣିଙ୍କେ ଅପେକ୍ଷା ଏମାନେ ଶୀଘ୍ର ମୃତ୍ୟବରଣ କରିଥାନ୍ତି । ଏମାନଙ୍କର ଚିନ୍ତା ଏବଂ ଅବସାଦରେ ଆକ୍ରାନ୍ତ ହେବା ତିନିଗୁଣ ଅଧିକ ଦେଖାଯାଇଥାଏ । ଯାହା ଜୀବନର ଗୁଣାତ୍ମକ ମାନ ହ୍ରାସ କରିଚାଲେ ।





## ଅବସାଦର ମୁଖ୍ୟ କାରଣ:

ଏକୁଟିଆ ମଣିଷ ବେଶୀ ଚିନ୍ତା କରନ୍ତି । ବୃଥାରେ ଅଧିକ ଚିନ୍ତା କରିବା ଦ୍ୱାରା ଅବସାଦର ସ୍ଥିତି ସୃଷ୍ଟି ହୁଏ, ଯାହା ହୃଦଯନ୍ତ୍ର ପାଇଁ ବିପଜ୍ଜନକ । ଆଜିକାଲି ସହରଗୁଡ଼ିକ ସହିତ କେତେକ ଗ୍ରାମରେ ମଧ୍ୟ ଆଧୁନିକ ଜୀବନଶୈଳୀ ତଥା ପରିବର୍ତ୍ତିତ ମୂଲ୍ୟବୋଧ ଯୋଗୁ ଅଧିକାଂଶ ଲୋକ ଏକାକୀ ରହିବାକୁ ବାଧ୍ୟ ହେଉଛନ୍ତି । ଲୋକେ ସୋସିଆଲ ମିଡିଆରେ ଯେତେ ସକ୍ରିୟ ରହୁଛନ୍ତି, ପ୍ରକୃତ ଜୀବନରେ ସେତିକି ନିଃସଙ୍ଗ । ଏହା ମସ୍ତିଷ୍କ ଉପରେ ଖୁବ ନକରାତ୍ମକ ପ୍ରଭାବ ପକାଇଥାଏ ।

## କ'ଣ କରିବେ:

ନିୟମିତ ଯୋଗ, ବ୍ୟାୟାମ ତଥା ଧ୍ୟାନ କରିବା ଦ୍ୱାରା ମାନସିକ ଉଦବେଗରୁ ମୁକ୍ତି ମିଳିପାରିବ । ଷ୍ଟ୍ରେସ ବା ଚିନ୍ତାରୁ ମୁକ୍ତି ପାଇବା ଲାଗି ପର୍ଯ୍ୟାପ୍ତ ସମୟ ଶୋଇବାକୁ ହୋଇଥାଏ । ଏହା ଅଭାବରେ ରକ୍ତ ଶର୍କରା, ରକ୍ତଚାପ ବଢ଼ି ଏକାଧିକ ରୋଗ ସୃଷ୍ଟିକରେ। ପାଣି ପିଇବା ଦ୍ୱାରା ଟେନସନ୍ କମେ । ତେଣୁ ଉଦବେଗ ବଢ଼ିଲେ ପ୍ରଚୁର ପାଣିପିଅନ୍ତୁ । ମନକୁ ଖୁସି ରଖିବାର ଚେଷ୍ଟା କରନ୍ତୁ । କାମ ଯେତେ କଲେ ମଧ୍ୟ ତା ଭିତରେ ମନ ଖୁସି କରିବା ଲାଗି ଗୀତ ଶୁଣନ୍ତୁ, ଫିଲ୍ମ ଦେଖିବାକୁ ଯାଆନ୍ତୁ, ଖେଳନ୍ତୁ, ବନ୍ଧୁ ପରିବାରବର୍ଗଙ୍କ ସହ କିମ୍ବା କୌଣସି ବିଶେଷ ବନ୍ଧୁଙ୍କ ସହିତ ଗପସପ କରନ୍ତୁ ନଚେତ ବୁଲିବାକୁ ବି ଯାଇପାରନ୍ତି । ବହୁବାର ଲୋକେ ନିଃସଙ୍ଗତା ପାଇଁ ନିଜକୁ ଦାୟୀ କରନ୍ତି । ସେମାନେ ଧରିନିଅନ୍ତି ଯେ ଅନ୍ୟମାନଙ୍କ ପାଖରେ ତାଙ୍କର କୌଣସି ମୂଲ୍ୟ ନାହିଁ । କିନ୍ତୁ ପରିସ୍ଥିତି ପାଇଁ ନିଜକୁ ବା ଅନ୍ୟକୁ ଦୋଷୀ କରିବା ବଦଳରେ ଏହାକୁ ସାମନା କରିବା ଜରୁରୀ

## ଏକାପଣ ଖରାପ ନୁହେଁ:

ଏକଲା ବା ନିଃସଙ୍ଗ ହୋଇ ରହିବାର କେବଳ ନକରାତ୍ମକ ପ୍ରଭାବ ନାହିଁ । ଏହାର ସକାରାତ୍ମକ ଦିଗକୁ ଦୃଷ୍ଟି ଦେଇପାରନ୍ତି । ଏହା ସମ୍ପର୍କରେ ଉପୁଜିଥିବା ସମସ୍ୟାକୁ ଠାବ କରି ସମାଧାନ କରିବାର ଇଚ୍ଛା ସୃଷ୍ଟି କରାଏ ତଥା ଉପାୟ ଖୋଜିବାରେ ସାହାଯ୍ୟ କରେ । ନିଜକୁ ଆବିଷ୍କାର



କରିବାର ସୁଯୋଗ ଦିଏ । ଫଳରେ ଭବିଷ୍ୟତର ଯୋଜନା ସଫଳ ସହଜ ହୋଇପାରେ ।

# ରିଅନ ଓ କଟନ ସିଲ୍କ



ସରାରା, ଗରାରା ପୋଷକ ଆଗରେ ରହିଛି । ସେହିଭଳି ଏହି ସବୁ ପ୍ରତିଦିନ ପରିଧାନରେ ଚାଲୁଥିବା ବେଳେ ଖରାଦିନ କୌଣସି ଉତ୍ସବରେ ପିନ୍ଧିବା ପାଇଁ ଉକ୍ତ କପଡ଼ାରେ ଗାଉନ ବିଭିନ୍ନ ପ୍ରକାର ଡିଜାଇନ କରି ପିନ୍ଧି ହେବ । ଯାହାକି ଗରମ ଦାଉରୁ ରକ୍ଷା ପାଇ ହେବ । ସେହିଭଳି ଜିନସ ପିନ୍ଧୁଥିବା ଝିଅମାନେ ସର୍ଟ କୁର୍ତ୍ତା ସହ ବିଭିନ୍ନ ଡିଜାଇନର କଟନ, ରିଅନ କପଡ଼ାରେ ସ୍କାର୍ଫ ବ୍ୟବହାର କରିପାରିବେ।

ଶାଢ଼ି:- ଡ୍ରେସ ସହ ଶାଢ଼ି ପିନ୍ଧୁଥିବା ମହିଳାମାନେ ମଧ୍ୟ ଗ୍ରୀଷ୍ମ ଋତୁରେ ନିଜକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ । ଜର୍ଜେଟ୍, ସିଫନ, କଟନ ସିଲ୍କ ଶାଢ଼ି ବ୍ୟବହାର କଲେ ଏହା ଗରମରୁ ରକ୍ଷା କରିପାରିବ । ସଭା, ସମିତି ଉତ୍ସବାନୁଷ୍ଠାନରେ ମଧ୍ୟ ହାଲୁକା କପଡାର ବିଭିନ୍ନ ଡିଜାଇନ କରାଯାଇଥିବା ଶାଢ଼ି ପିନ୍ଧିପାରିବେ ।

ପୁରୁଷ:- କେବଳ ମହିଳାମାନେ ନୁହନ୍ତି, ପୁରୁଷମାନେ ମ୍ୟ ଗରମ ପାଇଁ ଜିନସ ସହ କୁର୍ତ୍ତା ଓ କଯନ ଓ କିଲେନରେ ତିଆରି ଲମ୍ୱା



କୁର୍ତ୍ତା ଓ ଟ୍ରାଉଜର ପିନ୍ଧି ପାରିବେ । ରଙ୍ଗ ଗୁରୁତ୍ୱ; ଏହି ସବୁ ପରିଧାନରେ ରଙ୍ଗ ବହୁତ ଗୁରୁତ୍ୱପୂର୍ଣ୍ଣ । ଗ୍ରୀଷ୍ମ ଦିନେ ହାଲୁକା ରଙ୍ଗର ପରିଧାନ ପିନ୍ଧିବା ଉଚିତ । ବିଶେଷ କରି ଧଳା ପୋଷାକ ଖରାଦିନେ ବହୁତ ବିକ୍ରି ହୋଇଥାଏ ।

ବକ୍ସିବଜାରର ଜଣେ ଡିଜାଇନର ଦୀପିକା କୁହନ୍ତି । ନିଜକୁ ଆରାମ ଓ ମାନୁ ଥିବା ପୋଷାକ, ବିଶେଷ କରି ହାଲୁକା ରିଅନ, କଟନ, ଲିଲେ ନ କପଡ଼ାରେ ପ୍ରସ୍ତୁତ ପୋଷାକ ପିନ୍ଧିବା ଉଚିତ । ବର୍ତ୍ତମାନ ବଜାରରେ ଏହିସବୁ ପୋଷାକ ଚାହିଦା ବି ବଢ଼ିଛି ।



ଋତୁ ଅନୁଯାୟୀ ପୋଷାକ ପରିଧାନ ଜରୁରୀ । ତେବେ ଅନ୍ୟ ଋତୁ ଅପେକ୍ଷା ଗ୍ରୀଷ୍ମଋତୁରେ ପରିଧାନ କର୍ମଜୀବୀ ମହିଳା, ପୁରୁଷ ଓ କଲେଜ ପଢୁଆ ପିଲାମାନେ ପରିଧାନ ନେଇ ବେଶ ସଚେତନ ରହିଥାନ୍ତି । ବିଶେଣଷ କରି ଗ୍ରୀଷ୍ମରେ ପତଳା ପୋଷାକ ଅଧିକ ପସନ୍ଦଯୋଗ୍ୟ ହୋଇଥାଏ । ଏହା ଗରମରୁ ରକ୍ଷା କରିବା ସହିତ ଆକର୍ଷଣୀୟ ହୋଇଥାଏ । ଗ୍ରାହକଙ୍କ ଚାହିଦାକୁ ଦେଖି ବଜାରରେ ବିଭିନ୍ନ ପ୍ରକାରର ପୋଷାକ ଆସିଯାଇଛି । ଡ୍ରେସ ଡିଜାଇନରମାନେ ଖରାଦିନ ପାଇଁ ଖଦି, ରିଅନ, ସିଲ୍କ କଟନ, କଟନ ଆଦି କପଡ଼ାରେ ପୋଷାକ ପ୍ରସ୍ତୁତ କରୁଛନ୍ତି । ଗ୍ରୀଷ୍ମ ଫେସନରେ ଖଦି, ରିଅନ, ସିଲ୍କକଟନ, କଟନ ଓ ଲକ୍ଷ୍ନୌ ଷ୍ଟିଚ ଆଦି କପଡ଼ାର କୁର୍ତ୍ତା,

# ଘରେ ତିଆରି କରନ୍ତୁ ଗୋଲାପ ଘିକୁଆଁରୀ ମିଶ୍ରଣ

ଘିକୁଆଁରୀ ରସ କବଳ ଓ କୀଟାଣୁନାଶକ । ଏହା ତ୍ୱଚାର ଯତ୍ନ ନିଏ । କଳା ଦାଗ ଦୂର ସହିତ ତ୍ୱଚାକୁ ଉଜ୍ଜ୍ୱଳ ରଖେ । ତେବେ, ଘିକୁଆଁରୀ ରସ ଓ ଗୋଲାପ ଜଳର ମିଶ୍ରଣ ତ୍ୱଚା ପାଇଁ ଆହୁରି ଉପକାରୀ । ବଜାରରେ ତାହା ମିଳୁଥିଲେ ହେଁ, ଅଧିକ ଦିନ ପର୍ଯ୍ୟନ୍ତ ସଂରକ୍ଷଣ ଲାଗି ସେଥିରେ ରାସାୟନିକ ମିଶିଥାଏ । ଘରେ ମିଶ୍ରଣ ପ୍ରସ୍ତୁତ କରି ଲଗାନ୍ତୁ, ଅଧିକ ସୁଫଳ ମିଳିବ । ପ୍ରସ୍ତୁତି ପ୍ରଣାଳୀ:- ଗୋଟିଏ ଘିକୁଆଁରୀ ପତ୍ରକୁ ଭୂଳରୁ କାଟିଆଣନ୍ତୁ । ଭଲ ଭାବେ ଧୋଇବା ପରେ, ପତ୍ରର ଗୋଟିଏ ପାଖ କାଟି ଉପର ଅଂଶକୁ ହାତରେ ଟାଣି କାଢ଼ିଦିଅନ୍ତୁ । ଏହା ଦ୍ୱାରା ରସ ସଂଗ୍ରହ ସହଜ ହୁଏ । ଚାମଚରେ ରସ କାଢ଼ି ନିର୍ଦ୍ଦିଷ୍ଟ ପାତ୍ରରେ ରଖନ୍ତୁ । ଯେପରି ଆଦୌ ସବୁଜ ଅଂଶ ବାହାରି ନ ଆସେ, ସେଥି ପ୍ରତି ଧ୍ୟାନ ରଖନ୍ତୁ । ସେଥିରେ ଦଶ-ବାର କେଇ ବୁନ୍ଦା ଗୋଲାପ ଜଳ ପକାଇ ଭଲ ଭାବେ ଫେଣ୍ଟିଦିଅନ୍ତୁ । ଏହା ଦ୍ୱାରା ମିଶ୍ରଣ ସୁଗନ୍ଧିତ ହୁଏ । ଅଧିକ ଲାଭ ପାଇଁ ଭିଟାମିନ ଇ ତୈଳ ମିଶାଇପାରିବେ । ଏହି ମିଶ୍ରଣକୁ ଗୋଟିଏ ସଫା ବୋତଲରେ ରଖି ଦୁଇ ସପ୍ତାହ ତ୍ୱଚାରେ ଲଗାନ୍ତୁ ।



# ପୂଜାଘର

ସବୁ ଘରେ ପୂଜା ବା ଠାକୁର ଘରର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ଘରର ସମସ୍ତ କୋଠିରି ପରିବାର ସଦସ୍ୟଙ୍କ ବ୍ୟବହାର ପାଇଁ ନିର୍ମାଣ କରାଯାଇ ଥାଏ । ମାତ୍ର ପୂଜାଘର ଏକମାତ୍ର କୋଠରି ଯାହା କେବଳ ଈଶ୍ୱରଙ୍କ ପାଇଁ ସଂରକ୍ଷିତ, ତେଣୁ ଏହା ସାଧାରଣ ବ୍ୟବହାର ପାଇଁ ନୁହେଁ । ବାସ୍ତୁଶାସ୍ତ୍ର ଅନୁସାରେ ପୂଜା ଘର ଈଶାଣ କୋଣରେ ରହିବା ବିଧେୟ । ଏହା ଉପରେ ଶିଡ଼ି ଛାତ ରହିବା ଅନୁଚିତ । ଘର ଦୁଇ ବା




ତାଠାରୁ ଅଧିକ ମହଲା ହୋଇଥିଲେ ଏହି କୋଠରିର ଛାତ ଉପରେ ଶୌଚାଳୟ କରନ୍ତୁ ନାହିଁ । ପୂଜାଘରର ବ୍ୟବହାର କମ ହୋଇଥାଏ । ସାଧାରଣତଃ ସକାଳ ଓ ସନ୍ଧ୍ୟା ବ୍ୟତୀତ ଅନ୍ୟ ସମୟରେ କମ ହୋଇଥାଏ । ସାଧାରଣତଃ ସକାଳ ଓ ସନ୍ଧ୍ୟା ବ୍ୟତୀତ ଅନ୍ୟ ସମୟରେ ପ୍ରାୟତଃ ବନ୍ଦ ରହିଥାଏ । ତା ସତ୍ତ୍ୱେ ଏହାର ସଫେଇ ଓ ପବିତ୍ରତା ପ୍ରତି ସତର୍କ ଦୃଷ୍ଟି ଦିଆଯାବା ଉଚିତ । ପୂଜା କଲାବେଳେ ଆପଣଙ୍କ ମୁହଁ ଉତ୍ତର ବା ପୂର୍ବ ଦିଗରେ ରହିଲେ ଭଲ । ତେଣୁ ସେଇ ଅନୁସାରେ, ଠାକୁରଙ୍କ ମୂର୍ତ୍ତି ବା ଫଟୋ ରଖନ୍ତୁ । ଏହି କୋଠରିରେ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକର ବିଜ୍ଞାପନଧର୍ମୀ କ୍ୟାଲେଣ୍ଡର, ଫଟୋ ବା ଚିତ୍ର ରଖନ୍ତୁ ନାହିଁ । ପ୍ରବେଶ କରିବା ପୂର୍ବରୁ ହାତ, ଗୋଡ଼ ଧୋଇ ପରିଷ୍କାର ପରିଚ୍ଛନ୍ନ ହୁଅନ୍ତୁ । ପୂଜା ପାଇଁ ଶାନ୍ତ, ସୌମ୍ୟ ମୁଖମଣ୍ଡଳଥିବା ଠାକୁରଙ୍କ ମୂର୍ତ୍ତି ବା ଫଟୋ ବାଛନ୍ତୁ । ହାତ ଆଶୀର୍ବାଦ ମୁଦ୍ରାରେ ଥିଲେ ଅତି ଉତ୍ତମ ଗୋଟିଏ ଠାକୁରଙ୍କ ଏକାଧିକ ମୂର୍ତ୍ତି ବା ଫଟୋ ପାଖାପାଖି ରଖନ୍ତୁ ନାହିଁ । ସେହିପରି ଭଙ୍ଗା ବା ଫାଟଥିବା ମୂର୍ତ୍ତି, ଚିରା ଫଟୋ ପୂଜା ଘରେ ରଖନ୍ତୁ ନାହିଁ । ଠାକୁରଙ୍କୁ ଚଢ଼ାଇବା ପୂର୍ବରୁ ଫୁଲକୁ ପରିଷ୍କାର ପାଣିରେ ଧୋଇ ଦିଅନ୍ତୁ । ଠାକୁରଙ୍କ ପାଖରେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଦୀପ ଜଳାନ୍ତୁ । ପୂଜା କରୁଥିବା ସମୟରେ ଯଦି ଦୀପ ଲିଭିଯାଏ, ତା ହେଲେ ଦୀପ ଜଳାଇ ପୁଣିଥରେ ପୂଜା କରନ୍ତୁ । ଯେଉଁ ଆସନରେ ବସି ପୂଜା କରୁଛନ୍ତି, ତାକୁ ସବୁବେଳେ ପରିଷ୍କାର ରଖନ୍ତୁ ଏବଂ ବ୍ୟବହାର ପରେ ତାକୁ ଗୋଡ଼ରେ କୋଣକୁ ଠେଲି ନଦେଇ ହାତରେ ଚଉତି ଯଥାସ୍ଥାନରେ ରଖିବା ଅଭ୍ୟାସ କରନ୍ତୁ ।



# ମ୍ୟାଚ ବେଳେ ଝିଅକୁ ସ୍ତନ୍ୟପାନ

କିଛି ଦିନ ତଳେ ମାଲାୟାଲାମ ମାଗାଜିନ ଗୃହଲକ୍ଷ୍ମୀର କଭର ପେଜରେ ଜଣେ ଅଭିନେତ୍ରୀଙ୍କ ଏକ ଫଟୋ ଚର୍ଚ୍ଚାର ବିଷୟ ପାଲଟିଥିଲା । ଫଟୋରେ ଅଭିନେତ୍ରୀ । କିଛି ଦିନର ବ୍ୟବଧାନ ପରେ ପୁଣିଥରେ ସ୍ତନ୍ୟପାନ କରାଉଥିବା ଜଣେ ମାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ହେଲେ ଏଥର ସମାଲୋଚନା ବଦଳରେ ପ୍ରଶଂସାର ସୁଅ ଛୁଟିଛି । କାରଣ ମା' ଜଣକ ହେଉଛନ୍ତି କାନାଡାର ଜଣେ ହକି ଖେଳାଳି । ଯିଏକି ମ୍ୟାଚ ବେଳେ ନିଜ ଝିଅକୁ ସ୍ତନ୍ୟପାନ କରାଇ ଅନ୍ୟମାନଘଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । କାନାଡାର ଏହି ମହିଳା ଖେଳାଳିଙ୍କ ନାମ ହେଉଛି ସେରାହ ସ୍ମଲ । ଜଣେ ପ୍ରତିଷ୍ଠିତ ହକି ଖେଳାଳି ହେବା ସହିତ ସେ ଜଣେ ଶିକ୍ଷୟିତ୍ରୀ । ନିକଟରେ ସେ ଏକ ମ୍ୟାଚ ଖେଳିବାକୁ ଆସିଥିଲେ । ସାଙ୍ଗରେ ଦୁଇ ମାସର ଝିଅକୁ ମଧ୍ୟ ଆଣିଥିଲେ । ହେଲେ ଝିଅର କ୍ଷୀର ବୋତଲ ଆଣିବାକୁ ଭୁଲିଯାଇଥିଲେ କିନ୍ତୁ ମ୍ୟାଚ ବେଳେ ଭୁଲିନଥିଲେ ମାତୃତ୍ୱର କର୍ତ୍ତବ୍ୟ । ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଶେଷ ହେଉ ହେଉ ଝିଅ ପାଖକୁ ଧାଇଁ ଆସିଥିଲେ ସେରାହ । ସାଥୀ ଖେଳାଳିଙ୍କ ସାମ୍ନାରେ ଝିଅକୁ ସ୍ତନ୍ୟପାନ କରାଇବାର ଫଟୋଟି ସୋସିଆଲ ମିଡିଆରେ ଖୁବ ଶୀଘ୍ର ଭାଇରାଲ ହୋଇଛି । ଭଗବାନଙ୍କ ସୃଷ୍ଟିରେ ମାର ସ୍ଥାନ ସ୍ୱତନ୍ତ୍ର । ନିଜର ସୌନ୍ଦର୍ଯ୍ୟ ହାନି ପାଇଁ ନିଜ ସନ୍ତାନମାନଙ୍କୁ ମା କ୍ଷୀରରୁ ବଞ୍ଚିତ କରାଉଥିବା ମାମାନଙ୍କ ପାଇଁ ସେରାହ ଉଦାହରଣ ବୋଲି ଅନେକ ମତବ୍ୟକ୍ତ କରିଛନ୍ତି । ଫଟୋ ଭାଇରାଲ ହେବା ପରେ ସେରାହ କହିଛନ୍ତି, ମୁଁ ଭିନ୍ନ କିଛି କରିଛି ବୋଲି ଭାବୁନାହିଁ । ଦୁନିଆରେ ଲକ୍ଷ ଲକ୍ଷ ମା ଏହା ହିଁ କରିଥାନ୍ତି । ମ୍ୟାଚ ଖେଳୁଥିଲି ସତ, ହେଲେ ମୋ ଝିଅକୁ ନେଇ ଚିନ୍ତିତ ଥିଲି । ପ୍ରଥମାର୍ଦ୍ଧଖେଳ ଶେଷ ହେବା କ୍ଷଣି ତାକୁ ସ୍ତନ୍ୟପାନ କରାଥଇଥିଲି ।' ନିଜ କର୍ମକ୍ଷେତ୍ରରେ ସନ୍ତାନଙ୍କୁ ସ୍ତନ୍ୟପାନ କରାଇବା ନୂଆ କଥା ନୁହଁ । ପୂର୍ବରୁ ଅଷ୍ଟ୍ରେଲିଆ ସାଂସଦ ଲାରିସା ଓ୍ୱାଟର୍ସ ସଂସଦରେ ସର୍ବସମ୍ମୁଖରେ ନିଜର ୮ମାସର ଶିଶୁକୁ ସ୍ତନ୍ୟପାନ କରାଇ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଥିଲେ ।

# ଦ୍ୱିପ୍ରହର ବିଶ୍ରାମର ଆବଶ୍ୟକତା

ବିଶେଷଜ୍ଞଙ୍କ ମତରେ ଦ୍ୱିପ୍ରହର ସମୟରେ ବିଶ୍ରାମ ନେବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହାନିକାରକ । ବିଶେଷ କରି ପେଟପୂରା ଭୋଜନ କରି ଦିନବେଳା ଶୋଇବା ଅନୁଚିତ । ନିକଟରେ କିନ୍ତୁ ଗ୍ଲାସଗୋ ବିଶ୍ୱବିଦ୍ୟାଳୟର ଗବେଷକଦଳ ୧୧ମାସ ଅନୁଧ୍ୟାନ କରିବା ପରେ ପ୍ରକାଶ କରିଛନ୍ତି ଯେ ଦୈନିକ ୧୫-୨୦ ମିନିଟ୍ ଦିନବେଳା ବିଶ୍ରାମ ନେବା ସ୍ୱାସ୍ଥ୍ୟ ପାଇଁ ଭଲ ।

କାର୍ଯ୍ୟାଳୟ ହେଉ ବା ଘର, ଭୋଜନ ପରେ ଦ୍ୱିପ୍ରହର ସମୟରେ କିଛି ସମୟ ଚଉକିରେ ବସି ପତ୍ରିକା ପଢ଼ନ୍ତୁ ଅବା ଗୀତ ଶୁଣନ୍ତୁ । ଏପରି କଲେ ମନକୁ ଶାନ୍ତି ମିଳିଥାଏ ବୋଲି ସଂଖ୍ୟାଧିକ ଲୋକ ପ୍ରକାଶ କରିଛନ୍ତି ।

କର୍ମଜୀବୀ ଲୋକ କାମର ଚାପରେ ଏକରକମ ଅତିଷ୍ଠ ହୋଇଯାନ୍ତି । ହେଲେ ଦିନବେଳା ଏଇ କିଛି ସମୟର ବିଶ୍ରାମ ସେମାନଙ୍କ ଶରୀରକୁ ପୁଣି ଶକ୍ତି ଯୋଗାଇଥାଏ ।

ଗଭୀର ନିଦ୍ରା ଦିନବେଳା ଯିବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥା, । ଅନୁଧ୍ୟାନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଦିନବେଳା ବିଶ୍ରାମ ନେଲେ ରକ୍ତଚାପ ନିୟନ୍ତିତ ହୋଇଥାଏ ।

ପ୍ରତ୍ୟେକ ବର୍ଗ ଓ ବୟସର ଲୋକ କିଛି ସମୟ ବାହାର କରି ଦିନବେଳା ବିଶ୍ରାମ ନେବା ଭଲ ବୋଲି ବିଶେଷଜ୍ଞଙ୍କ ମତ ।



# ପ୍ଲାଷ୍ଟିକ ଛଣାରେ ଢ଼ାଳି ଆପଣ ଚା' ପିଉଛନ୍ତି କି ? ଶରୀରକୁ ପଶୁଛି ମାରାତ୍ମକ ବିଷ !



ଆପଣ ଚା' ପିଇବାକୁ ଭଲ ପାଆନ୍ତି କି ? ଯଦି ହଁ, ତେବେ ଏହି ଖବରଟି ଆପଣଙ୍କୁ ଜାଣିବାର ନିହାତି ଆବଶ୍ୟକତା ରହିଛି । କାରଣ ଆପଣ ପ୍ରତିଦିନ ଚା' ମାଧ୍ୟମରେ ଶରୀରକୁ ବିଷ ନେଉଛନ୍ତି । ଆପଣଙ୍କ ଘରେ ବା ଦୋକାନରେ ଚା' ଛଣାଯିବାବେଳେ ଆପଣ ପ୍ଲାଷ୍ଟିକ ଚା' ଛଣା ଦେଖିଥିବେ । ଏହା ମୁଖ୍ୟତଃ ଶସ୍ତା ହୋଇଥିବାରୁ ପ୍ରାୟ ସମସ୍ତେ ଏହାକୁ ହିଁ ବ୍ୟବହାର କରନ୍ତି । ନିକଟରେ କେନ୍ଦ୍ର ସରକାରଙ୍କ ଇସ୍ପାତ ମନ୍ତ୍ରାଳୟ ଏ ନେଇ ଏକ ସଚେତନାଧର୍ମୀ ପୋଷ୍ଟ କରିଥିଲା । ଏଥିରେ ଲେଖା ହୋଇଥିଲା ଯେ ଆପଣମାନେ ପ୍ଲାଷ୍ଟିକ ଚା' ଛଣା ପରିବର୍ତ୍ତେ ସ୍ଟେନଲେସଷ୍ଟିଲ୍ ଚା ଛଣା ବ୍ୟବହାର କରନ୍ତୁ । କାରଣ ଏହି ପ୍ଲାଷ୍ଟିକ ଛଣାରୁ ବାହାରିଥିବା ବିଷକୁ ଆପଣଙ୍କ କପେ ଚା'ରେ ହିଁ ଥାଏ । ତେବେ ଚା' ଛଣାରେ ବିଷ କେଉଁଠୁ ଆସିଲା ବୋଲି ଆପଣ ଭାବୁଥିବେ। ଏ ବାବଦରେ ବିସ୍ତୃତ ଭାବେ କହିଛନ୍ତି ପରିବେଶବିତ୍ ଡ଼. ଜୟକୃଷ୍ଣ ପାଣିଗ୍ରାହୀ । ପରିବେଶବିତ୍ ଡ଼. ଜୟକୃଷ୍ଣ ପାଣିଗ୍ରାହୀଙ୍କ କହିବା ମୁତାବକ ଯେତେବେଳେ ନାନୋ ପ୍ଲାଷ୍ଟିକ ବା ମାଇକ୍ରୋ ପ୍ଲାଷ୍ଟିକର ଜୀବ ଶରୀର ପ୍ରତି କ'ଣ ପ୍ରତିକୂଳ ପ୍ରଭାବ ପକାଉଛି ବୋଲି ଗବେଷଣା କରାଯାଇଥିଲା, ଏହାକୁ ପ୍ରଥମେ ମୂଷାମାନଙ୍କ ଶରୀରରେ ପରୀକ୍ଷଣ କରାଯାଇଥିଲା । ଆଉ ଯେତେବେଳେ ନାନୋ ପ୍ଲାଷ୍ଟିକ ମୂଷାମାନଙ୍କର ଶରୀରକୁ ଯାଇଥିଲା ସେତେବେଳେ ଏହା ମୂଷାମାନଙ୍କ ଶରୀର ଭିତରେ ଥିବା ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ସମସ୍ୟା ସୃଷ୍ଟି କରିଥିଲା । ହରମୋନ ସମସ୍ୟା ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦେଇଥାଏ, ଏପରିକି କ୍ୟାନ୍ସର ମଧ୍ୟ ସୃଷ୍ଟି କରେ । ତେଣୁ ଚା ଛାଣିବା ପାଇଁ ଯେତେବେଳେ ପ୍ଲାଷ୍ଟିକ ଛଣା ବ୍ୟବହାର କରାଯାଏ, ସେତେବେଳେ ତାତିଥିବା ଚା ଯୋଗୁଁ ପ୍ଲାଷ୍ଟିକ କଣିକା ଯାହା ଆମ ଆଖିକୁ ଦେଖାଯାଇନଥାଏ, ପ୍ଲାଷ୍ଟିକରୁ ଖସି ଚା କପକୁ ଆସିଯାଇଥାଏ । ସେହିପରି ପ୍ଲାଷ୍ଟିକ ନିର୍ମାଣରେ ୪ ହଜାର ପର୍ଯ୍ୟନ୍ତ ବିଭିନ୍ନ ରାସାୟନିକ ପଦାର୍ଥ ବ୍ୟବହାର ହୋଇଥାଏ । ଆଉ ଆମେ ଯେତେବେଳେ ଚା ପିଉଥାଉ, ଏଥିରୁ କିଛି ଆମ ଶରୀର ଭିତରକୁ ଯାଇଥାଏ । ଏହି ରାସାୟନିକ ପଦାର୍ଥରୁ ଅଧିକାଂଶ କେବଳ ଆମ ପରିବେଶ ପାଇଁ ନୁହେଁ, ବରଂ ଆମ ସ୍ୱାସ୍ଥ୍ୟକୁ କ୍ଷତି ପହଂଚାଇଥାଏ । ମୂଷାକୁ ନେଇ କରାଯାଇଥିବା ଗବେଷଣାରୁ ଯାହା ଜଣାପଡିଛି ଏହା ଆମ ଶରୀର ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ଯେହେତୁ ପୂର୍ବରୁ ଏନେଇ ଏତେ ଗବେଷଣା ହୋଇନଥିଲା, ତାହା ଜଣାପଡ଼ିନଥିଲା ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୪ ଜୁଲାଇ ୨୦୨୨, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆର୍ଥିକ ସ୍ଥିତି ପାଇଁ ଅଶୁଭ ସମୟ...

ଭାରତୀୟ ମୁଦ୍ରାର ସ୍ଥିତି ଦିନକୁ ଦିନ ତଳମୁହାଁ ହେଉଛି । ଡଲାର ତୁଳନାରେ ଭାରତୀୟ ମୁଦ୍ରା ଏତେ ତଳକୁ ଖସିଯିବ ବୋଲି କେହି ଭାବି ନଥିଲେ । ମୁଦ୍ରା ସ୍ଥିତି ସହ ଭାରତୀୟ ମୁଦ୍ରାର ସମ୍ପର୍କ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ମିଶ୍ର ଏହା ଭିତରେ ଆଶା ପ୍ରକଟ କରିଛନ୍ତି, ଆସନ୍ତା ଅକ୍ଟୋବର ମାସ ବେଳକୁ ଦେଶର ମୁଦ୍ରାସ୍ଫୀତି ହାର ଅବଶ୍ୟ ଊଣା ହେବ । ଯଦି ତାହା ହୁଏ, ତେବେ ଆଗାମୀ ଦିନରେ କେନ୍ଦ୍ରୀୟ ବ୍ୟାଙ୍କର ସେଭଳି କଠୋର ପଦକ୍ଷେପ ନେବାକୁ ପଡ଼ିନପାରେ । ୟୁକ୍ରେନ୍-ରୁଷ୍ ଯୁଦ୍ଧ ଫଳରେ ଉତ୍ପନ୍ନ ଜଟିଳତା କେବଳ ଯୋଗାଣ ଶୃଙ୍ଖଳକୁ ବିପର୍ଯ୍ୟସ୍ତ କରିଦେଇନାହିଁ, ବିଭିନ୍ନ ସାମଗ୍ରୀ ଯୋଗାଣ ବ୍ୟବସ୍ଥାକୁ ବିଗାଡ଼ି ଦେଇଛି । ସେଇଥିପାଇଁ ବିଶ୍ୱସ୍ତରର ବିଭିନ୍ନ ଆର୍ଥିକ ସଂସ୍ଥା ତୁହାକୁ ତୁହା ସୁଧ ହାର ବଢ଼ାଇବାକୁ ବାଧ୍ୟ ହୋଇଛନ୍ତି । କେହି ଜାଣିନଥିଲେ, ଏଭଳି ଆର୍ଥିକ ବିପର୍ଯ୍ୟୟ ସମୟ ପହଞ୍ଚିବ ବୋଲି । କରୋନା ସଂକ୍ରମଣ ପାଇଁ ତମାମ୍ ବିଶ୍ୱର ଅଢ଼େଇ ବର୍ଷ ବରବାଦ୍ ହେବାବେଳକୁ ଅନିଶ୍ଚିତ ଆର୍ଥିକ ସ୍ଥିତି ପହଞ୍ଚି ଗଲା । ଏହା ଭାରତ କ୍ଷେତ୍ରରେ ଯେମିତି ପ୍ରଯୁଜ୍ୟ, ସାରା ପୃଥିବୀ ପାଇଁ ସମାନ ଭାବରେ ପ୍ରଯୁଜ୍ୟ ବୋଲି କୁହାଯାଇପାରିବ । ଡଲାର ଟଙ୍କା ବିନିମୟ ମୂଲ୍ୟ ତଳକୁ ତଳକୁ ଯାଉଥିବା ସମୟରେ ଦେଖାଯାଉଛି ଉତ୍କଟ ମୂଲ୍ୟ ବୃଦ୍ଧି । ଏଭଳି କୌଣସି ସାମଗ୍ରୀ ନାହିଁ, ଯାହାର କି ମୂଲ୍ୟ ନବଢ଼ିଛି । ପେଟ୍ରୋଲ-ଡିଜେଲ ଦର ବଢ଼ିବା ସହିତ ଖାଇବା ତେଲଠାରୁ ଆରମ୍ଭ କରି ପନିପରିବା, ଅଟା ଭଳି ମୌଳିକ ଚାହିଦା ମେଣ୍ଟାଉଥିବା ସାମଗ୍ରୀର ଦର ବଢ଼ିଲା । କଥିତ ଭାଟ୍ ହ୍ରାସ ଫଳରେ ଅଳ୍ପ କିଛି ଟଙ୍କା ଊଣା ହେଲା ପେଟ୍ରୋଲ-ଡିଜେଲ ଦର । ଯେଉଁ ପରିମାଣରେ ସେଗୁଡ଼ିକର ମୂଲ୍ୟ ମହଙ୍ଗା ହୋଇଥିଲା, ତାହା ତୁଳନାରେ ଭାଟ୍ ହ୍ରାସ ନଗଣ୍ୟ ବୋଲି କୁହାଯାଇପାରେ । ଏହି ଧାରାରେ ଯଦି ଦେଖି ପାରିଲା ଭଳି କିଛି ପରିବର୍ତ୍ତନ ନଆସେ ବୁଝିବାକୁ ହେବ ଯେ, କର୍ତ୍ତୃପକ୍ଷ ଦରବୃଦ୍ଧି ଊଣା କରିବାକୁ ଠୋସ୍ ପଦକ୍ଷେପ ନେବାରେ ସମସ୍ୟା ରହୁଛି । କୋଭିଡ୍ ସଂକ୍ରମଣ ହେତୁ ବିଶ୍ୱବ୍ୟାପୀ ବେକାରୀ ଆକାଶ ଛୁଇଁଲା । କୁଶଳୀ ଓ ଅଣ-କୁଶଳୀ କର୍ମଚାରୀମାନେ ପ୍ରାୟ ଅଢ଼େଇ ବର୍ଷ ହେଲା ହାତବାନ୍ଧି କରି ବସିଲେ । ଆପଣା ପେସାକୁ ବଦଳାଇ ଲୋକମାନେ ଅଲଗା ପେସା ଆପଣାଇବାକୁ ବାଧ୍ୟ ହେଲେ । ଏହା ଭିତରେ ଲହର ପରେ ଲହର ସଂକ୍ରମଣ । ହେଲେ ତାହାର ପ୍ରକୋପକୁ ଊଣା କରିବାରେ ପ୍ରତିଷେଧକ ଟିକା କାମ କରିଥିବାରୁ ଲୋକମାନେ ପ୍ରାୟତଃ ବେପରୁଆ ହୋଇଯାଇଛନ୍ତି । ଅର୍ଥନୀତି ନିଜସ୍ୱ ଗୁଳା ହୁଡ଼ିବା ପରେ ପୁଣି ତାହାକୁ ବ୍ୟବସ୍ଥିତ କରିବା ଦିଗରେ ଚାଲିଛି ଅହରହ ଉଦ୍ୟମ । କେନ୍ଦ୍ର ସରକାର, ରିଜର୍ଭ ବ୍ୟାଙ୍କ ସବୁମତେ ଦୁଃସ୍ଥିତିକୁ ଅତିକ୍ରମ କରିବା ଲକ୍ଷ୍ୟରେ ଥରଥର କରି ବିପୁଳ ଧନରାଶି ମଂଜୁର କରିଛନ୍ତି । ମାତ୍ର ତାହା କରୋନାଜନିତ କ୍ଷତିର ଭରଣା ସକାଶେ ଅକୁଳାଣ ହୋଇଛି । ପ୍ରାକ୍-କରୋନା କାଳରେ ଆମ ଅର୍ଥନୀତି ଭଲ ଥିଲା, ତାହା କହିହେବ ନାହିଁ । ତାହା ହେବାର କାରଣ ରହିଛି ଅନେକ । ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ହ୍ରାସ ଘଟିଛି । ତାହା ଏବେ ୫୮୮୩୧ କୋଟି ଡଲାରକୁ ହ୍ରାସ ପାଇବା ଚିନ୍ତାଜନକ ସ୍ଥିତିକୁ ଡାକିଆଣିଛି । ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହେଲାଣି ୭୯ ଟଙ୍କା । ଏହି ଧାରା ଆଦୌ ଶୁଭଙ୍କର ନୁହେଁ । ୨୦୨୨ରେ ଡଲାର ତୁଳନାରେ ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ୬.୨% ଊଣା ହୋଇସାରିଛି । ତାହାରି ଭିତରେ ବିପର୍ଯ୍ୟସ୍ତ ବିନିମୟ ମୂଲ୍ୟକୁ ଠିକଣା ଗୁଳାକୁ ଆଣିବା ଲାଗି ଆମ ମୁଦ୍ରାର ସ୍ଥିତିକୁ ସବଳ କରିବାକୁ ହେବ । ୟୁକ୍ରେନ୍-ରୁଷ ଯୁଦ୍ଧଜନିତ ଚାପ ସର୍ବତ୍ର ଅନୁଭୂତ ହେବାରେ ଲାଗିଛି । କେତେବେଳେ କିଭଳି ସେସଥିରେ ବିରାମ ଚିହ୍ନ ଲାଗିବ, ତାହା କେହି ଜାଣନ୍ତି ନାହିଁ । ମୁଦ୍ରାସ୍ଫୀତିର କାରଣ ଯାହା ହେଉନା କାହିଁକି, ତାହାର ପ୍ରତିକୂଳ ପ୍ରଭାବରୁ କେହି ମୁକୁଳିବା ସମ୍ଭବ ନୁହେଁ । ନାଟୋ ମେଣ୍ଟ ପାଇଁ ଆଗରେ ୟୁକ୍ରେନ୍‌କୁ ରଖି ରୁଷ ବିରୋଧରେ ଲଢ଼େଇକୁ ତୀଖକୁ ନେଇଯିବା ଆମେରିକା ଭଳି ରାଷ୍ଟ୍ରଙ୍କ ବିଚାର । ସେଥିପାଇଁ ଅସ୍ତ୍ର ଓ ଅର୍ଥ ଦେଇ ନାଟୋ ଦେଶଗୁଡ଼ିକ ନାଟ ଦେଖୁଛନ୍ତି । ସେଥିରେ ଉଭୟ ରୁଷ ଓ ୟୁକ୍ରେନ୍ କ୍ଷୟକ୍ଷତିର ଶିକାର ହୋଇଛନ୍ତି । ଏହାର ଦୂରଗାମୀ କୁପ୍ରଭାବକୁ ଅଣଦେଖା କରିବାକୁ ଶକ୍ତିମାନେ ଦେଖିପାରୁ ନାହାଁନ୍ତି, ଅଦୂର ଭବିଷ୍ୟତରେ କେଉଁଭଳି ସ୍ଥିତି ଦେଖାଦେବ । ତମାମ ବିଶ୍ୱର ଆର୍ଥିକ ଶୃଙ୍ଖଳ ଓ ଶୃଙ୍ଖଳା ଭୁଶୁଡ଼ିଯିବାକୁ ବେଶୀ ସମୟ ଲାଗିବନାହିଁ ।

## ସାହିତ୍ୟ ସାରଥି - ଗୌରୀଶଙ୍କର



**ଅକ୍ଷୟ କୁମାର ରାଉତ**

ଓଡିଆ ଜାତି ଦାରୁଣ ସଙ୍କଟର ସମ୍ମୁଖିନ ହୋଇ ଅତ୍ୟାଚାର, ଅନ୍ୟାୟ, ଅନୀତି, ପରାଧୀନତାରେ ସଢୁଥିବା ବେଳେ ଉତ୍କଳର ପ୍ରାଣ, ପ୍ରଜ୍ଞାପୁରୁଷ ସାହିତ୍ୟ ସାରଥୀ ପ୍ରବୀଣ ସାମ୍ବାଦିକ କର୍ମବୀର ଗୌରିଶଙ୍କର କଟକ ଜିଲ୍ଲାର ଦୀକ୍ଷିତ ପଡାରେ ୧୮୩୮ମସିହା ଜୁଲାଇ ୧୩ ତାରିଖ ଆଷାଢ଼ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ପିତା ସଦାଶିବ ରାୟ ଓ ମାତା ଅନ୍ନପୂର୍ଣ୍ଣା ଦେବୀଙ୍କ କୋଳ ମଣ୍ଡନ କରିଥିଲେ। ତାଙ୍କର ପୂର୍ବ ପୁରୁଷମାନେ ଷୋଡଶ ଶତାବ୍ଦୀରେ ବର୍ଦ୍ଧମାନ ଜିଲ୍ଲାସ୍ଥ ଚମ୍ପାପୁରରୁ ଆସି ଓଡିଶାର ଦୀକ୍ଷିତ ପଡାରେ ବାସ କରୁଥିଲେ। ତାଙ୍କ ସାଙ୍ଗିଆ ଥିଲା ବସୁ ବା ବୋଷ ପରେ ସେ ରାୟ ଭାବରେ ପରିଚିତ ହେଲେ। ଶିବ ପାର୍ବତୀଙ୍କ ଆଶୀର୍ବାଦରେ ଜନ୍ମ ହୋଇଥିବାରୁ ତାଙ୍କର ନାମ ଗୌରିଶଙ୍କର ରଖାଯାଇଥିଲା।

ପିଲାଦିନେ ଗୌରୀଶଙ୍କର ଗାଁ ଚାଟଶାଳିରେ ଓଡିଆ ଭାଷା ଶିକ୍ଷା ଆରମ୍ଭ କରିଥିଲେ, ପରେ ସେ ସରକାରୀ ଭାଷା ର୍ପାସୀକୁ ଗୁରୁ ମକ୍ତବର ଅଖୁନଜୀ ଠାରୁ ଶିକ୍ଷା କରିଥିଲେ। ରେଭେନ୍‌ସା କଲିଜିଏଟ୍ ବିଦ୍ୟାଳୟରୁ ଏଣ୍ଟ୍ରାସ ପରୀକ୍ଷାରେ କୃତିତ୍ୱ ପଦର୍ଶନ କରି ବୃତି ପାଇ ଉଚ୍ଚ ଶିକ୍ଷା ନିମନ୍ତେ କଟକରୁ ହୁଗୁଳି ଯାତ୍ରା କରିଥିଲେ। ବାପାଙ୍କ ଆଦେଶରେ ଗୌରୀଶଙ୍କର ହୁଗୁଳିରୁ କଟକ ଫେରି କକା ଭବାନୀ ପ୍ରସାଦଙ୍କ ପରାମର୍ଶ କ୍ରମେ ବାଲେଶ୍ୱର ସ୍କୁଲରେ ତୃତୀୟ ଶିକ୍ଷକ ଭାବେ ମାସିକ ୨୦ ଟଙ୍କା ଦରମାରେ ନିଯୁକ୍ତ ହେଲେ। ସେହି ସମୟରେ ସେ ସ୍କୁଲରେ ରାଧାନାଥ ରାୟ ଓ ବୈକୁଣ୍ଠ ନାଥ ଦେ ପାଠ ପଢୁଥିଲେ। ୧୮୫୯ ମସିହାରେ କମିସନରଙ୍କ ଅପଫିସରେ ଜଣେ ଅମଲା ଭାବେ ନିଯୁକ୍ତ ହେଲେ। କମିଶନର ମିଜି.ଏଫ୍ କକବର୍ଣ ତାଙ୍କ କାର୍ଯ୍ୟ ଦକ୍ଷତାରେ ସନ୍ତୁଷ୍ଟ ହୋଇ ସ୍ଥାୟୀ କିରାଣି ପଦରେ ନିଯୁକ୍ତି କରିଥିଲେ। ଗୌରୀଶଙ୍କର ମନି ଅର୍ଡର ଏଜେଣଟଓ ଟ୍ରେଜେରୀ କିରାଣି ଷ୍ଟାଫ୍ ଭାବରେ କାମ କରୁଥିବା ସମୟରେ ଜଏଣଟ ମାଜିଷ୍ଟ୍ରଟ ଆମଷ୍ଟ୍ରଙ୍ଗ୍ ସାହେବଙ୍କ ମନିଅର୍ଡରକୁ ସମୟ ଗଡିଯାଇଥିବାରୁ ଫେରାଇ ଦେଇଥିଲେ। ଏହି କଥାରେ ଆମଷ୍ଟ୍ରଙ୍ଗ୍ ରାଗିଥିଲେ ମଧ ପରେ ଗୌରୀଶଙ୍କରଙ୍କର ମହାନତା ପାଖରେ ହାର ମାନି ଥିଲେ। ୧୨ ବର୍ଷ କିରାଣି ପଦବୀରେ କାର୍ଯ୍ୟ କରିବା ପରେ କଟକ ଅଦାଲତରେ ଟ୍ରାନ୍ସଲେଟର ପୋଷ୍ଟରେ ମି ମାକ୍ ଫରସନ୍ ମାସିକ ୧୦୦ଟଙ୍କା ଦରମାରେ ନିଯୁକ୍ତ ଦେଲେ । ଉକ୍ତ ଚାକିରିରେ ପ୍ରାୟ ୨୦ ବର୍ଷ ସେ କାମ କରିଥିଲେ। ଗୌରୀଶଙ୍କର ରଘୁନାଥପୁର ମାଣିକ ରାମ ମିତ୍ରଙ୍କ କନ୍ୟାଙ୍କୁ ବୈଦିକ ରିତିରେ ବିବାହ କରିଥିଲେ । ତାଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ଥିଲେ, ମଧ ତାଙ୍କ ଔରଶରୁ ଜନ୍ମିତ ପୁଅମାନଙ୍କର ଅକାଳ ବିୟୋଗ ଘଟିଥିଲା କେବଳ ତିନୋଟି କନ୍ୟା ସନ୍ତାନ ଜୀବିତ ଥିଲେ । ୧୮୭୫ ମସିହାରେ ତାଙ୍କ ପତ୍ନିଙ୍କର ବିୟୋଗ ଘଟିଲା। ସେ ପୁନଃ ବିବାହ ନକରି ବ୍ରହ୍ମଚାରୀ ଜୀବନ ଅତିବାହିତ କଲେ । ନଅଙ୍କ ଦୃଭିକ୍ଷ ସମୟରେ ଗୌରୀଶଙ୍କର ଦେବଦୂତ ପରି ଓଡ଼ିଆ ମାନଙ୍କୁ ଜୀଇଁବାକୁ ରାହା ଦେଖାଇଥିବାରୁ ତାଙ୍କର ଲିଖିତ ଅଭୀଯୋଗ ମି.ଜର୍ଜ.କାଂପେଲ ଖଜଣା ଛାଡ଼ କରିବା ଓ ବନ୍ଦୋବସ୍ତର ମିଆଦ ୩୦ବର୍ଷକୁ ବଢାଇ ଦେଇଥିଲେ। ନଅଙ୍କ ଦୃଭିକ୍ଷର ଭୟା ଭୟତାର ଅନୁଭବ ଗୌରୀଶଙ୍କରଙ୍କୁ ବ୍ୟଥିତ କଲା। ଗୌରୀଶଙ୍କର, ବିଚିତ୍ରନନ୍ଦ ଦାସ, ଜଗମୋହନ ରାୟ ୩ଜଣ ମିଳିତ ହୋଇ ୭୫୦୦ ଟଙ୍କାରେ କଟକ ପ୍ରିଣ୍ଟିଂ ପ୍ରେସ୍ ପ୍ରତିଷ୍ଠା କରିଥିଲେ। ଏହା ପୂର୍ବରୁ ଖ୍ରୀଷ୍ଟଧର୍ମ ସମ୍ପର୍କିତ ପୁସ୍ତକ ଛାପା ପାଇଁ ମିଶନ ପ୍ରେସ୍ ନାମକ ଏକ ପ୍ରେସ୍ ଓଡ଼ିଶାରେ ଥାଏ। କଟକ ପ୍ରିଣ୍ଟିଂ କମ୍ପାନୀର ଗୌରୀଶଙ୍କର ସେ ସେକ୍ରେଟେରି ଓ ପରିଚାଳକ ଥିଲେ । ଓଡ଼ିଆ ପାଞ୍ଜିକୁ ପ୍ରଥମ ଥର ପାଇଁ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରକାଶ କଲା । ତା ପରେ ସିଦ୍ଧାନ୍ତ ଦର୍ପଣ । ଗୌରୀଶଙ୍କରଙ୍କ ପ୍ରଚେଷ୍ଟାରେ କଟକ ପ୍ରିଣ୍ଟିଂପ୍ରେସ୍ ସମଗ୍ର ଓଡ଼ିଶାର ସାଂସ୍କୃତିକ, ସାହିତୀକ, କଳା, ଭାସ୍କର୍ଯ୍ୟ ଓ ରାଜନୈତିକ ଅଲୋଚନା ଓ କ୍ରିୟାକଳାପର କେନ୍ଦ୍ର ସ୍ଥଳି ପାଲଟିଗଲା। ୧୮୬୬ ମସିହା ଅଗଷ୍ଟ ମାସରୁ ଉତ୍କଳ ଦୀପିକା ପ୍ରକାଶ ପାଇଲା। 'ଉତ୍କଳ ଦୀପିକା' ଉତ୍କଳ ଭାଷାର ସୁରକ୍ଷା, ରାଜା ପ୍ରଜାଙ୍କର ମତ ଓ ସାମାଜିକ ସ୍ଥିତି ଉପରେ ଗୁରୁତ୍ୱ ଆରୋପ କରି ଉତ୍କଳର ମୁଖପତ୍ରରୂପେ ରାଜ ଦ୍ୱାରରେ ଗୃହୀତ ହେଉଥିଲା। ଦୀର୍ଘ ୫୦ବର୍ଷ ଧରି ଗୌରୀଶଙ୍କରଙ୍କର ଉତ୍କଳ ଦୀପିକାର ପ୍ରତିଷ୍ଠାତା ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ । 'ଦୀପିକାରେ' ଗଳ୍ପ, କବିତା, ପ୍ରବନ୍ଧ, ଇତିହାସ, ରାଜନୈତିକ କାର୍ଯ୍ୟ କଳାପ ଆଦି ବିଭିନ୍ନ ଦିଗ ଉପରେ ସାରଗର୍ଭକ ଆଲୋଚନା ମୂଳକ ଲେଖାମାନ ପ୍ରକାଶ ପାଉଥିଲା। ପଣ୍ଡିତ ଗୋବିନ୍ଦ ରଥ ଗୌରୀଶଙ୍କରଙ୍କ ସହାୟତାରେ ଅନେକ ଲେଖକ ମାନଙ୍କୁ ନେଇ ପାଠ୍ୟ ପୁସ୍ତକ ରଚନା କରିଥିଲେ ।

'ଓଡ଼ିଶା ଆସୋସିଏସନ୍' ବା ଉତ୍କଳ ସଭାର ଗୌରୀଶଙ୍କରଙ୍କର ଥିଲେ ସମ୍ପାଦକ। ଏହିସଭା ମାଧମରେ ଓଡ଼ିଶା ଓ କଟକର ହିତକଳ୍ପେ ବିଭିନ୍ନ ବିଷୟମାନ ଉପରେ ଧ୍ୟାନ ଦିଆଯାଉଥିଲା। ଗୌରୀଶଙ୍କର ୧୯୦୫ ମସିହାରେ ଏହି ସଭା କର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଗୌରୀଶଙ୍କର ରାୟବାହାଦୁର, ଗୋକୁଳା ନନ୍ଦ ଚୌଧୁରି ଓ କେତେଜଣ ବିଶିଷ୍ଟ ବ୍ୟକ୍ତି ମିଶି 'ଓଡ଼ିଆ ଲୋକସଭା' ନାମକ ଏକ ନୂତନ ଦଳ ଗଠନ କରିଥିଲେ । ଜାତୀୟ ମହାସଭା ବା କଂଗ୍ରେସ ସହିତ ଉତ୍କଳର ସମ୍ବନ୍ଧ ଦୃଢ଼ ରଖିବା ପାଇଁ ସେ ପ୍ରତି ବର୍ଷ ଉକ୍ତ ମହାସଭାକୁ ଉତ୍କଳ ସଭାରୁ ପ୍ରତିନିଧି ପ୍ରେରଣାର ପକ୍ଷପାତି ଥିଲେ। ସେ ଜାତୀୟ ମହାସଭାରେ ଯୋଗଦାନକୁ ମହାନ ପୂଣ୍ୟ କାର୍ଯ୍ୟ ମନେକରୁଥିଲେ। ୧୯୧୫ ମସିହାରେ ସୁଦୂର କରାଚିଅଧିବେଶନକୁ ଯାତ୍ରା କରିଥିଲେ ଜରାଜୀର୍ଣ୍ଣ ଦେହରେ ।

ସଙ୍ଗୀତ ଓ ଲୋକ ସାହିତ୍ୟକୁ ଦୀର୍ଘ ସ୍ଥାୟୀ କରିବା ପାଇଁ ଗୌରୀଶଙ୍କର ଧନ ମନ ନିୟୋଜିତ କରିଥିଲେ। ସେ ପ୍ରାଚୀନ କାବ୍ୟ ଓ ସୁନ୍ଦର ଛାନ୍ଦ ମାନ ରଚନା କରି ସୁମଧୁର କଣ୍ଠରେ ବୋଲିପାରୁଥିଲେ। ସେ ପ୍ରତି ସପ୍ତାହର ମଙ୍ଗଳ ବାର ଓ ଶନିବାରରେ ପ୍ରିଣ୍ଟିଙ୍ଗ୍ କମ୍ପାନୀର ଦ୍ୱିତଳ ଗୃହରେ ପାଲା ଗାୟକ, ସଙ୍ଗୀତଜ୍ଞ, ବାଦକ ଓ ମିତ୍ର ମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟ କରୁଥିଲେ। ଆମନ୍ତ୍ରିତ ବନ୍ଧୁମାନଙ୍କୁ ସେ ସମ୍ମାନର ସହିତ ଉପାଦେୟ ଭୋଜ୍ୟାଦି ପୂର୍ବକ ଉତରୀୟ ପ୍ରଦାନ କରୁଥିଲେ। ଏହି ସଭାରେ ଆସୁ କବି ମାନଙ୍କୁ ଉଚ୍ଚ ପ୍ରଶଂସା କରୁଥଲେ। ସଙ୍ଗୀତ ଶିକ୍ଷା ଓ ଶ୍ରବଣ ଦ୍ୱାରା ଆତ୍ମା ପରମ ସୁଖ ଓ ଶାନ୍ତି ପ୍ରାପ୍ତ ହେବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା।

ନାରୀ ସୃଷ୍ଟି କର୍ତା ଓ ସନ୍ତାନର ପ୍ରଥମ ଗୁରୁ। ତେଣୁ ଗୌରୀଶଙ୍କର ନାରୀ ଶିକ୍ଷାକୁଗୁରୁତ୍ୱ ଦେବାପାଇଁ ୧୮୬୮ ମସିହାରେ ଏକ ଚାଳ ଘରେ ଛଅ ସାତ ଜଣ ବାଳିକାଙ୍କୁ ନେଇ, କଟକ ହିନ୍ଦୁ ବାଳିକା ବିଦ୍ୟାଳୟ ସ୍ଥାପିତ କରିଥିଲେ। ପରିବର୍ତୀ ମୂହୁର୍ତରେ ତାହା ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟରେ ନାମିତ ହେଲା। କୁମାରୀ ସରଳା ଦେବୀ ଝିଅ ମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଶିକ୍ଷା ପ୍ରଣାଳୀ ପରିବର୍ତନର ପରାମର୍ଶ ଗୌରୀଶଙ୍କରଙ୍କୁ ଦେଇଥିଲେ। ସେହି ନିୟମ ଅନୁସାରେ ପ୍ରଥମ ବର୍ଷ ଅକ୍ଷର, ଦ୍ୱିତୀୟ ବର୍ଷ ଅଙ୍କ, ସଂଗୀତ ଓ କ୍ରୀଡ଼ା ଶିକ୍ଷା ଦିଆଯିବ। ତୃତୀୟ ବର୍ଷ ଘରକରଣାର ହିସାବ ପତ୍ର, ହିନ୍ଦୀ କହିବା ଓ ବୁଝିବା, ସିଲାଇ ଆଦି ଶିକ୍ଷା ଦିଆଗଲା। ଚତୁର୍ଥ ବର୍ଷରେ ବ୍ୟାକରଣ , ଭୂଗୋଳ, ହିନ୍ଦୀ ପାଠ,ଚିତ୍ର, ନକ୍ସା, ରନ୍ଧନ, ସ୍ୱାସ୍ଥ୍ୟ ବିଜ୍ଞାନ ଉପରେ ଗୁରୁତ୍ୱ ଦିଆଗଲା। ପଂଚମ ବର୍ଷରେ ଇଂରେଜୀ ସଂଯୋଜନା ଉପରେ ନକ୍ସା ଦିଆଗଲା। ଷଷ୍ଠ ବର୍ଷରେ ସଂସ୍କୃତ ଜ୍ଞାନରେ ତାଲିମ ଦିଆଗଲା। ସପ୍ତମ ବର୍ଷରେ ମୌଳିକ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଗଲା। ଗୌରୀଶଙ୍କର ପୌରାଣିକ ଉପାଖ୍ୟାନ, ଐତିହାସିକ ବୀତତ୍ୱ, ସାମାଜିକ ମୂଲ୍ୟବୋଧକୁ ନେଇ ସେ ପାଠ୍ୟକ୍ରମ ମାଧମରେ ନାରୀମାନଙ୍କୁ ଶିକ୍ଷା ଦେବା ପାଇଁ ପ୍ରଚେଷ୍ଟା କରିଥିଲେ। ୧୮୭୦ ମସିହାରେ ଗୌରୀଶଙ୍କର ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ କଟକ ବ୍ରହ୍ମ ମନ୍ଦିରର ଅନ୍ୟତମ ଟ୍ରଷ୍ଟି ଥାଇ ଏହାର ରକ୍ଷା ଓ ଉନ୍ନତି ପାଇଁ ଚିନ୍ତା ଓ ଯତ୍ନ କରୁଥିଲେ। ବସ୍ତୁତଃ ଗୌରୀଶଙ୍କର ବ୍ରାହ୍ମଧର୍ମ ଓ ବ୍ରହ୍ମୋପାସନାକୁ ସନାତନ ଧର୍ମର ସାର ଓ ଶ୍ରେଷ୍ଠ ଅଙ୍ଗ ବୋଲି ମନେ କରୁଥିଲେ। ଜନସାଧାରଙ୍କ ଉପକାର ସକାଶେ ସେ କଟକରେ ଟାଉନ ହଲ୍ ନିର୍ମାଣ କରିଥିଲେ।

୧୯୦୫ ମସିହାରେ କାୟସ୍ଥମାନଙ୍କ କ୍ଷତ୍ରିୟତ୍ୱ ପ୍ରତିପାଦନ ନିମନ୍ତେ ବଙ୍ଗ ଦେଶରେ ଆନ୍ଦୋଳନ ଆରମ୍ଭ ହେଲା। ସେ ସମୟରେ ଗୌରୀଶଙ୍କର କଟକରେ କାୟସ୍ଥ ସଭାର ସଭାପତି ଥିଲେ। କାୟସ୍ଥ ମାନେ ଗୌରୀଶଙ୍କରଙ୍କ ନେତୃତ୍ୱରେ ଉପବୀତ ଧାରଣ କଲେ। ସେଥିପାଇଁ କାୟସ୍ଥ ସମାଜ ତାଙ୍କୁ ସମାଜଚ୍ୟୁତ କରିଥିଲା। ଏକ ବର୍ଷ ପରେ କାୟସ୍ଥ ସଭା ପୁଣି ସ୍ୱେଚ୍ଛାକ୍ରମେ ସାଧାରଣସଭା ଆହ୍ୱାନ କରି ଗୌରୀଶଙ୍କରଙ୍କୁ ଆପ୍ୟାୟିତ କରିଥିଲେ ଓ ସମାଜଚ୍ୟୁତ ରଦ୍ଦ କରିଥିଲେ। ଗୌରୀଶଙ୍କରଙ୍କ ନାତୁଣୀ ଶ୍ରୀମତୀ ଶୈଳବାଳା ଅଳ୍ପ ବୟସରେ ବିଧବାହୋଇଥିଲେ। ଗୌରୀଶଙ୍କର ଶୈଳବାଳାକୁ ସ୍ୱଗୃହକୁ ଆଣି ବାଳିକା ବିଦ୍ୟାଳୟରେ ତାହାର ପଢାପଢିର ବ୍ୟବସ୍ଥା କରିଥିଲେ। ଗୌରୀଶଙ୍କରଙ୍କୁ ସାମାଜିକ ନିର୍ଯାତନାର ଭୟ ଦେଖାଇ ଉକ୍ତ କାର୍ଯ୍ୟରୁ ବିରତ ପାଇଁ କାୟସ୍ଥମାନେ ଚେଷ୍ଟା କରିଥିଲେ । ଗୌରୀଶଙ୍କର ତାଙ୍କ ନୀତିରେ ଅଟଳ ରହିଥିଲେ। ୧୯୧୬ ମସିହାରେ ଗୌରୀଶଙ୍କର ରାୟ ବାହାଦୂର ଉପାଧି ପାଇଥିଲେ ।

୧୯୧୭ ମସିହା ମାର୍ଚ୍ଚ ମାସ ୫ ତାରିଖ ପ୍ରେସ୍ ଘରେ ହଠାତ୍ ସଂଜ୍ଞାହୀନ ହୋଇପଡ଼ିଲେ, ମାର୍ଚ୍ଚ ୭ ତାରିଖ ରାତ୍ର ୯.୩୦ ମିନିଟ୍ ରେ ଓଡ଼ିଆ ଜାତିର କର୍ମ ପୁରୁଷ, ଓଡ଼ିଆ ଭାଷାର ପ୍ରାଣ କେନ୍ଦ୍ର, ବାଗ୍ମୀ ପୁରୁଷ ସବୁଦିନ ପାଇଁ ଆଖି ବୁଜି ଦେଲେ। ଗୌରୀଶଙ୍କରଙ୍କ ଅମ୍ଳାନ ପ୍ରତିଭା ତଥା କୀର୍ତ୍ତି ତାକୁ ଚିର ଅମର କରି ରଖିବ। ଏ ଜାତି ଏ ଭାଷା ବଂଚିଥିବା ପର୍ଯ୍ୟନ୍ତ ତାଙ୍କର ଗୁଣଗାନ ଜୟ ଜୟକାର କରୁଥିବ।

ପାରାଦ୍ୱୀପ ଗଡ଼, କୁଜଙ୍ଗ- ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

## ସିୟାଟିକାର ଚିକିତ୍ସା



**ଡା.ଦିଲ୍ଲୀପ କୁମାର ମହାରଣା**

ଶରୀରର ପୃଷ୍ଠଭାଗରେ ୩୩ ଖଣ୍ଡର ହାଡ଼ ସଂଯୋଗରେ ମେରୁଦଣ୍ଡ ଅବସ୍ଥିତ। ଏହା ସିଧାସଳଖ ନ ରହି ତିନି ସ୍ଥାନରେ ସାମାନ୍ୟ ବଙ୍କା ହୋଇ ରହିଥାଏ। କଟୀଦେଶୀୟ ମେରୁଦଣ୍ଡରେ ପାଞ୍ଚଖଣ୍ଡ ମେରୁହାଡ଼ ଥାଏ। ଏଥିରୁ ଏକ ସ୍ନାୟୁ ବାହାରି ଦେହର ଜଙ୍ଘ ଓ ଗୋଡର ପଛପଟ ଦେଇ ପାଦ ପାଖକୁ ଯାଇଥାଏ। ଏହାକୁ ସିୟାଟିକ ସ୍ନାୟୁ କୁହାଯାଏ। ଏହି ସ୍ନାୟୁ ଦୁର୍ବଳ ହୋଇ ବିନ୍ଧା ହେଲେ କଟିବାତ ବା ଅଣ୍ଟାଧରା ବା ସିୟାଟିକା ରୋଗ ଆରମ୍ଭ ହୋଇଥାଏ। ଏହି ରୋଗରେ ଅଣ୍ଟା ଠାରୁ ଗୋଡ ପର୍ଯ୍ୟନ୍ତ ବିନ୍ଧା ହୋଇଥାଏ। ଏହି ରୋଗ ହେବାର କୌଣସି ନିର୍ଦ୍ଦିଷ୍ଟ ସମୟ ନଥାଏ। ଓଜନିଆ ଜିନିଷ ଟେକିବା, ଶରୀରର ବଳ ଠାରୁ ଅଧିକ ପରିଶ୍ରମ କରିବା, ବହୁ ସମୟ ଧରି ଅଣ୍ଟାଭଙ୍ଗା ଶୈଳୀରେ ବସିବା, ଅସମତଳ ରାସ୍ତାରେ ଗାଡ଼ି ଚଳାଇବା, କୂଅରୁ ପାଣି କାଢ଼ିବା ଇତ୍ୟାଦି ସିୟାଟିକା ରୋଗର ମୁଖ୍ୟ କାରଣ। ଅଧିକ ଓଜନ ହେବା ଏବଂ ପ୍ରଜନନ ସମୟରେ ଉପଯୁକ୍ତ ବ୍ୟାୟାମ ଓ କଲେ ଏହି ସମସ୍ୟା ହେବାର ସମ୍ଭାବନା ଅଧିକ।

ଏହାର ଲକ୍ଷଣ ହେଉଛି ଅଣ୍ଟାବିନ୍ଧା ବଢ଼ିବା, ଯାହାଫଳରେ ଦୈନନ୍ଦିନ କାର୍ଯ୍ୟ କରିବାକୁ ସକ୍ଷମ ନ ହୋଇ ପାରିବା। ଏପରିକି ଶୋଇବା, ନିଃଶ୍ୱାସ ମାରିବା, କଥା କହିବା, ହସିବା, କାଶିବା ଇତ୍ୟାଦି ବହୁ କଷ୍ଟ ଅନୁଭବ କରିଥାଏ। ଗୋଟିଏ ପଟ ଗୋଡ଼ ଝିମ୍ ଝିମ୍ ହୋଇ ବ୍ୟଥା ହେବା, ପାଦ ବଧିରା ଲାଗେ, ଚାଲିବାକୁ ଜୋର ନପାଇବା।

ରୋଗ ନିର୍ଣ୍ଣୟ କିପରି କରାଯାଇଥାଏ? କିଛି ଶାରୀରିକ ପରୀକ୍ଷା ଏବଂ ଏକ୍ସରେ ଦ୍ୱାରା ଏହି ରୋଗ ନିରୂପଣ କରାଯାଇଥାଏ। ଏହାର ଚିକିତ୍ସା ହେଉଛି ଏଥିରେ ପୀଡ଼ିତ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ ରହିଛି। ରୋଗୀ ସମ୍ପୂର୍ଣ୍ଣ ବିଶ୍ରାମ ନେବା ଆବଶ୍ୟକ। ଫିଜିଓଥେରାପି ଚିକିତ୍ସା ଏବଂ ଶାରୀରିକ ବ୍ୟାୟାମ ଦ୍ୱାରା ଏହି ରୋଗକୁ ସମ୍ପୂର୍ଣ୍ଣ ନିରାକରଣ କରିହେବ। ଫିଜିଓଥେରାପିଙ୍କ ପରାମର୍ଶରେ ବିଭିନ୍ନ ପ୍ରକାରର ବ୍ୟାୟାମ କରିବା ଫଳରେ ଏହାର ନିରାକରଣ କରାଯାଇପାରିବ। ଅନେକ ବ୍ୟାୟାମ ରହିଛି ଯେପରିକି ପେଟେଇକରି ଶୋଇବେ, ଗୋଟିଏ ଗୋଡ଼କୁ ସିଧା କରି ଉପରକୁ ଉଠାଇବେ ଏବଂ ଅନ୍ୟ ଗୋଡକୁ ଏହାପରେ ସେହିପରି କରିବେ। ପେଟେଇ କରି ଶୋଇ ଦୁଇ ହାତକୁ ପଛପଟେ ପିଠା ଉପରେ ରଖିବେ, ମୁଣ୍ଡ ଓ କାନ୍ଧକୁ ଏକାବେଳେ ଉପରକୁ ଉଠାଇବେ ଏବଂ ତଳକୁ କରିବେ। ଚିତ୍ ହୋଇ ଶୋଇବେ, ଦୁଇଗୋଡକୁ ଆଣ୍ଠୁ ପାଖରୁ ଭାଙ୍ଗି ଛାତିରେ ଲଗାଇବେ ଏବଂ ସିଧା କରିବେ। ତେବେ କୌଣସି ପୁସ୍ତକ ପଢ଼ି ବା ଟିଭି ମାଧ୍ୟମରେ ଭିଡ଼ିଓ ଦେଖି ଫିଜିଓଥେରାପିଷ୍ଟଙ୍କ ବିନା ପରାମର୍ଶରେ ଏହି ବ୍ୟାୟାମ କରିବା ଅନୁଚିତ। ଏଭଳି କଲେ ବ୍ୟାୟାମ ଭୁଲ ହେବାର ସମ୍ଭାବନା ରହିଥାଏ, ଯାହାଫଳରେ ଯନ୍ତ୍ରଣା ଦ୍ୱିଗୁଣିତ ହୋଇପାରେ। ତେଣୁ ଜଣେ ଭଲ ଅଭିଜ୍ଞ ଫିଜିଓଥେରାପିଷ୍ଟଙ୍କ ଠାରୁ ରୋଗର ଉପଯୁକ୍ତ କାରଣ ଓ ନିରାକରଣ ବିଷୟରେ ଆବଶ୍ୟକ ତଥ୍ୟ ବୁଝିସାରିଲା ପରେ ନିର୍ଦ୍ଦିଷ୍ଟ ଗୃହ ବ୍ୟାୟାମର ପରାମର୍ଶ ନେଲେ ଏହି ରୋଗର ସ୍ଥାୟୀ ନିରାକରଣ ସମ୍ଭବ।

ଶିଖରପୁର ଉପରସାହି, କଟକ,
ମୋ: ୮୨୮୦୯୬୩୨୮୩




### ସନ୍ଦେହ
**ନିରଞ୍ଜନ ସାହୁ**

ଥରେ ସନ୍ଦେହର ନିଆଁ କୁହୁଳିଲେ
ହୁତୁ ହୁତୁ ହୋଇ
ଜଳିଯାଏ ସମ୍ପର୍କ
ଆଉ ପୋଡ଼ିଯାଏ ଭରସା,ବିଶ୍ୱାସ ।

ଏମିତି କାହିଁକି ହୁଏ
କାହିଁକି ମଣିଷ ମନରେ
ବସା ବାନ୍ଧେ ସନ୍ଦେହ ?

ବେଳେବେଳେ ପର କଥାରେ
ଭାଙ୍ଗିଯାଏ ବିଶ୍ୱାସର ସେତୁବନ୍ଧ
ଆଉ ମଣିଷ ସବୁକିଛି
ବୁଝିବା ବେଳକୁ
ସରି ଯାଇଥାଏ ଅନେକ କିଛି ।

ସନ୍ଦେହର ବୁଢ଼ିଆଣି ଜାଲ
ଥରେ କାୟା ବିସ୍ତାର କଲେ
ତାହା ସହଜରେ
ଆୟତ୍ତ କରିପକାଏ
ସରଳ ମଣିଷର ମନକୁ ।

ନିଜକୁ ଭୁଲ ବାଟରେ ନେଇ
ଦୁନିଆକୁ ଠକି ଦେବାର
ସହଜ ବାଟ ହେଉଛି ସନ୍ଦେହ ।

ଆସନ୍ତୁ ,
ନିଜର ମନକୁ
ସନ୍ଦେହର ମାୟାରୁ
ନିଜକୁ ମୁକ୍ତ କରିବା
ଈଶ୍ୱରଙ୍କ ପରି ସ୍ୱଚ୍ଛ ମନରେ
କର୍ମ କରି ନିଜର
ଜନ୍ମକୁ ସାର୍ଥକ କରିବା ।

+ନିହଳ ପ୍ରସାଦ , ଢେଙ୍କାନାଳ
ମୋ : ୯୯୩୮୭୪୧୫୮୩

### ବେଦରଦି ଦୁନିଆ
**ଅନନ୍ତ କୁମାର**

ବେଦରଦି ଦୁନିଆରେ
ଏଠି କେହି ତ ନୁହଁ କାହାର
ସ୍ୱାର୍ଥ ସରିଗଲେ ପରା
କ୍ଷଣିକେ ହୁଅନ୍ତି ସଭିଏଁ ପର।
ମୁଁ ହତ ଭାଗା ଟିଏ ବୁଝି ପାରିଲିନି
ଏ ମିଛ ମାୟା ଦୁନିଆକୁ
ନିଜ ଠାରୁ ଅଧିକ ଭଲ ପାଇ ଆଜି
ଜାଳୁଛି ଜୀଅନ୍ତା ନିଜକୁ ।
ଆଞ୍ଜୁଳାଏ ପ୍ରେମ ଦେଇ ବୁଣି
ନେଇଗଲା ମୋ ମନକୁ କିଣି
ବୁଝିବା ଆଗରୁ ସେ ପ୍ରେମକୁ
ଢାଳି ଦେଲା କିଏ ଜହର ପୁଣି।
ବେଦରଦି ଦୁନିଆରେ
ଏଠି କେହି ନୁହଁ ମୋର ନିଜ ଲୋକ
କାନ୍ଦି କାନ୍ଦି ଆଖି ମୋର
କରୁଛି ଦିନ ରାତି ଖାଲି ଅନୁତାପ।
ସବୁ ଦେଖି ସବୁ ଶୁଣି ଏଠି
କହୁଛନ୍ତି ସଭିଏଁ ମିଛ ଗପ,
କହିବି କାହାକୁ ଶୁଣିବ କିଏ
ବେଦରଦି ଦୁନିଆରେ ସବୁ ମୂକ।
ବେଦରଦି ଦୁନିଆରେ
ସୁଖ ଥିଲେ ସଭିଏଁ ନିଜର
ଦୁଃଖ ପଡିଯିବ ଯେବେ
ବାହାନା ଖୋଜି ହେବେ ସବୁ ପର।

+ତିହିଡ଼ି, ଭଦ୍ରକ
ମୋ:୮୩୩୯୯୩୯୯୨୯

### ଏବେହୁଏ ବାହା କାମୁଡ଼ି
**ଶିଶିର କୁମାର ପଣ୍ଡା**

ଅପରୂପା ସେଇ ସୁକୁଟି ଭାଉଜ
ଦେଖିବାକୁ କାଚ ମାରକା
ଆମ ଘରପାଖେ ଶାଶୂଘର ତାଙ୍କ
ବାପଘର ଅଟେ ଜାରକା ।

ଭଗବାନ ବୋଧେ ଗଢ଼ିଛନ୍ତି ତାଙ୍କୁ
ନିରୋଳାରେ ବସି ବସିକି
ଋଷିମୁନି ଯୋଗ ଭାଙ୍ଗିଯିବ ସିଏ
କଥା କହିଦେଲେ ହସିକି ।

କେମିତି କେଜାଣି ସନିଆଁ ଭାଇକି
ରାଜିହୋଇ ଗଲା ପଳେଇ
ଭଲ ପାଉଥିବା କେତେ ଟୋକଙ୍କର
ଛାତିର କଲିଜା ଜଳେଇ ।

ସେଇ ତାଲିକାରେ ନାଆଁ ମୋ ଆସୁଛି
ଏବେ ହୁଏ ବାହା କାମୁଡ଼ି
ଭାଉଜ କୁହନ୍ତି ମୁଁ କାଳେ କୁଆଡ଼େ
ଅମଣିଆଁ ଗୋଟେ ଦାମୁଡ଼ି ।

କହୁକହୁ ଆଜି ଖୋଲିଦେଲି ସିନା
ଅକୁହା କଥାର ଗୁମର
ଭାଉଜକୁ ଥରେ ଦେଖିଲେ ଅବସ୍ଥା
ଅସମ୍ଭାଳ ହେବ ତୁମର ।

+କୁଆଁସ , ମେରଦା କାଟିଆ ,
ଯାଜପୁର
ମୋ: ୮୯୮୧୭୩୭୨୨୮

### ରଚିବାକୁ ହେବ କ୍ରାନ୍ତି
**ଦୀନବଂଧୁ ବେଜ**

ସମୟ ସ୍ରୋତରେ କର୍ମ ସାରିକରି ବାହୁଡ଼ିବେ ସର୍ବଜନ,
ସନ୍ତାନସନ୍ତତି ବାଢ଼ବତା ସମ ପଢୁଥିବେ ଟିକେ ମନ ।
କଳା କୁକର୍ମଯେ ଛୁଞ୍ଚିପରି ହୋଇ ପଶୁଥିବ ଦେହଯାକ ,
ଇଚ୍ଛା ନଥିବ ଖାଦ୍ୟ ଖାଇବାକୁ ମନରେ ନଥିବ ଭୋକ ।
ଅସ୍ଥିର ହୋଇ ଅଷ୍ଟାଙ୍ଗ ଶରୀର ବରଡ଼ା ପତର ପରି ଥରି ,
ତନ୍ତ୍ରୀ ଅକ୍ଷମତା ଦେହରଙ୍ଗ ଫିକା ସର୍ବାଙ୍ଗରେ ଯାଏ ଚରି ।
ସାହାସ ଜୁଟେଇ କାଗଜ ଗୁଟେଇ ଦାଖଲ ସମାପ୍ତ କରି,
ଆପଣାଧନକୁ ସୁଖ ଶ୍ରଦ୍ଧା ସମ ଇସ୍ତାହାର ମଧରେ ଭରି ।
ମୁଁ ଚାଲିଅଛି ମୋ ଶବ ମୁଣ୍ଡେଇ ତିଳେହେଁ ନକରି ଦୁଃଖ,
ମୋ କର୍ମଧର୍ମ ମୋହରି କିରତି ମୋ ସାରା ଦୁନିଆ ପାଖ ।
ହୃଦୟେ ପ୍ରଫୁଲ୍ଲ କାଠଚମ୍ପା ତୂଲ୍ୟ ନକରି କାହାକୁ ଡ଼ର,
ଟମକ ମହୁରୀ ଶବ୍ଦ ତୁରିଭେରି ସବୁକୁ କରି ହେ ପର ।
ବେଳକାଳ ଉଣ୍ଡି ଲେଖି ଇତିହାସ ବୀରତ୍ୱକୁ କରି ସାଥି,
ଗାନ୍ଧୀ, ଗୋପବନ୍ଧୁ ସୁବାଷଙ୍କପରି ରଚିବାକୁ ହେବ କ୍ରାନ୍ତି ।

+ମାଲକାନଗିରି , ଓଡିଶା, ଭାରତ

### ଆମ ପିଲାଦିନ
**ପ୍ରଦୀପ୍ତ ଆଚାର୍ଯ୍ୟ**

କାହିଁ ଚାଲିଗଲା, ଆମ ପିଲାଦିନ,
ହୋଇଲା ସାତ ସପନ,
ଆଜିକା ପିଲାଙ୍କୁ, ଦେଖିଦେଲେ ଆମେ,
କରୁ ସ୍ମୃତି ରୋମନ୍ଥନ।

ଶୀତୁଆ ସକାଳେ, କଅଁଳ ଖରାରେ,
ନିଆଁ ପୋଉଥିଲୁ ଆମେ,
ଏବେକା ପିଲାଏ, ଘରୁ ନବାହାରି,
ରୁମ୍ ହିଟରରେ ଚଳେ।

ସୂର୍ଯ୍ୟୋଦୟ ପୂର୍ବୁ, ଶଯ୍ୟାତ୍ୟାଗ କରି
ନିତ୍ୟକର୍ମ ସାରୁଥିଲୁ,
ନଅଟା ବାଜୁଛି, ଯୁବକ ମାନଙ୍କୁ,
ବାସି ଶେଯ ଛାଡୁ ଛାଡୁ।

ନଦୀ କୂଳର ସେ, ଧୀର ସମୀରଣ,
ଆଉ ଲୋଡା ହେଉନାହିଁ,
ଆଧୁନିକ ପିଢି, ସେ କାମ ଚଳାନ୍ତି,
କାଚ ଏ.ସି ଘରେ ରହି।

ଚୁଡା ମୁଢି ଯାଗା, ମାଡି ବସିଅଛି,
ଚାଓମିନ୍ ଆଉ ଚାଟ୍,
ଯେଉଁ ରୋଗ ନାମ, ଶୁଣାତ ନଥିଲା,
ତାହା ହେଉଅଛି ଷ୍ମାର୍ଟ।

ଶାରୀରିକ କର୍ମ, ଥିଲା ଆମ ଧର୍ମ,
ଶରୀର ସୁସ୍ଥତା ପାଇଁ,
କର୍ମ ବିମୁଖତା, ଏବେକାର ବାର୍ତା,
ଅସୁସ୍ଥତା କ୍ରୟ ପାଇଁ।

+ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଈଶାଣୀ ବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦





# ଦୁଃଖ ଯେବେ ସରେ..

**ରତ୍ନକାନ୍ତି ମିଶ୍ର**

ବଡ଼ ଡ଼ାକ୍ତରଖାନାରେ ସତୀକୁ ଭର୍ତ୍ତି କରାଇ ସାରିବା ପରେ ଯାଇଁ ଶିବା ଟିକିଏ ଶାନ୍ତିରେ ନିଃଶ୍ୱାସ ମାରିଲା। ଏପଟ ସେପଟ ଦୌଡ଼ା ଦୌଡ଼ି କରି ସେତେବେଳକୁ ସେ ହାଲିଆ ହୋଇ ସାରିଥିଲା। ସାଙ୍ଗରେ ପୁଣି ରୋଗୀଣା ସ୍ତ୍ରୀ। ଖଟିଆଟେ ନମିଳୁ ପଛେ , ତଳେ ଜାଗା ଖଣ୍ଡେ ମିଳିଗଲା ତ ! ଏଥର ସତୀର ଚିକିତ୍ସା ଆରମ୍ଭ ହୋଇଯିବ ନିଶ୍ଚୟ। କେତେ କଷ୍ଟ ସହିଲାଣି ବିଚାରି। ଜାଗାଟି ସଫାକରି ସପ ପକାଇ ସତୀକୁ ଆସ୍ତେ କରି ଶୁଆଇଦେଲା ସେ। ଏଇ ଟିକକ ଜାଗା ପାଇବା କ'ଣ କମ୍ କଥା କି ! ଅଣ୍ଟିରୁ ଦୁଇ ଶହ ଟଙ୍କା ବାହାରି ଗଲାଣି।

ସତୀ ନଥିବା ଦୁନିଆକୁ ଚିନ୍ତା କରି ପାରେନା ଶିବା। ଅଭାବି ଦୁନିଆରେ ବଞ୍ଚିବାର କଳା ତା' ସାଥିରେ ରହି ଶିଖି ଯାଇଥିଲା ସତୀ। ନା ଥିଲା ଅଧିକା ପାଇବାର ଇଛା ଅବା ହାତକାତ ପାଉ ନଥିବା ସୁଖ ସପନକୁ ଗୋଟେଇବାର ଲାଳସା । ପଇସା ଅଭାବରୁ ବଡ ଡାକ୍ତର ଦେଖାଇବାରେ ବହୁତ ଡେରି ହୋଇ ଗଲାଣି। ଏବେ ଆଉ ତା' କଷ୍ଟ ଦେଖି ସହି ହେଉନି।

ଯା ଭିତରେ ପୁଣି ଦୁଇ ଦିନ ବିତି ଗଲାଣି। ତଥାପି ମନକୁ ଟାଣ କରିବାକୁ ଚେଷ୍ଟା କରେ ଶିବା। ଛାତି ତଳର ଜମାଟବନ୍ଧା କୋହକୁ ଚାପି ରଖି ସତୀକୁ ଟିକେ ଆଉଁସି ଦିଏ। ଅସାଡ ହୋଇ ପଡିଥିବା ସତୀର ନାକ ପାଖରେ ଡରି ଡରି ହାତ ରଖେ। ବିକଳ ହୋଇ ଠାକୁରଙ୍କୁ ଡକା ପାରେ। ସତୀ ଏକା ହୋଇଯିବ ବୋଲି ଅନିଦ୍ରା ହୋଇ ତା ପାଖରେ ବସି ରହେ। ହେଲେ କେତେବେଳେ ଯେ ଆଖିପତା ମୁଦି ହୋଇଯାଏ ଶିବା ଜାଣି ପାରେନା। ଚମକି ଉଠେ ଥରକୁ ଥର।

ସ୍ୱାମୀ ଉପରେ ଭରସା ରଖି, ଯନ୍ତ୍ରଣା ସବୁକୁ ଚାପିରଖି ସତୀ ପଡି ରହିଥିଲା ସେମିତି। ଡାକ୍ତରଙ୍କ ପାଖକୁ ଶିବା ଦଉଡୁଥିଲା ବାରମ୍ବାର। ଶେଷରେ ନିରୋଳା ପାଇ ଡାକ୍ତର ବାବୁଙ୍କ ଗୋଡ ଧରି ପକେଇ ସତୀ କଥା ବୁଝିବା ପାଇଁ ସେ ବିକଳ ସ୍ୱରରେ ଗୁହାରି କଲା। ଡାକ୍ତର ବାବୁ ବିରକ୍ତି ଭାବ ପ୍ରକାଶ କରି କହିଲେ -'ଏତେ ବ୍ୟସ୍ତ ହେଲେ ମୁଁ କ'ଣ କରିବି ? ତୁମର ସେ ସ୍ୱାସ୍ଥ୍ୟକାର୍ଡ ମୋର କି କାମରେ ଲାଗିବ ? ଯାହା କହିଥିଲି ପୁରା ବ୍ୟବସ୍ଥା କରି ଆସ।'

ସତୀର କଷ୍ଟ ଜର୍ଜରିତ ମୁହଁକୁ ଆଉ ଚାହିଁ ପାରୁନଥିଲା ଶିବା। ସେଦିନ ସତୀକୁ ବୁଝାଇସୁଝାଇ ଶିବା ଗାଁକୁ ବାହାରି ଗଲା। ଘରଡିହ ଖଣ୍ଡିକ ମହାଜନ ପାଖରେ ବନ୍ଧା ପକାଇ କୋଡିଏ ହଜାର ଧରି ସେ ଫେରି ଆସିଲା ମୁହଁ ସଞ୍ଜବେଳକୁ। ସେଇ ରାତିରେ ସବୁ ଆଶା ଭରସାକୁ ସାଉଁଟି, ଡାକ୍ତରବାବୁଙ୍କ ଘରକୁ ଯାଇ ଟଙ୍କାତକ ଧରେଇ ଦେଇ ଆସିଲା। ଡାକ୍ତର ବାବୁ ଅପରେସନ ପାଇଁ ପରଦିନକୁ ସମୟ ଦେଲେ। ଶିବା କୃତ୍ୟ କୃତ୍ୟ ହୋଇ କହିଲା -'ଡାକ୍ତର ଆଜ୍ଞାଙ୍କୁ କୋଟି ପରମାୟୁ ଦିଅନ୍ତୁ ଈଶ୍ୱର। ତାଙ୍କର ଆହୁରି ବଢତି ହେଉ !'

ଶିବା ସତୀ ପାଖକୁ ଫେରି ଆସିଲା ଖୁସି ଖବର ଦେବା ପାଇଁ। ହେଲେ ସେ ଖୁସି ସମୟ ଭୋଗିବା ପାଇଁ ସତୀ ଆଉ ବେଶୀ ସମୟ ଅପେକ୍ଷା କରି ପାରି ନଥିଲା। ରାତି ସାରା କଷ୍ଟରେ ଛଟପଟ ହୋଇ ଭୋରୁ ଭୋରୁ ଢଳି ପଡିଲା ଶିବା କୋଡରେ। ସବୁ ଯନ୍ତ୍ରଣାରୁ ମୁକ୍ତି ପାଇଗଲା ସେ। ଶିବାର ସବୁ ପ୍ରାର୍ଥନା ନିଷ୍ଫଳ ହୋଇଗଲା। ସତୀକୁ ଦିଆ ତା'ର ସବୁ ଆଶ୍ୱାସନା ବ୍ୟର୍ଥ ହୋଇଗଲା।

କାହାକୁ କିଛି କହିଲା ନାହିଁ ଶିବା। ଯେଉଁ ଟ୍ରଲି ରିକ୍ସାରେ ସତୀକୁ ଆଣିଥିଲା, ଗଛ ଗଣ୍ଡିରେ ଚେନ ସହ ବନ୍ଧା ଥିବା ସେଇଟିକୁ ଖୋଲି ଆଣିଲା ସତୀର ଶବ ପାଖକୁ। ବଡ ଡାକ୍ତରଖାନାର ବଡଦାଣ୍ଡ ଦେଇ ସ୍ୱର୍ଗଦ୍ୱାର ସମାନ ତା ଗାଁ ମଶାଣି ଆଡକୁ ଯିବାକୁ ପାଦ ବଢେଇଲା। ସତୀକୁ ନେଇ ଟ୍ରଲିରିକ୍ସା ଗଡି ଚାଲିଲା ବିନା କୌଣସି ଝିନଝଟରେ। ସେତେବେଳକୁ ରାତି ପାହିବାକୁ ଆହୁରି କିଛି ସମୟ ବାକି ଥିଲା।

ଘରଦ୍ୱାର ହରାଇ ଥିବା ଶିବା ସେଇ ଶ୍ମଶାନ ପାଖରେ ହିଁ ଏବେ ରହୁଛି। ଗାଁ ଲୋକେ କହନ୍ତି ଶିବା ସେବେଠାରୁ ଯେମିତି ଶବ ପାଲଟି ଯାଇଛି...!!!

+ଆଳି, କେନ୍ଦ୍ରାପଡା



# ସାରସ୍ୱତ ସମ୍ପର୍କ



**ସୁନନ୍ଦା ମହାନ୍ତି**

କୋକେଇଟା ଏଡେ ଭାରି, ସହଜେ ଉଠୁନି। ଦୁଇଭାଇ, ଦୁଇ ଭଉଣୀଜୋଇଁ, ଦୁଇ ଦିଅର, ଯେତେ ଚେଷ୍ଟା କଲେ ବି ପରାସ୍ତ। ଆଗରେ ସ୍ୱାଭିମାନ , ଗୁଆ ଘିଅ, ଚନ୍ଦନ, ଖଇ କଉଡ଼ି ଓ ପାଞ୍ଚ ଦଶ ଟଙ୍କିଆ ସହ ମୁହଁରେ ନିଆଁ ଦେବାକୁ ପାଳଚୁଣ୍ଡା ସହ ମଲା ତୁଳସୀ ଗଛ ସବୁକୁ ଥୋଇ ଶବ ପାଖକୁ ଆସିଲେ।

ପୁଅ ଆମେରିକାରେ। ଝିଅ ମୁମ୍ବାଇରେ। ସେଇମାନେ ଆସିନାହାନ୍ତି ତ, ରୁହ ରୁହ କହି ଠାକୁର ଘରେ ପଶୁ ପଶୁ ସମସ୍ତେ ବାରଣ କରୁଥିବା ସତ୍ତ୍ୱେ , ଆଉ ଠାକୁର ନା ଫାକୁର, ସିଏ ତ ଗଲା, ଯିଏ ପୂଜୁ ଥିଲା କହି, ପଶିଯାଇ ସିନ୍ଦୁର ଡବା ଟା ଯାକର ସିନ୍ଦୁର ଆଣି ଶବ ଦେହରୁ ଲୁଗା କାଢି ବିଞ୍ଚିଦେଇ ଗଲେ, ଆଉ କହିଲେ ଉଠାଅ, ଏଥର, ଉଥିଯିବ, ହେଲେ ରଥ ଅଟାକିଲା ପରି କୋକେଇ ଉଠୁନି ଜମା ତ ନିଜେ ହାତ ଲଗେଇଲେ ସ୍ୱାଭିମାନ, ଚଙ୍କୁନି କୋକେଇ, କଣ କରିବା, ଶବ ବାହାକ ଗାଡି ଡକାଇ, ଘୋଷାଡି ନେବା।ଶବ ବାହାକ ଗାଡି ଆସିଲା, ହେଲେ ଶବକୁ ଘୋଷାଡିବା ତ ଦୂରର କଥା, ସାମାନ୍ୟ ଚଙ୍କୁନି ଶବ!

ଏତିକି ବେଳେ ପୁଅ ଆମେରିକାରୁ ଝିଅ ମୁମ୍ବାଇରୁ ଆସୁଛନ୍ତି ଅପେକ୍ଷା ଖବର ଶୁଣି ସମସ୍ତେ ବସିଗଲେ। ପୁଅ ଝିଅଙ୍କ ହାତ ଲାଗିଲେ ଶବ ଉଠିଯିବ ବୋଲି ସମସ୍ତେ ମନେ ମନେ ଭାବି ବସିଗଲେ ଯିଏ ଯାହାର କାନ୍ଥକୁ ଆଉଜି। ଆରମ୍ଭ ହୋଇଗଲା କନ୍ଦାକଟା। ଲୋତକମୟ ପରିସ୍ଥିତିରେ ପରିସ୍ଥିତି ଅନ୍ୟ ଆଡ଼କୁ ଢଳୁ ଥିଲା। ଝିଅ ଚାଦର ଉଠେଇ ମାଆ ମୁହଁ ସାରା ଏମିତି ସିନ୍ଦୁର ବିଞ୍ଚି କିଏ ଅପ୍ରକାରିଆ କହି ଲୋଟୁଥିଲା କାନ୍ଦି କାନ୍ଦି, ଆଉ ସଯାଉ ଥିଲା ବଧୂ ବେଶରେ ମାଆକୁ। ସମସ୍ତେ ଭାବୁଥିଲେ ଏଥର ବୋଧହୁଏ ପୁଅ ଜୋଇଁ ଙ୍କ ହାତ ବାଜି ଉଠିବ କୋକେଇ।

ହେଲେ ସବୁ ବିଫଳ। ବରଂ କାନ୍ଦ ବଢୁଥିଲା ବେଳକୁ ବେଳ। ବେଳ ବି ଗଡୁଥିଲା। ହେଲ ଫୋନ୍ ବାଜୁଥିଲା ଘନଘନ। ଝିଅ ଉଠେଇଲା, ସବୁ କଥା କହି କାନ୍ଦୁଥିଲା, ବାପା ପଚାରିଲେ କିଏ, ଝିଅ କହୁଥିଲା ତୁମ ସାଙ୍ଗ। ଏଇ ଏଇ ଶୁଣି ଆସି ପହଞ୍ଚିବେ। ଦିର୍ଘନିଶ୍ୱାସ ବାହାରିଗଲା ସ୍ୱାଭିମାଙ୍କର। ବିନୋଦ ଖାଲି ତାଙ୍କ ବନ୍ଧୁ ନୁହଁ, ଶୁଭ୍ରାର, ପ୍ରେମିକ ବି। ତିନିହେଁ ଏକା କଲେଜରେ ପଢୁଥିଲେ। ସୁନ୍ଦରୀ ବିଉଟି କୁଇନ ବୋଲି ଶୁଭ୍ରାର ଭାରି ଭାଉ। ବିନୋଦର ଏକତରଫା ପ୍ରେମକୁ ପାଦରେ ଆଡେଇ ସ୍ୱାଭିମାନ ସହ ଘର ବନ୍ଧିଲା ଶୁଭ୍ରା। ଆଉ ବିନୋଦ ଶୁଭ୍ରାକୁ ଭଲପାଏ ବୋଲି ଅଜ୍ଞ ସ୍ୱାଭିମାନ,ବିନୋର ଡାଇରୀ ପଢ଼ି ସବୁ ଜାଣିଥିଲେ ଓ ଶୁଭ୍ରକୁ ବିନୋଦ ପ୍ରତି କରିଥିବା ଅନ୍ୟାୟ ତୁମକୁ ଭଗବାନ ବି କ୍ଷମା ଦେବେନି କହି ବିନୋଦ ସହ ନିବିଡ ଭାବ ଯୋଡି ରଖିଥିଲେ। ଆଉ ଶୁଭ୍ରା ଯେବେ ମରିବା କଥା ଉଠାନ୍ତି ବିନୋଦ କୁହନ୍ତି ମୋ କାନ୍ଧରେ ଯିବାକୁ ସେତେବେଳେ ମନା କରିବନି ଭାଉଜ। ସ୍ୱାଭିମାନ କୁହନ୍ତି ସେତିକି ଅନୁମତି ଦେଲେ, ହୁଏତ ଶୁଭ୍ରା ପାପ ମୁକ୍ତ ହୁଅନ୍ତା। ତ ବିନୋଦ ଓ ଶୁଭ୍ରା, ଏକାସାଙ୍ଗରେ କହିଉଠନ୍ତି, ଏମିତି କଣ କହୁଛ ଯେ!

ସତକୁ ସତ ବିନୋଦ ଆସିଲେ ଆଉ ଯେମିତି କାନ୍ଧ ଲଗାଇଛନ୍ତି ଉଠିଲା ଶବ। ଦୁଇବନ୍ଧୁ କୋହ ସମ୍ଭାଳି ନପାରି ବୁକୁଫଟା କାନ୍ଦୁଥିଲେ। ସମସ୍ତେ ନିର୍ବାକ ।

+ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫

# ସ୍ୱାମୀ ସେବା ଦାସତ୍ୱ ନୁହେଁ,ଏକ ସୌଭାଗ୍ୟ

ସମ୍ପର୍କର ଗନ୍ଧ

**ଶ୍ୱେତା ରାଉତ୍**



ପୂର୍ବରୁ ଆମେମାନେ ଜାଣିଛନ୍ତି ଯେ, ଘରର ବୋହୁଟିଏ ଶାଶୁ, ଶ୍ୱଶୁରଙ୍କ ପାଦ ଘଷି ତାଙ୍କର ସେବା କରିବା ଦୈନନ୍ଦିନ ଜୀବନଚର୍ଯ୍ୟାର ଏକ ଅବିଚ୍ଛେଦ୍ୟ କର୍ମ ଥିଲା। ସ୍ୱାମୀଙ୍କୁ ମୁଣ୍ଡିଆ ମାରିବା ଓ ସ୍ୱାମୀ ସେବା କରିବା ସ୍ତ୍ରୀର ଧର୍ମ ଓ ସୌଭାଗ୍ୟ ଥିଲା। କିନ୍ତୁ ଆଜିକାଲି ଶାଶୁ ଶ୍ୱଶୁରଙ୍କ ପାଦ ଘଷିବା କ୍ୱଚିତ ଦେଖିବାକୁ ମିଳେ,ତା ପୁଣି ବିରକ୍ତିଭାବରେ ଓ ସ୍ୱାମୀର ସେବା କଥା କଣ କହିବା, ବରଂ ସ୍ୱାମୀଙ୍କୁ ସ୍ତ୍ରୀମାନେ ପାଦ ଘଷେଇଲେଣି।

ସ୍ୱାମୀକୁ ଯେ ପର୍ଯ୍ୟନ୍ତ ସ୍ତ୍ରୀ ପତି ପରମେଶ୍ୱର ଭାବେ ହୃଦୟରେ ରଖିଥାଏ, ସ୍ୱାମୀ ପ୍ରତି ଭକ୍ତି, ସେବା, ପ୍ରେମ ଆପେ ଆପେ ପ୍ରକଟିତ ହୁଏ, ସ୍ତ୍ରୀ ଯଥା ସମ୍ଭବ ଚେଷ୍ଟା କରେ ସ୍ୱାମୀକୁ ସଂସାରର ପରମ ସୁଖ ସମୃଦ୍ଧି ଅଜାଡି ଦେବାକୁ। ସ୍ତ୍ରୀର ସମର୍ପଣଭାବ ଓ ସେବା ଦ୍ୱାରା ସ୍ୱାମୀ ଆପାୟିତ ହୁଅନ୍ତି ଏବଂ ସହଧର୍ମିଣୀ ଭାବେ ଶ୍ରଦ୍ଧାଶୀଳ ହୋଇଥାନ୍ତି। କିନ୍ତୁ ଏବେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଭାବର ଆଦାନ-ପ୍ରଦାନ ନାହିଁ, ସେବା ମନୋଭାବ ନାହିଁ, ସମର୍ପଣ ଭାବ ନାହିଁ, କେବଳ ଅଛି ପ୍ରତିଯୋଗିତା, ଅଧିକାରର ଲଢେଇ। ସ୍ୱାମୀର ଅଧେ ସମ୍ପତ୍ତିର ଅଧିକାର, ସମାନତାର ଅଧିକାର, ସ୍ୱାଧୀନତାର ଅଧିକାର। ସେବା କହିଲେ ଆଜିକାଲି ଦାସତ୍ୱ ଭାବି ନେଉଛନ୍ତି। ସ୍ତ୍ରୀ ଭାବୁଛି ସ୍ୱାମୀର ପାଦ ଘଷିଲେ ସ୍ୱାମୀର ଦାସୀ ଭଳି ଲାଗିବ ଏବଂ କୌଣସି ସ୍ତ୍ରୀ ଦାସତ୍ୱ ଗ୍ରହଣ କରିବା ସପକ୍ଷରେ ନୁହନ୍ତି। ସେମାନେ ବୁଝି ପାରନ୍ତି ନାହିଁ ଯାହାକୁ ଦାସତ୍ୱ ଭାବୁଛନ୍ତି, ତାହା ପ୍ରକୃତରେ ସେବା ଓ ସମର୍ପିତ ଭାବ, ଯାହା ପ୍ରତିଟି ନାରୀର ସୌଭାଗ୍ୟ। ସ୍ୱାମୀର ହୃଦୟ ଛୁଇଁବା ଓ ତାଙ୍କ ପାଇଁ ଦୀର୍ଘାୟୁ କାମନା କରି ସୌଭାଗ୍ୟବତୀ ହେବାର ଶ୍ରେଷ୍ଠ ମାର୍ଗ। ବ୍ୟକ୍ତିଗତଭାବେ ପ୍ରତ୍ୟେକ ଦିନ ସ୍ୱାମୀଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିବା ଓ ପାଦ ଘଷିବା ବେଳେ ମୁଁ ଅପାର ଆନନ୍ଦ ଲାଭକରେ। ନିଜକୁ ମାତା ଲକ୍ଷ୍ମୀ ଓ ମୋ ସ୍ୱାମୀଙ୍କୁ ପ୍ରଭୁ ଶ୍ରୀବିଷ୍ଣୁଙ୍କ ସ୍ୱରୂପରେ ଉପଲବ୍ଧି କରେ।

ଆଧୁନିକତା ରହୁ କିଏ ମନା କରୁଛି ! କିନ୍ତୁ ଆମର ଅଧିକାର ସାବ୍ୟସ୍ତ କରିବା ଆଳରେ ଦାମ୍ପତ୍ୟର ପ୍ରେମ ଟିକକ ମରିନଯାଉ। କିଛି ଉଚ୍ଚ ଶିକ୍ଷିତା ନାରୀମାନେ କହିପାରନ୍ତି ଏସବୁ ଗାଉଁଲି ଆଚରଣ ବା ତଳ ଶ୍ରେଣୀୟ ବ୍ୟବହାର, କିନ୍ତୁ ସେମାନେ ମନେରଖିବା ଉଚିତ୍ ଯେ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଯିଏ ମାଲିକାଣୀ (ମାତା ଲକ୍ଷ୍ମୀ) ସିଏ ମଧ୍ୟ ତାଙ୍କ ସ୍ୱାମୀଙ୍କ ପାଦ ଘଷନ୍ତି। ଆପଣମାନେ ଶ୍ରୀବିଷ୍ଣୁଙ୍କ ପ୍ରତିମାରେ ଦେଖିଥିବେ, ମାତା ଲକ୍ଷ୍ମୀ, ଯିଏ ବିଶ୍ୱ ପାଳନକର୍ତ୍ତ୍ରୀ, ଧନର ଦେବୀ, ସକଳ ଐଶ୍ୱର୍ଯ୍ୟଯୁକ୍ତା, ସେ ସହାସ୍ୟ ବଦନରେ ଶ୍ରୀବିଷ୍ଣୁଙ୍କ ପାଦ ତଳେ ବସି ପାଦ ଘଷୁଥିବେ। ଯଦି ତାଙ୍କ ମନରେ ତିଳେହେଁ ଅହଂକାର ନାହିଁ, ଦାସତ୍ୱ ମନୋଭାବ ନାହିଁ, ଆମେ ଅଧମ କେଉଁ ଯୋଗ୍ୟତା, ବଡ ପଣିଆ ଓ ଆତ୍ମଗର୍ବକୁ ନେଇ ଅହଂକାର କରିବା ?

ଶାସ୍ତ୍ରରେ ଅଛି ଦେବତା, ନର, ଅସୁର ସମସ୍ତେ ଗ୍ରହ ଚଳନ ଅନୁସାରେ ଆତଯାତ ବା ପ୍ରଭାବିତ ହୋଇଥାନ୍ତି। ପୁରୁଷମାନଙ୍କ ପାଦରେ ଅସୁରମାନଙ୍କ ଗୁରୁ ଶୁକ୍ରାଚାର୍ଯ୍ୟ (ଶୁକ୍ର ଗ୍ରହ) ବାସ କରନ୍ତି ଏବଂ ସ୍ତ୍ରୀମାନଙ୍କ ହାତରେ ଦେବତାଙ୍କ ଗୁରୁ ବୃହସ୍ପତି ବାସ କରନ୍ତି। ବୃହସ୍ପତି ଓ ଶୁକ୍ରଙ୍କର ମିଳନ ହେଲେ ଧନଲାଭ ହୋଇଥାଏ ଏବଂ ଗ୍ରହର ଦୁଷ୍ପ୍ରଭାବ ଦୂର ହୋଇଥାଏ।ତେଣୁ ସ୍ୱାମୀର ପାଦରେ ସ୍ତ୍ରୀର ହାତ ବାଜିଲେ ସୌଭାଗ୍ୟ ପ୍ରାପ୍ତି ହୁଏ।

ପୁରାଣରେ ବର୍ଣ୍ଣିତ ଆଉ ଏକ କାରଣ ଅଛି, ଲକ୍ଷ୍ମୀଙ୍କର ବଡଭଉଣୀ ଅଲକ୍ଷ୍ମୀ କୁରୂପୀ, ବିପରୀତ ସ୍ୱଭାବୀ, ଅସୌଚ, ଅସୁନ୍ଦର ଓ ଲକ୍ଷ୍ମୀଙ୍କୁ ସବୁବେଳେ ଈର୍ଷା କରନ୍ତି। ଲକ୍ଷ୍ମୀ ଯୁଆଡେ ଯାଆନ୍ତି ଅଲକ୍ଷ୍ମୀ ତାଙ୍କ ସଙ୍ଗେ ସଙ୍ଗେ ଯାଇଥାଏ। କେବେହେଲେ ଶ୍ରୀବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କୁ ଅଲକ୍ଷ୍ମୀ ଏକା ରହିବାକୁ ଦିଏନାହିଁ। ଅଲକ୍ଷ୍ମୀର ଏ ସ୍ୱଭାବରେ ରୁଷ୍ଟ ହୋଇ ମାତା ଲକ୍ଷ୍ମୀ ତାକୁ ଅଭିଶାପ ଦେଲେ 'ମୃତ୍ୟୁ ଦେବତା ତୋ ସ୍ୱାମୀ ହୁଅନ୍ତୁ,ଯେଉଁଠି ଅଳିଆ ଆବର୍ଜନା, ମଇଳା, ଆଳସ୍ୟ, ନକରାତ୍ମକ ବିଚାର ଥିବ ସେଇଠି ତୋର ବାସସ୍ଥାନ ହେଉ। ସମସ୍ତେ ତୋତେ ଘୃଣା କରନ୍ତୁ'। ଅଲକ୍ଷ୍ମୀକୁ କେହି ପୂଜା କରୁନଥିବାରୁ ସେ ସର୍ବଦା ଲକ୍ଷ୍ମୀଙ୍କ ସହିତ ଶ୍ରୀବିଷ୍ଣୁଙ୍କ ନିକଟରେ ରହିବାକୁ ପ୍ରୟାସ କରେ କିନ୍ତୁ ମାତା ଲକ୍ଷ୍ମୀ ତାକୁ କେବେ ପ୍ରଶୟ ଦିଅନ୍ତି ନାହିଁ। ସେଥିପାଇଁ ମାତା ଲକ୍ଷ୍ମୀ ପ୍ରଭୁଙ୍କ ପାଦ ଘଷି ସଫା ରଖନ୍ତି ଓ ପାଦ ଉପରେ ହାତ ରଖି ବସି ରହନ୍ତି, ଯେମିତିକି ଅଲକ୍ଷ୍ମୀ ତାଙ୍କ ସ୍ୱାମୀଙ୍କୁ ସ୍ପର୍ଶ ନକରୁ। ଲକ୍ଷ୍ମୀଙ୍କର ସ୍ୱାମୀଙ୍କ ପ୍ରତି ଏ ନିବିଡତା ଓ ସମର୍ପିତା ଭାବ କଣ ଆମକୁ ଅନୁପ୍ରାଣିତ କରିପାରେନି ? କାଳେ ସ୍ୱାମୀ ଆମକୁ ଗୋଲାମ ବା ଦାସୀ ଭାବିନେବ ଭାବି ଆମେ ଆମ କର୍ତ୍ତବ୍ୟ ଓ ଧର୍ମରୁ ଓହରି ଯାଆନ୍ତି। ବାସ୍ତବରେ କିନ୍ତୁ କାହାର କର୍ମଫଳ ବ୍ୟର୍ଥ ଯାଏନି, ମନରେ ଯଦି ସେବା ସମର୍ପଣର ଭାବ ଥାଏ ଅନେକ ଅବାସ୍ତବକୁ ବାସ୍ତବ କରି ପ୍ରେମର ପ୍ରଗାଢତାକୁ ଉପଲବ୍ଧି କରିହୁଏ।

+ ରାଉତ୍ କମ୍ପ୍ଳେକ୍ସ,କଟକ ରୋଡ୍, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

## ଅନ୍ଧାର ରାତିର ଡାକ

**ସ୍ନିଗ୍ଧା ପଣ୍ଡା**



ଗହନ ଅନ୍ଧାର ରାତିର ଡାକରେ ଚମକି ଖୋଲିଲି ଆଖି,
କିଏ ସେ ଡାକିଲା ଏମିତି ବେଳରେ କାହାକୁ ପାରିନି ଦେଖି ।

ଦୀପ ଜଳୁ ନାହିଁ ତାରା ଦିଶୁନାହିଁ ଦିଶିବ କେମିତି ମୁହଁ,
ନିଶା ସାଇଁ ସାଇଁ ଭିତରେ ତା' ଡାକ ସତେ କି ମନ୍ତ୍ର ମୋହ ।

ଯିବାକୁ ଡାକେ କି ଆସିବାକୁ କହେ ନ ଗଲେ ନେବ କି ଟାଣି,
ଯିବା-ଆସିବାଟା ସମାନ ତା'ପାଇଁ ଏତିକି ପାରିଲି ଜାଣି ।

କିଛି ହେଲେ ମୋର ସଜଡା ହୋଇନି ଯଦି ଯିବା ପାଇଁ ହେବ,
ଆସିବାକୁ ତା'ର କେମିତି ଚାହିଁବି ନାହିଁ ତ ଚନ୍ଦନ ଦୁବ ।

ସମୟ ଯେଉଁଠି ନିଃସ୍ୱ ବୋଲି କେବେ କାହାକୁ ଦିଏନା କଷ୍ଟ,
ଏଇ ଅଛି ଏଇ ନାହିଁ ମୋର ଛାଇ ଛାଇକୁ କାହିଁକି ଆଷ୍ଟ ।

ଆଖି ଖୋଲି ଦେଇ ସେ ଡାକ ମାୟାରେ ରାତି ସାରା ଉଜାଗର,
ତାଳରେ ଲୟରେ ଡାକିବ କେ ଦିନେ ନ ଥିଲା ମନରେ ମୋର ।

ଯେତେ ଭାବିଲେ ବି ରାତି ସରୁନାହିଁ ଡାକିବା ବି ସରୁନାହିଁ,
ସମ୍ଭାଳି ଯିବି ମୁଁ କେମିତି ସିଏ ତ ରଖି ଥୋଇ ଦେଉନାହିଁ ।

+ଖଣ୍ଡଗିରି
ମୋ: ୯୮୬୧୩୨୩୬୫୦

## ଅପେକ୍ଷାରେ.......

**ସୁଭଦର୍ଶିନୀ ଦାଶ**



ପୂର୍ଣ୍ଣମୀର ସେ ପୂର୍ଣ୍ଣ ଚାନ୍ଦଟି
ଉଙ୍କି ମାରି ଆସୁଥିଲା
ଦୂର ଦୃଶ୍ୟ ଆକାଶରେ,
ନିଜକୁ ନିଜଠାରୁ ହଜେଇ
ମନ ମୋ ଆନମନା ରହିଥିଲା
ରଜନୀଗନ୍ଧାର ମନ୍ଦମନ୍ଦ ବାସ୍ନାର
ଅଳ୍ପଅଳ୍ପ ଶୀତଳ ସ୍ପର୍ଶରେ,
ଉପଭୋଗ କରିବାକୁ ଚାହୁଁଥିଲା
କୋମଳତା ଭରା ସୋନ୍ଦର୍ଯ୍ୟକୁ ତା'ର।
ଗୁରୁ ଗମ୍ଭୀର ସ୍ୱରର ଆର୍ତ୍ତନାଦେ
ବାଦୁଆ ସେ କଳା ବାଦଲ
ଢାଙ୍କିଦେଇ ଚାଲିଗଲା ଆକାଶକୁ
ନିଜ ମଳିନ ରଙ୍ଗରେ,
ଲୁଚିଗଲା ଚାନ୍ଦ ମୋର
ଦେଖା ଆଉ ଦେଲା ନାହିଁ
ମୋ ଆଖିର ଆରସୀ କାଚରେ।
ବତୁରି ବୋହି ଚାଲିଗଲା ବାଦଲ
ତା ଛାତିକୁ ଫଟାଇ
ନିଦାଘ କାଟିବା ଆଳରେ,
ଭିଜାଇ ଦେଇଗଲା ସିନା
ତା ଠାଉକିଆ ଶୀତଳ ସ୍ପର୍ଶରେ ମତେ
ମନ କିନ୍ତୁ ମୋ ରହିଗଲା
ଦରଭିଜା ହୋଇ
ଆଉ ଏକ ପକ୍ଷର ଅପେକ୍ଷାରେ
ବିମୋହିତ ହୋଇ ଭିଜିବାକୁ ପୁଣି ଥରେ
ପୂର୍ଣ୍ଣଚାନ୍ଦର ସୌନ୍ଦର୍ଯ୍ୟ ଭରା
ଶୀତଳ ସ୍ପର୍ଶରେ।

+ଭୁବନେଶ୍ୱର

## ଉଚ୍ଚତା ମୋ ବୋଉର

**ମନୀଷା ପଣ୍ଡା**



ଖୁବ୍ ନିଆରା ମୋ ବୋଉ
ଗୋରା ତକତକ କପାଳରେ
ଗୋଲ ସିନ୍ଦୂର ଟୋପା
ଭିତରେ ସାଇତି ରଖିଛି
ଏ ସାରା ପୃଥିବୀଟା ।
ଜଗତର ସାରା ସୌନ୍ଦର୍ଯ୍ୟରୁ
ଟିକେ ଟିକେ ନେଇ
ନେସି ପକେଇଛି ବିଧାତା ଯେମିତି
ମୋ ବୋଉର ଦେହରେ।
ବୈଶାଖ ର ମୁଣ୍ଡ ଫଟା ଖରା
ମାଘର ବାଘ ଭଳି ଶୀତ
ଅସରା ଅସରା ବର୍ଷା ଶ୍ରାବଣର
ଏ ସବୁକୁ ବେଖାତିର୍ କରିପାରେ
ମୋ ପାଇଁ ବୋଧହୁଏ ସିଏ,
ଅଝଟ ଅବା ଅବୁଝାପଣକୁ
ମାଟି ଭଳି ଖୁବ୍ ସହିଯାଏ
ମାନସିକ ଉତ୍ତାପ,
ବୁକୁତଳର କୋହକୁ
ମାପିପାରେ ସେ
ତା' ଆକାଶ ଭଳି
ବିଶାଳ ହୃଦୟରେ,
ଖୁବ୍ ଉଚ୍ଚତା ମୋ ବୋଉର
ହାତ ବଢ଼ାଇ ଧରିପାରେ
ସିନା ମୁଁ ଅନେକ ଉଚ୍ଚରେ ଥିବା
ସେ ଅସୀମ ଆକାଶକୁ
ହେଲେ ମାପି ପାରେନା
ମୋ ବୋଉକୁ।

+ଶିକ୍ଷୟିତ୍ରୀ, ଅଙ୍କରାନ୍ତିପୁର, ସିମିନଇ, ଢେଙ୍କାନାଳ
ମୋ: ୮୨୪୯୬୮୬୦୯୩

## ଜୀବନ ଦୁଇ ଦିନର

**ପୁଷ୍ପାଞ୍ଜଳି ମିଶ୍ର**

ଏନ୍ତୁଡି ନିଆଁରୁ ଜୀବନ ଆରମ୍ଭ
ମଶାଣୀ ନିଆଁରେ ଶେଷ
ଚାଳ ଛପରକୁ ଆୟୁଷ ତ ନାହିଁ
କାହିଁକି ରଜା ଉଆସ
ମୁଠେ ପଖାଳରେ ପେଟ ପୁରି ଯାଏ
ଛପନ ଭୋଗକୁ ନାହିଁ ମୋ ଲୋଭ
କହିବି କାହାକୁ ଶୁଣିବ ବା କିଏ
ମୋ ଦୁଃଖର ବ୍ୟାକରଣ
ଦିନ ରାତି ମୁଁ ତତେ ଡାକୁଛି
ତୁ ମତେ ଭୁଲି ଯାଉ
ନିଜ ଛାଇ ଦେଖି ନିଜେ ମୁଁ ଡରୁଛି
ଦୋଷ ଦେବି ବା କାହାକୁ
ହୃଦୟ ମନ୍ଦିରେ ଭକତି ଦୀପାଳି
ଜାଳୁଛି ଅହରହ
ଲୁହରେ ଭିଜୁଛି କୋହରେ ସିଜୁଛି
ରାତି ରାତି ଉଜାଗର
ମାୟା ମରିଚିକା ପଛେ ଧାଇଁ ଧାଇଁ
ପଡୁଛି ଆଜି ମୁଁ ଥକି
ବିଶ୍ୱାସ ଆଉ ଅବିଶ୍ୱାସର
ପରଦା ପଛରେ ରହି



ଲୁହର ହାଟରେ ଜୀବନ ବାଟ
ମୁଁ ଏକ ବାଟୋଇ
ତେଲ ଲୁଣର କି ସଉଦା କରିବି
ଜାଣି ପାରୁ ନାହିଁ କିଛି
ଜୀଅନ୍ତା ଶବଟେ ପାଲଟି ଯାଇଛି
ମରୁ ମରୁ ବଂଚିଛି
ଓଠ ଚାପି ଚାପି ଖାଲି ଯା ହସୁଛି
ମିଛର ପରଦା ଢାଙ୍କି
ଜୀବନ ଜୀବନ ଏଇତ ଜୀବନ
ଦୁଇ ଦିନର ଖୁସି।

+ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ , ଯାଜପୁର
ମୋ: ୯୫୫୬୬୪୩୯୨୧

# ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗରେ ଖାଲିଥିବା ପଦବୀକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯାଉଛି : ମନ୍ତ୍ରୀ

ଭୁବନେଶ୍ୱର,୧୩/୦୭ (ନି.ପ୍ର): ଲୋକାଭିମୁଖୀ କାର୍ଯ୍ୟକ୍ରମର ସୁଫଳ ଆନୁଷଙ୍ଗିକ କୃଷି ସହ ଜଡ଼ିତ ଚାଷୀମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ଅଗ୍ରାଧିକାର ଭିତିରେ ପୂରଣ କରାଯିବ । ଓଡ଼ିଶା ଲୋକସେବା ଆୟୋଗ, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ ଏବଂ ଓଡ଼ିଶା ସବ୍‌ଅର୍ଡ଼ିନେଟ୍ ଷ୍ଟାଫ ସିଲେକ୍ସନ୍ ଦ୍ୱାରା ଲିଖିତ ଓ ମୌଖିକ ପରୀକ୍ଷା କରାଯାଇ ପଦବୀ ପୂରଣ କରାଯାଉଥିବା ପରିପ୍ରେକ୍ଷୀରେ ଏ ଦିଗରେ ଆୟୋଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନେବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

କୃଷି ଭବନଠାରେ ଅନୁଷ୍ଠିତ ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରମୁଖ ସଚିବ ଆର. ରଘୁପ୍ରସାଦ କହିଥିଲେ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ୧୭୭ଟି ସହକାରୀ ମତ୍ସ୍ୟ ଅଧିକାରୀ ପଦବୀ ନିମନ୍ତେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ସେହିପରି ୬୭ଟି ଜୁନିଅର ଫିସରିଜ୍ ଟେକ୍‌ନିକାଲ୍ ଆସିଷ୍ଟାଂଟ ପଦବୀ ନିମନ୍ତେ ଷ୍ଟାଫ ସିଲେକ୍ସନ୍ କମିଶନ ଦ୍ୱାରା ଲିଖିତ ପରୀକ୍ଷା କରାଯାଇଛି । ମତ୍ସ୍ୟ ନିର୍ଦ୍ଦେଶାଳୟ ଅଧୀନରେ ୨୦୨୨ ଡିସେମ୍ବର ୩୧ ତାରିଖ ସୁଦ୍ଧା ଖାଲି ହେଉଥିବା ସହକାରୀ ମତ୍ସ୍ୟ ଅଧିକାରୀ ଓ ଜୁନିଅର ଫିସରିଜ୍ ଟେକନିକାଲ୍ ଆସିଷ୍ଟାଂଟ ପଦବୀ ତାଲିକା ଆସନ୍ତା ୭ ଦିନ ମଧ୍ୟରେ ପ୍ରସ୍ତୁତ କରି ପଦବୀ ପୂରଣ ନିମନ୍ତେ କ୍ଷମତାସଂପନ୍ନ କମିଟି ସମ୍ମୁଖରେ ପ୍ରସ୍ତାବ ଦେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶା ସବ୍‌ଅର୍ଡ଼ିନେଟ୍ ଷ୍ଟାଫ ସିଲେକ୍ସନ୍ କମିଶନ ଦ୍ୱାରା ମତ୍ସ୍ୟ ନିର୍ଦ୍ଦେଶାଳୟର ୧୯ଟି ଜୁନିଅର କ୍ଲର୍କ ପଦବୀ ପୂରଣ ନିମନ୍ତେ ସାର୍ଟିଫିକେଟ୍ ଯାଂଚ କାର୍ଯ୍ୟ କରାଯିବା ପରେ ତାଲିକା ଚୂଡ଼ାନ୍ତ କରାଯିବ ।

ସେହିପରି ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ଅଧୀନରେ ୩୫୧ଟି ଭେଟେରିନାରୀ ଆସିଷ୍ଟାଂଟ ସର୍ଜନ/ଅତିରିକ୍ତ ଭେଟେରିନାରୀ ଆସିଷ୍ଟାଂଟ ସର୍ଜନ ପଦବୀ ପାଇଁ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ମୌଖିକ ପରୀକ୍ଷା କରାଯାଇ ପ୍ରାର୍ଥୀ ତାଲିକା ସୁପାରିଶ କରାଯିବ । ଏତଦ୍‌ବ୍ୟତୀତ ୪୫୪ଟି ଭେଟେରିନାରୀ ଆସିଷ୍ଟାଂଟ ସର୍ଜନ/ ଅତିରିକ୍ତ ଭେଟେରିନାରୀ ଆସିଷ୍ଟାଂଟ ସର୍ଜନ ପଦବୀ ପୂରଣ ନିମନ୍ତେ ବିଭାଗ ପକ୍ଷରୁ ଓଡ଼ିଶା ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୫୬୫ଟି ପ୍ରାଣୀସଂପଦ ନିରୀକ୍ଷକ (ଏଲ୍‌ଆଇ) ପଦବୀରେ ନିଯୁକ୍ତି ନିମନ୍ତେ ଲିଖିତ ଓ ଶାରୀରିକ ପରୀକ୍ଷା ଶେଷ ହୋଇଛି ଓ ଖୁବ୍‌ଶୀଘ୍ର ପରୀକ୍ଷା ଫଳ ପ୍ରକାଶ ପାଇବ । ଦ୍ୱିତୀୟ ପର୍ଯ୍ୟାୟରେ ୭୧୯ଟି ଏଲ୍‌ଆଇ ପଦବୀ ପୂରଣ ନିମନ୍ତେ ସବ‌ଅର୍ଡ଼ିନେଟ୍ ଷ୍ଟାଫ୍ ସିଲେକ୍ସନ୍ କୁ ଅନୁରୋଧ କରାଯାଇଛି । ବୈଠକରେ ୭୧୯ଟି ଏଲ୍‌ଆଇ ପଦବୀ ନିମନ୍ତେ ବିଜ୍ଞାପନ ପ୍ରକାଶନ ନିମନ୍ତେ ଆୟୋଗର ସଚିବଙ୍କୁ ଅନୁରୋଧ କରାଯାଇଥିଲା ।

ବିଭିନ୍ନ ଅଦାଲତରେ ମକଦ୍ଦମା ଯୋଗୁଁ ପଦବୀ ପୂରଣ ଦିଗରେ ବାଧା ସୃଷ୍ଟି ହେଉଥିବାରୁ ବିଭାଗ ପକ୍ଷରୁ ଆଇନ ପରାମର୍ଶଦାତା ନିଯୁକ୍ତି କରିବା ସହିତ ମାମଲାଗୁଡ଼ିକର ଫଇସଲା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆଡ଼୍‌ଭୋକେଟ୍ ଜେନେରାଲଙ୍କୁ ଅନୁରୋଧ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବିଶ୍ୱମୋହନ ରାୟ, ସୁମନ ବେହେରା ଓ ଗଙ୍ଗାଧର ନାୟକ, ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ ଓ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସମେତ ଓଡ଼ିଶା ଲୋକସେବା ଆୟୋଗ ଓ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ ଆୟୋଗର ସଚିବମାନେ ଉପସ୍ଥିତ ଥିଲେ ।

# ରାଜ୍ୟରେ ସାରର ଯୋଗାଣ ଓ କଳାବଜାରୀକୁ ନେଇ ବିଧାନସଭାରେ ଉଦ୍‌ବେଗ



ଭୁବନେଶ୍ୱର,୧୩/୦୭ (ନି.ପ୍ର): ଆଜି ବିଧାନସଭାରେ ରାଜ୍ୟରେ ସାରର ଯୋଗାଣ ଓ କଳାବଜାରୀକୁ ନେଇ ବିରୋଧୀମାନେ ଉଦବେଗ ପ୍ରକାଶ କରିଛନ୍ତି । କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ ଓ ଅଧିରାଜ ପାଣିଗ୍ରାହୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆଲୋଚନାବେଳେ ବିଧାୟକ ସନ୍ତୋଷ ସିଂ ସାଲୁଜା ଅଭିଯୋଗ କରିଛନ୍ତି ଯେ ଅଫିସର ଯାହା ଲେଖି ଦେଉଛନ୍ତି ମନ୍ତ୍ରୀ ତାହା ଗୃହରେ କହୁଛନ୍ତି । ଏହା ହେଉଛି ଅମଲାତନ୍ତ୍ର ସରକାର । ସାରର ବ୍ୟାପକ କଳାବଜାରୀ ହେଉଛି । ଡିଲରମାନେ ମନମାନି କରୁଛନ୍ତି । ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ଗୃହରେ କହିଛନ୍ତି ସାଲୁଜା । ସେହିପରି ସୁରେଶ ରାଉତରାୟ କହିଛନ୍ତି ସାର ଯେଉଁ ପରିମାଣରେ ଚାଷୀଙ୍କୁ ଆବଶ୍ୟକ ସେହି ପରିମାଣରେ ଯୋଗାଇ ଦିଆଯାଉନାହିଁ । ଅଧିରାଜ ପାଣିଗ୍ରାହୀ ବି କହିଛନ୍ତି ଚାଷୀଙ୍କୁ ଅଧିକ ଟଙ୍କାରେ ସାର କିଣିବାକୁ ବାଧ କରାଯାଉଛି । କଳାବଜାରୀ ହେଉଥିଲେ ବି ସରକାର ଗୁରୁତ୍ୱ ଦେଉ ନାହାନ୍ତି। ସେପଟେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ କେନ୍ଦ୍ର ସରକାର ଯାହା ଦେଉଛନ୍ତି ସେଥିମଧ୍ୟରୁ ରାଜ୍ୟବାସୀଙ୍କୁ ୮୫ ପ୍ରତିଶତ ସାର ଯୋଗାଇ ଦିଆଯାଇଛି । ୨ ଲକ୍ଷ ୫ ହଜାର ୨୦୦ ମେଟ୍ରିକ ଟନ ୟୁରିଆ, ୭୭ ହଜାର ୬୭୧ ମେଟ୍ରିକ ଟନ ଡ଼ିଏପି , ୨୬ ହଜାର ୬୯୮ ମେଟ୍ରିକ ଟନ ପଟାସ୍ , ୯୫ ହଜାର ୬୩୮ ମେଟ୍ରିକ ଟନ ଗ୍ରୁମର ଯୋଗାଇ ଦିଆଯାଇଛି । ମାତ୍ର ଗତ ୫ ବର୍ଷ ହେବ ଚୁକ୍ତି ଅନୁଯାୟୀ କେନ୍ଦ୍ର ସରକାର ସାର ଯୋଗାଇ ଦେଉନାହାନ୍ତି । ଚଳିତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲରୁ ଜୁନ ଶେଷ ପର୍ଯ୍ୟନ୍ତ ୩ ଲକ୍ଷ ୯୦ ହଜାର ମେଟ୍ରିକ ଟନ ସାର ଯୋଗାଇଦେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଥିଲା । ଚୁକ୍ତି ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ ୩୬ ହଜାର ୭୬୦ ମେଟ୍ରିକ ଟନ ସାର ଯୋଗାଇ ଦେଇ ନାହାନ୍ତି । ଏ ନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯାଇଛି । ସାରକୁ ଅତ୍ୟାବଶ୍ୟକ ସାମଗ୍ରୀ ଭାବେ ନେଇ ଏହାର ପରିଚାଳନା କରାଯାଉଛି। ତେବେ ଯଦି ରାଜ୍ୟର କୌଣସି ଜାଗାରେ କଳାବଜାରୀ କରାଯାଉଥିବାର ଅଭିଯୋଗ ଅଛି ତେବେ ବିଭାଗକୁ ଜଣାଇଲେ ପଦକ୍ଷେପ ନିଆଯିବ ।

# ରାଜ୍ୟରେ ପାଠାଗାର ଆନ୍ଦୋଳନରେ ଦାସିଆ ଅଜାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୩/୦୭ (ନି.ପ୍ର): ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ନୀଳାଦ୍ରୀବିଜେ ଓ ଓଡ଼ିଶାର ପାଠାଗାର ଆନ୍ଦୋଳନର ଅନ୍ୟତମ ଅଗ୍ରଣୀ ସାରଥୀ ଦାଶରଥି ପଟ୍ଟନାୟକ (ଦାସିଆ ଅଜା) ଙ୍କ ୧୦୫ତମ ଜୟନ୍ତୀ ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଗୁଣ୍ଡିଚାଠାରୁ ଆରମ୍ଭ ହୋଇଥିବା ଶ୍ରୀ ଜଗନ୍ନାଥଙ୍କ ତତ୍ତ୍ୱ ଉପରେ ଆଧାରିତ ପୁସ୍ତକ ପ୍ରଦର୍ଶନୀ ଉଦ୍‌ଯାପିତ ହେବା ସହ ଦାସିଆ ଅଜା ଓ ରାଜ୍ୟ ତଥା ଦେଶର ପାଠାଗାର ଆନ୍ଦୋଳନ ଉପରେ ଆଧାରିତ ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି । ବକ୍ତାମାନେ ନିଜ ବକ୍ତବ୍ୟରେ ଜଗନ୍ନାଥଙ୍କର ଚେତନା ସମ୍ପର୍କରେ ଆଲୋକପାତ କରିବା ସହିତ ରାଜ୍ୟରେ ପାଠାଗାର ଆନ୍ଦୋଳନ କ୍ଷେତ୍ରରେ ଦାଶରଥି ପଟ୍ଟନାୟକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏକକ ଉଦ୍ୟମରେ ନୟାଗଡ଼ ଜିଲ୍ଲାର ନୂଆଗାଁ ଅଞ୍ଚଳରେ ଏକ ପାଠାଗାର ସ୍ଥାପନ ସହ ସଂଗ୍ରହାଳୟ ପ୍ରତିଷ୍ଠା ସହିତ ସାହିତ୍ୟ ସଂସଦ ଗଠନ କରିଥିଲେ । ଦଶ ପଇସା ଚାନ୍ଦା ଆଦାୟ କରି ରାଜ୍ୟର ପୁରପଲ୍ଲୀରୁ ବିଭିନ୍ନ ପୁସ୍ତକ ଓ ସାମଗ୍ରୀ ସଂଗ୍ରହ କରି ତାହାକୁ ଉତ୍ତର ପିଢୀର ଗବେଷକମାନଙ୍କ ପାଇଁ ରଖି ଯାଇଛନ୍ତି, ଯାହା ତାଙ୍କୁ ଚିର ସ୍ମରଣୀୟ କରି ରଖିଛି ବୋଲି ବକ୍ତାମାନେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ମହାପ୍ରବନ୍ଧକ ତଥା ଗବେଷକ ମାନବେନ୍ଦ୍ର ମିଶ୍ରଙ୍କ ସମେତ ଗ୍ରନ୍ଥାଗାରିକ, କର୍ମଚାରୀ ଓ ପାଠକମାନେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଶେଷରେ ଆଜି ନିଳାଦ୍ରୀବିଜେକୁ ରସଗୋଲା ଦିବସ ଭାବେ ପାଳନ କରାଯାଇ ପରସ୍ପରକୁ ରସଗୋଲା ଖୁଆଇ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

## ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହେଉଛନ୍ତି ୩କୋଟି ୩୩ ଲକ୍ଷ ହିତାଧିକାରୀ

ଭୁବନେଶ୍ୱର,୧୩/୦୭ (ନି.ପ୍ର): ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହେଉଛନ୍ତି ୩କୋଟି ୩୩ ଲକ୍ଷ ୨୭ ହଜାର ୨୫୫ ହିତାଧିକାରୀ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୯୩ ଲକ୍ଷ ୧୩ ହଜାର ୪୪୮ ପରିବାରର ୩ କୋଟି ୨୫ ଲକ୍ଷ ୧୮ ହଜାର ୪୫୫ ଜଣ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨ ଲକ୍ଷ ୬୧ ହଜାର ୨୨୭ ପରିବାର ୮ଲକ୍ଷ ୮ ହଜାର ହିତାଧିକାରୀ ସାମିଲ ହୋଇଛନ୍ତି । ଆଜି ଗୃହରେ ଏ ନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ । ଓ୍ୱାନ ନେସନ୍ ଓ୍ୱାନ ରାସନ୍ କାର୍ଡ ଯୋଜନାରେ ୧୦ହଜାର ୫୭୮ ଡିଲରଙ୍କ ଜରିଆରେ ସୁବିଧା ଯୋଗାଇ ଦିଆଯାଉଛି। ୧ ଲକ୍ଷ ୧୦ ହଜାର ପରିବାର ଉପକୃତ ହେଉଛନ୍ତି।

ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି। ଏଓ୍ୱାଇ, ଆଧାର ସିଡ଼ିଂ ପ୍ରତିଶତ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ପ୍ରତିଶତ ଭଳି ବିଭିନ୍ନ ଇଣ୍ଡେକ୍ସକୁ ଆଧାରରେ ଓଡ଼ିଶା ଏକ ନମ୍ବର ହୋଇଛି। ବଡ ବଡ ରାଜ୍ୟକୁ ପଛରେ ପକାଇ ଓଡ଼ିଶା ସବୁଠୁ ଅଧିକ ମାର୍କ ପାଇଛି । ଯୋଜନାକୁ ସବୁବେଳେ ସଠିକ୍ ଭାବେ କାର୍ଯ୍ୟକାରୀ ପାଇଁ ଯୋଜନା କରାଯାଉଛି । ମୁଖ୍ୟମନ୍ତ୍ରୀଙ୍କ ବିଦେଶ ଗସ୍ତ ସମୟରେ ଏ ପ୍ରସଙ୍ଗରେ ଆଲୋଚନା ହୋଇଛି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ରାଜ୍ୟର ଯୋଜନାକୁ ମଡେଲ ଭାବେ ଗ୍ରହଣ କରିଛି।

# ରେଭେନ୍‌ସା କଲିଜିଏଟ୍ ସ୍କୁଲର ସାମଗ୍ରିକ ବିକାଶ ପାଇଁ ପୁରାତନ ଅନ୍ତେବାସୀଙ୍କୁ ନେଇ କର୍ମକର୍ତ୍ତା ପରିଷଦ




ଭୁବନେଶ୍ୱର ,୧୩/୦୭ (ନି.ପ୍ର): ରାଜ୍ୟର ସର୍ବପୁରାତନ ତଥା ସ୍ୱନାମଧନ୍ୟ ରେଭେନ୍‌ସା କଲିଜିଏଟ୍ ସ୍କୁଲର ସାମଗ୍ରିକ ବିକାଶ ପାଇଁ ଏକ କର୍ମକର୍ତ୍ତା ପରିଷଦ ଗଠିତ ହୋଇଛି। ବିଦ୍ୟାଳୟ ଛାତ୍ରାବାସ ଅନ୍ତେବାସୀମାନଙ୍କୁ ନେଇ ନବ ଗଠିତ ଏହି ପରିଷଦର ସମସ୍ତ କର୍ମକର୍ତ୍ତାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ପ୍ରଦୀପ୍ତ ମହାପାତ୍ର ଓ ନବକିଶୋର ସାମଲଙ୍କୁ ପରିଷଦର ଉପଦେଷ୍ଟା ଦାୟିତ୍ୱ ଅର୍ପଣ କରାଯାଇଛି। କାଳିନ୍ଦୀ ଚରଣ ସାହୁ-ସଭାପତି, ସମ୍ପଦ ନାୟକ- ଉପସଭାପତି, ବଦ୍ରିକାନାଥ ମହାପାତ୍ର-ସଂପାଦକ, ପୂର୍ଣ୍ଣଚନ୍ଦ୍ର ମିଶ୍ର ସହ-ସଂପାଦକ ଓ ସୌମ୍ୟକାନ୍ତ ଶତପଥୀ-କୋଷାଧ୍ୟକ୍ଷ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପରିଷଦର ନିର୍ଦ୍ଦେଶକ ମଣ୍ଡଳୀକୁ ପବିତ୍ର କୁମାର ପ୍ରଧାନ, ବସନ୍ତ କୁମାର ସାହୁ, ପ୍ରମୋଦ କୁମାର ମିଶ୍ର, ବିକ୍ରମ କେଶରୀ ସାହୁ, ଅକ୍ଷୟ କୁମାର ବେଉରିଆ, ଅମରଜିତ୍ ଜେନା, ବ୍ରଜବଲ୍ଲଭ କର ଏବଂ ବିଷ୍ଣୁ ପ୍ରସାଦ ଦାସ ମନୋନୀତ ହୋଇଛନ୍ତି। ଦୁଇ ବର୍ଷ ପାଇଁ ଉପରୋକ୍ତ କର୍ମକର୍ତ୍ତା କାର୍ଯ୍ୟ କରିବେ। ଭୁବନେଶ୍ୱରରେ ଅନୁଷ୍ଠିତ ଏକ ବୈଠକରେ ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ ସହ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା।

## ବଢୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା: ଆଜି ରାଜ୍ୟରେ ୭୦୦ରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୩/୦୭ (ନି.ପ୍ର): ରାଜ୍ୟରେ ବଢ଼ିବାରେ ଲାଗିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୭୪୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଲଗାତାର କିଛି ଦିନ ଧରି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୦୦ ଉପରେ ରହୁଥିବାବେଳେ ଆଜି ୭୦୦ ଉପରକୁ ଟପିଯାଇଛି । ଗତକାଲି ୫୦୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୭୪୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪୩୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୩୦୭ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୮୭ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୦୩ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧୨ ଜଣ, ବରଗଡ଼ ଜିଲ୍ଲାରୁ ୧ ଜଣ, ଭଦ୍ରକରୁ ୮ ଜଣ, ବଲାଙ୍ଗୀରରୁ ୪ ଜଣ, ବୌଦ୍ଧରୁ ୮ ଜଣ, କଟକରୁ ୧୧୫ ଜଣ, ଗଜପତିରୁ ୨ ଜଣ, ଗଞ୍ଜାମରୁ ୧ ଜଣ, ଜଗତସିଂହପୁରରୁ ୧୧ ଜଣ, ଯାଜପୁରରୁ ୧୨ ଜଣ, କଳାହାଣ୍ଡି ଜିଲ୍ଲାରୁ ୨ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୪ ଜଣ, କେନ୍ଦୁଝରରୁ ୫ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୩୦୩, କୋରାପୁଟ ଜିଲ୍ଲାରୁ ୧୦ ଜଣ, ମୟୂରଭଞ୍ଜରୁ ୧୬ ଜଣ, ନବରଙ୍ଗପୁରରୁ ୭ ଜଣ, ନୟାଗଡ଼ ଜିଲ୍ଲାରୁ ୧୧ ଜଣ, ନୂଆପଡ଼ାରୁ ୧୧ ଜଣ, ପୁରୀରୁ ୩୬ ଜଣ, ସମ୍ବଲପୁରରୁ ୧୪ ଜଣ, ସୋନପୁରରୁ ୭ ଜଣ, ସୁନ୍ଦରଗଡ଼ରୁ ୬୫ ଜଣ ଓ ଷ୍ଟେଟପୁଲରୁ ୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୯୫, ୩୨୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨,୮୨, ୨୭୦ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୩୮୭୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ମଞ୍ଜୁଷା, ଟିକାଲି ଓ ଇଚ୍ଛାପୁରମ୍ ବାସୀଙ୍କ ପାଇଁ 'ଉତ୍କଳ ପ୍ରସଙ୍ଗ'ର ରଥଯାତ୍ରା ସଂଖ୍ୟା ପ୍ରେରଣ

ଭୁବନେଶ୍ୱର,୧୩/୦୭ (ନି.ପ୍ର): ପଡୋଶୀ ଆନ୍ଧ୍ରପ୍ରଦେଶର ମଞ୍ଜୁଷା, ଟିକାଲି, ଇଚ୍ଛାପୁରମ୍ ଏବଂ ବିଶାଖାପାଟଣାରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କ ନିମନ୍ତେ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ପ୍ରକାଶିତ ମୁଖପତ୍ର 'ଉତ୍କଳ ପ୍ରସଙ୍ଗ'ର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା ପ୍ରେରଣ କରାଯାଇଛି ।

ମଙ୍ଗଳବାର 'ଉତ୍କଳ ପ୍ରସଙ୍ଗ'ର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା ନେଇ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାତ୍ରା କରିଥିବା ଏକ ସ୍ୱତନ୍ତ୍ର ଯାନକୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡା, 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡିଶା ରିଭ୍ୟୁ'ର ସଂପାଦକ ଡଃ. ଲେନିନ୍ ମହାନ୍ତି ପ୍ରମୁଖ ପତାକା ହଲାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ବିଭାଗର ପ୍ରକାଶନ ପରିଚାଳକ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ଲୋକସମ୍ପର୍କ ଅଧିକାରୀ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଯାତ୍ରାରେ ବିଭାଗ ତରଫରୁ ଦୁଇଜଣ ସ୍ୱତନ୍ତ୍ର ଅଧିକାରୀ ଦେବାଶିଷ ପଟ୍ଟନାୟକ ଏବଂ ସୌରଭ ପ୍ରଧାନ ଗସ୍ତ କରିଛନ୍ତି। ସେମାନେ ବିଚ୍ଛିନ୍ନାଂଚଳରେ ଥିବା ଓଡିଆ ସଂଗଠନର କର୍ମକର୍ତ୍ତାମାନଙ୍କ ସହିତ ସାକ୍ଷାତ କରି ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା ବଣ୍ଟନ କରିବା ସହିତ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସଂପର୍କରେ ଭାବ ବିନିମୟ କରିବେ। ଉଲ୍ଲେଖଯୋଗ୍ୟ ଯେ ୨୦୧୪ ମସିହା ଠାରୁ ଓଡିଶାର ସୀମାବର୍ତ୍ତୀ ଝାଡଖଣ୍ଡ ଓ ଆନ୍ଧ୍ରପ୍ରଦେଶରେ ରହୁଥିବା ବିଚ୍ଛିନ୍ନାଂଚଳ ଓଡିଆ ଭାଇଭଉଣୀମାନଙ୍କ ପାଇଁ ପ୍ରତିବର୍ଷ ରାଜ୍ୟ ସରକାରଙ୍କ ତରଫରୁ ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ 'ଉତ୍କଳ ପ୍ରସଙ୍ଗ'ର ସ୍ୱତନ୍ତ୍ର ସଂଖ୍ୟା ପଠାଯାଇଆସୁଛି। ତେବେ କୋଭିଡ୍ -୧୯ କଟକଣା ପରିପ୍ରେକ୍ଷୀରେ ଏହି ଯାତ୍ରା ବନ୍ଦ ରହିଥିଲାବେଳେ ଏବେ ପୁନଃ ଆରମ୍ଭ ହୋଇଛି। ଡଃ ଲେନିନ୍ ମହାନ୍ତିଙ୍କ ସଂପାଦନାରେ ଚଳିତ ବର୍ଷ ରଥଯାତ୍ରା 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡିଶା ରିଭ୍ୟୁ' ସ୍ୱତନ୍ତ୍ର ସଂଖ୍ୟାରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଏବଂ ପରଂପରା ସମ୍ବନ୍ଧୀୟ ସ୍ୱନାମଧନ୍ୟ ଲେଖକ ଓ ଗବେଷକଙ୍କର ବହୁ ଉଚ୍ଚକୋଟୀର ଲେଖାମାନ ପ୍ରକାଶ ପାଇଛି ।

# କରୋନାକୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପ୍ରତିକ୍ରିୟା: ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡିଶା ଭଲ ସ୍ଥିତିକୁ ଆସିପାରେ



ଭୁବନେଶ୍ୱର,୧୩/୦୭ (ନି.ପ୍ର): ରାଜ୍ୟରେ ବଢ଼ିବାରେ ଲାଗିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୭୪୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଲଗାତାର କିଛି ଦିନ ଧରି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୦୦ ଉପରେ ରହୁଥିବାବେଳେ ଆଜି ୭୦୦ ଉପରକୁ ଟପିଯାଇଛି । ଗତକାଲି ୫୦୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୭୪୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଉ ଏହାକୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ଯେ ରଥଯାତ୍ରା ସରିଥିବାରୁ ସଂକ୍ରମଣ ବଢ଼ିପାରେ । ରଥଯାତ୍ରା ସରିଥିବାରୁ ନିଜ ନିଜ ଅଞ୍ଚଳକୁ ଫେରିଛନ୍ତି ଜନସାଧାରଣ ତେଣୁ ତାହା ଉପରେ ନଜର ରଖାଯାଇଛି । କମ୍ୟୁନିଟିରେ ମଧ ପଜିଟିଭିଟି କେସ ରହିଛି ତେଣୁ ବିଭିନ୍ନ ଜିଲ୍ଲାରେ କଣ ପରିସ୍ଥିତି ରହୁଛି ତାକୁ ତର୍ଜମା କରାଯଉଛି ।

ଅନ୍ୟ ଲହର ପରି ସଂକ୍ରମଣ ବଢୁନାହିଁ ହେଲେ ଧୀରଗତିରେ ସଂକ୍ରମଣ ବଢୁଛି । ନିୟମ ମାନିବା ସହ ଯେଉଁମାନେ ଟିକା ନେଇନାହାନ୍ତି ତୁରନ୍ତ ଟିକା ନିଅନ୍ତୁ। କେତେ ବଢୁଛି, ବଢିବାର ଆକାର କଣ ଓ ଏହାର ଫାଟାଲିଟି କେତେ ଏହା ଉପରେ ଆମେ ସମ୍ପୂର୍ଣ୍ଣ ନଜର ରଖିଛୁ । ରାଜ୍ୟରେ ଏହି ଲହରରେ ପ୍ରଥମ କୋଭିଡ ଜନିତ ମୃତ୍ୟୁ ହୋଇଛି । ତେଣୁ ବେଶୀ ଆନୁସଙ୍ଗିକ ରୋଗ ଥିବା ଲୋକଙ୍କ କ୍ଷେତ୍ରରେ ଏହା ପ୍ରଭାବ ପକାଉଛି ତେଣୁ ସେମାନେ ସଚେତନ ରହିବା ନିହାତି ଆବଶ୍ୟକ। ଅନ୍ୟ ରାଜ୍ୟରେ ଯେଉଁଭଳି କେସ ଖସୁଛି ତେଣୁ ଆକଳନ କରାଯାଇପାରେ ଯେ ଆଗାମୀ ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡିଶା ଭଲ ସ୍ଥିତିକୁ ଆସିପାରେ। ତେଣୁ ବର୍ତ୍ତମାନ ଓଡିଶାରେ ଉପର ମୁହାଁ ଗ୍ରାଫ ରହିଛି ତେଣୁ ଏହା ବଢିଲା ପରେ ସମାନ୍ତରାଳ ହୋଇ କିଛି ଦିନ ରହିବା ପରେ ଧୀରେ ଧୀରେ ଖସିପରେ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ।

# ଦୁର୍ଗମ ଅଞ୍ଚଳରେ ଡିଜିଟାଲ କ୍ରାନ୍ତି : ମାଲାକାନଗିରିର ଦୁର୍ଗମ ୩ ଗ୍ରାମରେ ୪ଜି ସେବା ଯୋଗାଇଲା ଜିଓ

ଭୁବନେଶ୍ୱର,୧୩/୦୭ (ନି.ପ୍ର): ସାରା ଦେଶର ଦୁର୍ଗମ ଅଞ୍ଚଳରେ ୪ଜି ଡିଜିଟାଲ୍ ସଂଯୋଗ ପ୍ରଦାନ କରିବାର ଲକ୍ଷ୍ୟକୁ ଆଗକୁ ବଢ଼ାଇ ରିଲାଏନ୍ସ ଜିଓ କାମ କରୁଛି। କଂପାନୀ ପକ୍ଷରୁ ଓଡ଼ିଶାର ମାଲକାନାଗିରି ଜିଲ୍ଲାର ଭୌଗୋଳିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ମାଥିଲି ବ୍ଲକର ୧୮ରୁ ଉର୍ଦ୍ଧ୍ୱ ଦୁର୍ଗମ ଗ୍ରାମ ଓ ପଲ୍ଲୀରେ ଡିଜିଟାଲ୍ ରୂପାନ୍ତରଣର ଶୁଭାରମ୍ଭ କରାଯାଇଛି । ମହୁପଦର, କୁଟୁନିପାଲ୍ଲୀ ଓ ତେମୁରୁପାଲ୍ଲୀରେ ତିନିଟି ନୂଆ ୪ଜି ନେଟ୍‌ଓ୍ୱର୍କ ଟାଓ୍ୱାର କାର୍ଯ୍ୟକ୍ଷମ ହେବା ସହ ଜିଓ ଆଖପାଖ ଗ୍ରାମ ଓ ପଲ୍ଲୀଗୁଡିକରେ ବାସକରୁଥିବା ୧୨,୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଓ ପ୍ରଶାସନିକ ଅଧିକାରୀଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି, ଯେଉଁମାନେ ଏବେ ପ୍ରଥମ ଥର ପାଇଁ ୪ଜି ଇଣ୍ଟରନେଟ୍ ସୁବିଧା ପାଇପାରୁଛନ୍ତି। ଜିଓ ପକ୍ଷରୁ ତିନୋଟି ୪ଜି ନେଟ୍‌ଓ୍ୱର୍କ ଟାଓ୍ୱାର ସ୍ଥାପନ କରାଯିବା କାର୍ଯ୍ୟ ହାତକୁ ନିଆଯିବା ପୂର୍ବରୁ ଓଡ଼ିଶା ଓ ଛତିଶଗଡ଼ ସୀମା ନିକଟବର୍ତ୍ତୀ ତଥା ମାଲକାନଗିରି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରୁ ପ୍ରାୟ ୮୦ କିମି ଦୂର ଓ ମାଥିଲି ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରାୟ ୩୫ କିମି ଦୂରରେ ଥିବା ଏହି ତିନି ଗ୍ରାମ ପଂଚାୟତ ମହୁପଦର, କୁଟୁନିପାଲ୍ଲୀ ଓ ତେମୁରୁପାଲ୍ଲୀରେ ଉପଯୁକ୍ତ ମୋବାଇଲ୍ ତଥା ଇଂଟରନେଟ୍ ସଂଯୋଗ ଉପଲବ୍ଧ ନଥିଲା । ମୋବାଇଲ୍ ନେଟ୍‌ଓ୍ୱର୍କ ଓ ୪ଜି ଇଣ୍ଟରନେଟ୍ ସଂଯୋଗର ଅଭାବରୁ ଏହି ଅଂଚଳର ବାସିନ୍ଦା ତଥା ଏଠାରେ କାମ କରୁଥିବା ପ୍ରଶାସନିକ ଅଧିକାରୀମାନେ ବାହ୍ୟ ଦୁନିଆ ସହ ଯୋଗଯୋଗ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏପରିକି ଜରୁରୀକାଳୀନ ପରିସ୍ଥିତିରେ ମଧ ଯୋଗଯୋଗ କଷ୍ଟକର ହୋଇପଡୁଥିଲା । ଗତ ଦୁଇ ବର୍ଷର କୋଭିଡ୍-୧୯ ମହାମାରୀ ସମୟରେ ଅନଲାଇନ୍ କ୍ଲାସ୍‌ରେ ଯୋଡ଼ି ହେବା ଲାଗି ଏହି ଅଂଚଳର ଛାତ୍ରଛାତ୍ରୀମାନଙ୍କୁ ମୋବାଇଲ୍ ନେଟ୍‌ଓ୍ୱର୍କ ଓ ଇଣ୍ଟରନେଟ୍ ସଂଯୋଗ ହାସଲ କରିବା ଲାଗି ମାଇଲ ମାଇଲ ଦୂର ଯାତ୍ରା କରିବାକୁ ପଡୁଥିଲା। ତେବେ ନିକଟରେ ମହୁପଦର, କୁଟୁନିପାଲ୍ଲୀ ଓ ତେମୁରୁପାଲ୍ଲୀରେ ତିନିଟି ନୂଆ ଜିଓ ୪ଜି ନେଟ୍‌ଓ୍ୱର୍କ ଟାଓ୍ୱାର କାର୍ଯ୍ୟକ୍ଷମ ହେବାପରେ ଏହି ସମସ୍ୟା ଏବେ ଦୂର ହେବା ସହିତ ମହୁପଦର, କୁରୁମପାଲ୍ଲୀ, ମୁଣ୍ଡାଗୁଡ଼ା, କମରପାଲ୍ଲୀ, ଗାଲିଆଗୁଡ଼ା, ଧକଡରାସି, ତେମୁରୁପାଲ୍ଲୀ, କୁକୁରକୁଣ୍ଡ, ତୁଳସୀ, କାଟିଗୁଡ଼ା, ସାରିଗୁଡ଼ା, କୁଟୁନିପାଲ୍ଲୀ, କଡାପଦର, ନେତଲଗାନ୍ଧୀ ସମେତ ୧୮ରୁ ଉର୍ଦ୍ଧ୍ୱ ଗ୍ରାମ, ପଲ୍ଲୀ ଓ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ପାଖରେ ୪ଜି ଡିଜିଟାଲ ରୁପାନ୍ତରଣର ଲାଭ ପହଞ୍ଚିପାରିଛି ।

# ୭ ଦିନ ପାଇଁ ଗ୍ରୀନ ଚିଲି ସିଲ୍




ଭୁବନେଶ୍ୱର,୧୩/୦୭ (ନି.ପ୍ର): ଆକ୍ସନ ମୁଡ୍‌ରେ ବିଏମସି। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନରେ ଥିବା ଗ୍ରୀନ ଚିଲି ଦୋକାନରେ ଚଢ଼ାଉ କରି ୭ଦିନ ପାଇଁ ସିଲ୍ କରିଛି ବିଏମ୍‌ସି। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପରିବେଷଣ କରାଯାଉଥିବାରୁ ବିଏମ୍‌ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏଥିଯୋଗୁ ୭ ଦିନ ପାଇଁ ଗ୍ରୀନ ଚିଲି ଦୋକାନ ବନ୍ଦ ରହିବ।

ଆଜି ବିଏମସିର ଏକ ତଦନ୍ତକାରୀ ଟିମ୍ ମାଷ୍ଟର କ୍ୟାଣ୍ଟିନରେ ଥିବା ଗ୍ରୀନ ଚିଲି ଦୋକାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଅସ୍ୱାସ୍ଥ୍ୟକର ପରିବେଶରେ ରୋଷେଇ ହେଉଥିବା ଦେଖିବାକୁ ପାଇଥିଲେ। ଏହା ପରେ ତଦନ୍ତକାରୀ ଟିମ୍ ଗ୍ରୀନଚିଲି ଦୋକାନକୁ ୭ ଦିନ ପାଇଁ ସିଲ୍ କରି ଦେଇଥିଲେ। ଏହା ସହ ବିଏମ୍‌ସି ପକ୍ଷରୁ ମଧ ଫାଇନ କଟାଯାଇଥିଲା। ଗ୍ରୀନ ଚିଲିରେ ଡଷ୍ଟବିନ ନଥିବାରୁ କାଗଜ ଓ ଅନ୍ୟ ଜିନିଷ ଗୁଡ଼ିକ ବାହାରେ ପଡୁଥିଲା। ଏଥିଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିଲା। ଏଥିପାଇଁ ଦୋକାନ ପାଖରେ ଡଷ୍ଟବିନ୍ ତିଆରି କରିବା ପାଇଁ ବିମିଏମସି ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଖାଦ୍ୟ ପ୍ରସ୍ତୁତ ବେଳେ ସଫା ସୁତରା ସହକାରେ କରିବାକୁ ବିଏମସି ପକ୍ଷରୁ କୁହାଯାଇଥିଲା।

# ଭଦ୍ରକ ବିଧାୟକଙ୍କ ପାଇଁ ମୋଚି ଛକ-ଭଦ୍ରକାଳୀ ରାସ୍ତା ବିପର୍ଯ୍ୟସ୍ତ : କଂଗ୍ରେସ



ଭଦ୍ରକ,୧୩/୦୭ (ନି.ପ୍ର): ଭଦ୍ରକ କଚେରୀ ବଜାର ମୋଚି ଛକ ଠାରୁ ମା' ଭଦ୍ରକାଳୀ ପୀଠ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ବାରମ୍ବାର ପେଚ ପକା କାର୍ଯ୍ୟ କରାଯାଇ ବିପୁଳ ପରିମାଣର ଅର୍ଥ ହରିଲୁଟ ହୋଇ ଚାଲିଛି। ଏହି ରାସ୍ତାର ବହୁ ସ୍ଥାନ ଜବରଦଖଲକାରୀଙ୍କ ଅଧିନରେ ରହିଛି। ତେଣୁ ଜବରଦଖଲ ଉଚ୍ଛେଦ କରି ସରକାରୀ ରାସ୍ତା ଚିହ୍ନଟ କରିବା ସହ ରାସ୍ତାର ପ୍ରଶସ୍ତିକରଣ ଓ ସ୍ଥାୟୀ ନିର୍ମାଣ ଦାବିରେ ପୁରୁଣାବଜାର ତିନି ଛକି ଠାରେ ବୁଧବାର ପୂର୍ବାହ୍ନ ୯ଟାରେ କଂଗ୍ରେସ ପକ୍ଷରୁ ରାସ୍ତାରୋକ ଆନ୍ଦୋଳନ କରାଯାଇଥିଲା। ପ୍ରାକ୍ତନ କାଉନସିଲର ଅଶ୍ରଫ ଅଲ୍ଲୀ ଖାନଙ୍କ ସଂଯୋଜନାରେ ଓ ବିଧାନସଭାସ୍ତରୀୟ ନେତା ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଏହି ରାସ୍ତାରୋକ କରାଯାଇଥିବା ବେଳେ, ଦୀର୍ଘ ୬ଘଣ୍ଟା ଧରି ପୁରୁଣାବଜାରର ମୁଖ୍ୟ ରାସ୍ତା ବସ୍ତୁତଃ ଅଚଳ ହୋଇ ପଡ଼ିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ରାଜନ ଲାହା, ପିତବାସ ଧଳ, ତନଭିର ଖାନ, ଏନାମୁଲ ହକ୍, ହେମନ୍ତ ସାହୁ, ଶେଖ ଜାହିଦ୍, ଅମିତାବାଳା ଆଚାର୍ଯ୍ୟ, ମତଲୁବ ଅଲ୍ଲୀ ଖାନ, ଜିଲ୍ଲା କଂଗ୍ରେସ ଛାତ୍ର ସଭାପତି ଶେଖ ସାହିଲ, ଯୁବ କଂଗ୍ରେସ ଉପସଭାପତି ହେମନ୍ତ ମହାପାତ୍ର, ବିଜୟ ବାରିକ, ରଂଜନ ଜେନା, ମିର୍ଜା ଏକ୍ରାମ ବେଗ ପ୍ରମୁଖ ଉଦବୋଧନ ଦେଇଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ସୁଧାକର ରାଉତ୍, ହାଜୀ ଶେଖ ମହମ୍ମଦ ଫାରୁକ୍, ପୌରାଧକ୍ଷାଙ୍କ ପ୍ରତିନିଧି ଜାହିଦ ହବିବ୍, ନାସିରୁଦ୍ଦିନ ଖାନ, ଫରିୟାଦ ଖାନ, ନବ ନିର୍ମାଣ ଯୁବ ଛାତ୍ର ସଂଗଠନର ଜାହିର ଖାନ, ସବିର ଖାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଉକ୍ତ ଧାରଣାସ୍ଥଳରେ ପହଞ୍ଚି ଉକ୍ତ ଯୁକ୍ତିଯୁକ୍ତ ଦାବିକୁ ସମର୍ଥନ ଜଣାଇଥିଲେ। କଂଗ୍ରେସର ନେତା ଶ୍ରୀ ମହାନ୍ତିଙ୍କ କହିବାନୁଯାୟୀ ୨୦୧୮ ମସିହା ଅଗଷ୍ଟ ମାସ ୧ତାରିଖ ହଳଦିଡିହ ବାଇପାସ ଠାରେ ଏହି ଦାବିରେ ଭଦ୍ରକ-ଚାନ୍ଦବାଲି ରାସ୍ତାକୁ ଦୀର୍ଘ ସମୟ ଧରି ଅବରୋଧ କରାଯାଇଥିଲା। ପ୍ରଶାସନ ୨ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ପାଳନ ହୋଇ ନାହିଁ। ବାରମ୍ବାର ତାଳି ପକା କାମ ଏହି ରାସ୍ତାରେ ଲକ୍ଷଲକ୍ଷ ଟଙ୍କାକୁ ବିଧାୟକଙ୍କ ପେଟି ଠିକାଦାରମାନେ ଲୁଟି ଚାଲିଛନ୍ତି। ତେଣୁ ସ୍ଥାୟୀ ନିର୍ମାଣ ବ୍ୟତୀତ ଅନ୍ୟ କୌଣସି କଥାରେ କଂଗ୍ରେସ ସାଲିଶ କରିବ ନାହିଁ ବୋଲି ଶ୍ରୀ ମହାନ୍ତି କହିଥିଲେ। ସେହିପରି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାସ କହିଥିଲେଯେ ଏହି ରାସ୍ତା ଉପରେ ପୌରାଞ୍ଚଳର ୧୫ଟି ୱାର୍ଡ଼ ଓ ଖଣ୍ଡତଡ଼ା, ବେନ୍ତା, ଗୁଜିଦରଡ଼ା ପରି ୩ଟି ପଞ୍ଚାୟତର ମୋଟ ୯୫ ହଜାରରୁ ଉର୍ଦ୍ଧ୍ୱ ବାସିନ୍ଦା ନିର୍ଭରଶୀଳ। କିନ୍ତୁ ଏହି ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାବେଳେ, ସ୍ମାର୍ଟ ସିଟିର ପ୍ରତିଶ୍ରୁତି ଦେଇ ବିଧାୟକ ବନିଥିବା ଭଦ୍ରକ ବିଧାୟକ ନିରବ ବସିଛନ୍ତି। ସେହିପରି ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଜାହିଦ ହିବିବ୍, ସୁଧାକର ରାଉତ ପ୍ରମୁଖ ଦାବି କରିଥିଲେ। ଘଟଣାସ୍ଥଳରେ ଭଦ୍ରକ ତହସିଲଦାର ଓ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଦାବି ପୂରଣର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଧାରଣାରତ ଶତାଧିକ ଆନ୍ଦୋଳନକାରୀ ଲିଖିତ ପ୍ରତିଶ୍ରୁତି ପାଇଁ ଅଡି ବସିଥିଲେ। ଶେଷରେ ଗୁରୁବାର ଠାରୁ ଜବରଦଖଲ ଚିହ୍ନଟ କାର୍ଯ୍ୟ ଆରମ୍ଭ ହେବା ସହ ଉଚ୍ଛେଦ କାର୍ଯ୍ୟ କରାଯିବ ଓ ଏହାପରେ ରାସ୍ତାର ସ୍ଥାୟୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟା ବେଳକୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ରାସ୍ତା ଓ ପାଣି ବୁରୁସାହିର ମୁଖ୍ୟ ସମସ୍ୟା : ସିନିଶ୍ରୀଦେଇ



ଉଦଳା, ୧୩/୦୭ (ନି.ପ୍ର): କପ୍ତିପଦା ବ୍ଲକର ଲାବଣ୍ୟଦେଇପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅଶ୍ୱକୋଟୀ ଗ୍ରାମର ବୁରୁସାହିରେ ରହିଛି ପାନୀୟ ଜଳ ସମସ୍ୟା । ବୁରୁସାହିରେ ପ୍ରାୟ ୩୦ ଗୋଟି ପରିବାର ବସବାସ କରୁଥିଲେ ମଧ୍ୟ ପାନୀୟ ଜଳ ପାଇଁ କୌଣସି ବ୍ୟବସ୍ଥା ନାହିଁ । ଏଠାକାର ଲୋକେ ବାଧ ହୋଇ ଏଠାରୁ ୨ କି.ମି. ଦୂରରେ ଥିବା ଅନ୍ୟ ଏକ ଗ୍ରାମର ନଳକୂପ ଉପରେ ନିର୍ଭର କରିଥାନ୍ତି। ସେହିପରି ଉକ୍ତ ଗ୍ରାମକୁ ଯୋଗାଯୋଗ କରୁଥିବା ସାର୍ଜନ ଛକ ଠାରୁ କଟୁରିଆ ମନ୍ଦିର ପ୍ରାୟ ୫ କି.ମି. ରାସ୍ତାର ମରାମତି ବର୍ତ୍ତମାନ ଜରୁରୀ ହୋଇପଡ଼ିଛି। ବୁରୁସାହିରେ ଥିବା ଏହି ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଲାବଣ୍ୟଦେଇପୁରର ପୂର୍ବତନ ସରପଞ୍ଚ ସିନିଶ୍ରୀଦେଇ ଦାବି ଜଣାଇଛନ୍ତି । ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଞ୍ଚର ସଦସ୍ୟ ମାନେ ଏହି ଗ୍ରାମକୁ ପରିଦର୍ଶନରେ ଆସିଥିବା ସମୟରେ ପୂର୍ବତନ ସରପଞ୍ଚ ବୁରୁସାହିରେ ଥିବା ଏହି ସମସ୍ୟା ଗୁଡ଼ିକ ପ୍ରତି ସ୍ୱେଚ୍ଛାସେବୀ ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।

## ଅକ୍ସଫୋର୍ଡ଼ ପବ୍ଲିକ ସ୍କୁଲର ୨୬ତମ ପ୍ରତିଷ୍ଠା ଦିବସ

ବାଲେଶ୍ୱର,୧୩/୦୭ (ନି.ପ୍ର): ରେମୁଣା ଅଚ୍ୟୁତପୁରସ୍ଥିତ ଅକ୍ସଫୋର୍ଡ଼ ପବ୍ଲିକ ସ୍କୁଲର ୨୬ତମ ପ୍ରତିଷ୍ଠା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଇଂ ପ୍ରଭାତ କୁମାର ବିଶ୍ୱାଳ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପତାକା ଉତ୍ତୋଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ। ଶୃଙ୍ଖଳା ଓ ସଫଳତାର ସଂଜ୍ଞାକୁ ସେ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିବା ସହ ଛାତ୍ରଛାତ୍ରୀଙ୍କୁ ସର୍ବଦା ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ସମୟାନୁବର୍ତ୍ତିତା ହେବା ସହ କଠୋର ଅଧ୍ୟବସାୟ ବଳରେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ସେ ସମସ୍ତଙ୍କୁ କହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଶୁଭଶ୍ରୀ ପଣ୍ଡା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସଞ୍ଜୟ ସାହୁ ଏଥିରେ ଯୋଗଦେଇ ଦୀର୍ଘ ୨୫ ବର୍ଷ ଧରି ସଫଳତାର ସିଡ଼ି ଚଢ଼ି ଚାଲିଥିବା ଅକ୍ସଫୋର୍ଡ଼ ପବ୍ଲିକ ସ୍କୁଲର ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସ୍କୁଲର ଜନ୍ମଦିନ କେକ କଟାଯାଇ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ବିଦାଳୟର ଛାତ୍ରୀ ସାଇସ୍ମିତା ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସୁଶ୍ରୀ ଲିସା ଜେନା ଅତିଥିଙ୍କ ପରିଚୟ ଦେଇଥିଲେ। ଶେଷରେ ମୋନାଲିସା ମାନସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ତମ ପାତ୍ର, ଜୟନ୍ତ ସାମଲ, କଳଙ୍ଗ ଲେଙ୍କା, ଦେବର୍ଶିନୀ ଆଚାର୍ଯ୍ୟ, ସସ୍ମିତା ମହାରଣା, ରଞ୍ଜନା ଦାସଅଧିକାରୀ, ପୂର୍ଣ୍ଣମାସୀ ମହାନ୍ତି, ବର୍ଷା ନାୟକ, ଅଭିପ୍ସା ପାତ୍ର, ଅପରାଜିତା ମହାପାତ୍ର, ଅନୀତା ବିଶ୍ୱାଳ ପ୍ରମୁଖ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ବିଏସଏନଏଲ ଓଡ଼ିଶା ସର୍କଲ ସିଜିଏମ୍ ଭାବେ ଦାୟିତ୍ୱ ନେଲେ ଶ୍ରୀ ରୁଦ୍ର ନାରାୟଣ ପଲାଇ



ଭୁବନେଶ୍ୱର, ୧୩/୦୭ (ନି.ପ୍ର): ବିଏସଏନଏଲ ଓଡ଼ିଶା ସର୍କଲର ମୁଖ୍ୟ ମହାପ୍ରବନ୍ଧକ (ସି.ଜି.ଏମ୍) ଭାବେ ଦାୟିତ୍ୱଭାର ଗ୍ରହଣ କରିଛନ୍ତି ଶ୍ରୀ ରୁଦ୍ରନାରାୟଣ ପଲାଇ, ଆଇ.ଟି.ଏସ୍ । ଏହି ଅବସରରେ ସେ ଓଡିଶା ଦୂରସଂଚାର ପରିମଣ୍ଡଳରେ କାର୍ଯ୍ୟରତ ସମସ୍ତ ଉଦ୍ୟୋଗ ବ୍ୟବସାୟିକ କ୍ଷେତ୍ର ମୁଖ୍ୟ, ଅଧିକାରୀ, କର୍ମଚାରୀ ତଥା ବିଏସଏନଏଲର ଗ୍ରାହକମାନଙ୍କୁ ତାଙ୍କର ଆନ୍ତରିକ ଶୁଭେଚ୍ଛା ପ୍ରଦାନ କରିଛନ୍ତି । ସରକାରୀ ରାଷ୍ଟ୍ରାୟତ୍ତ ସଂସ୍ଥା ବିଏସଏନଏଲ, ବନ୍ୟା ବାତ୍ୟା, ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଭଳି ପ୍ରତିକୂଳ ପରିସ୍ଥିତିରେ ଦେଶ ତଥା ରାଜ୍ୟର ସମସ୍ତ ଭାଗରେ ଟେଲି ଯୋଗାଯୋଗ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇ ଆସୁଛି । ଆଗାମୀ ଦିନରେ ମଧ ଏହାର ଗ୍ରାହକ ମାନଙ୍କୁ ଆକର୍ଷଣୀୟ ଟାରିଫ୍ ସହ ଅସୀମିତ କଲ୍, ଡାଟା, ଏବଂ ଆଧୁନିକତମ ଟେଲି ସେବା ପ୍ରଦାନ ଜାରି ରଖିବ ଓ ଶ୍ରୀ ପଲାଇ ଏହା ମଧ ସ୍ପଷ୍ଟ କରିଛନ୍ତି ଯେ, ଭାରତ ସରକାରଙ୍କ ଉପକ୍ରମ ବିଏସଏନଏଲ ରାଜ୍ୟର ଦୁର୍ଗମ ଅଞ୍ଚଳର ଜନସାଧାରଣଙ୍କୁ ଲ୍ୟାଣ୍ଡଲାଇନ, ମୋବାଇଲ୍ ଏବଂ ଏଫଟିଟିଏଚ୍ (FTTH)ସେବା ଉପଲବ୍ଧ କରାଇବାକୁ ସର୍ବାଧିକ ଗୁରୁତ୍ୱ ଦେଇଆସୁଛି । ବିଏସଏନଏଲର ଆକର୍ଷଣୀୟ ଟାରିଫ୍ ପ୍ଲାନ ଯୋଗୁଁ ଗ୍ରାହକମାନଙ୍କ ଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳୁଛି ଓ ଅପ୍ଟିକାଲ୍ ଫାଇବର ମାଧମରେ ୱାଇ-ଫାଇ, ହାଇ-ସ୍ପିଡ୍ ଇଣ୍ଟରନେଟ୍ ସେବା ସହିତ ଘରେ ରହି ଅନଲାଇନ୍ ମାଧ୍ୟମରେ କାର୍ଯ୍ୟ କରୁଥିବା ବିଭିନ୍ନ ଶ୍ରେଣୀର ବ୍ୟକ୍ତିବିଶେଷ ଏବଂ ଅନଲାଇନ ମାଧ୍ୟମରେ କ୍ଲାସରେ ଯୋଡିହେବା ପାଇଁ ସବୁବର୍ଗର ଛାତ୍ର/ଛାତ୍ରୀମାନଙ୍କର ବିଏସ୍ଏନ୍ଏଲ୍ ପ୍ରଥମ ପସନ୍ଦ ଓ ଅପ୍ଟିକାଲ୍ ଫାଇବର ମାଧ୍ୟମରେ ଦୁର୍ଗମ ଗ୍ରାମାଞ୍ଚଳକୁ ହାଇ-ସ୍ପିଡ୍ ଇଣ୍ଟରନେଟ୍ ସେବା ଯୋଗାଇବା ଦିଗରେ ବିଏସଏନଏଲର ଭୂମିକା ବର୍ତ୍ତମାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ଓଡ଼ିଶା ରାଜ୍ୟ ସରକାରଙ୍କ ସହଯୋଗରେ ଖୁବ୍ ଶୀଘ୍ର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଉନ୍ନତ ମାନର ଟାୱାର ସ୍ଥାପନ ସହିତ ୪ଜି ସେବା ଉପଲବ୍ଧ କରାଇବାକୁ ଶ୍ରୀ ରୁଦ୍ରନାରାୟଣ ପଲାଇ ଦୃଢୋକ୍ତି ପ୍ରକାଶ କରିବା ସହିତ ଜନସାଧାରଣଙ୍କ ମତାମତକୁ ଅଗ୍ରାଧିକାର ଦେବାକୁ ଆଶାବ୍ୟକ୍ତ କରିଛନ୍ତି ।

# ବାଲିଆପାଳ ବ୍ଲକ ବିଜୁ ଯୁବ ଓ ଛାତ୍ର ଜନତା ଦଳ ମିଳିତ ସହଯୋଗରେ ଚାରା ଗଛ ରୋପଣ

ବାଲିଆପାଳ, ୧୩/୦୭ (ନି.ପ୍ର): ବିଜୁ ଜନତା ଦଳ ୨୫ ବର୍ଷ ପୂର୍ତ୍ତି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସରେ ବିଭିନ୍ନ ସାମାଜିକ କାର ?୍ୟକ୍ରମ ହାତକୁ ନିଆଯାଇଅଛି ତନ୍ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ବିଜୁ ଯୁବ ଜନତା ଦଳ ଓ ଛାତ୍ର ଜନତା ଦଳ ତରଫରୁ ବାଲିଆପାଳ ବ୍ଲକ ବିଜୁ ଯୁବ ଜନତା ପଖରୁ ବିଷ୍ଣୁପୁର ଗ୍ରାମ ପଞ୍ଚାୟତ ର ନୟାବାଲି ଗ୍ରାମରେ ଥିବା ଗ୍ରାମ୍ୟା ପୋଖରୀ ରେ ବୃକ୍ଷ ରୋପଣ କରି କରାଯାଇ ଥିଲା ବିଷ୍ଣୁପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ମହେଶ୍ୱର ଜେନା, ଯୁବ ସଭାପତି ହରିଶ୍ ପାତ୍ର, ବିଜେଡିର ବରିଷ୍ଠ ନେତା ମୁଖ୍ୟା ଅତିଥି ରବିନ୍ଦ୍ର ନାଥ ଅଣ୍ଡିଆ, ବାଲିଆପାଳ ବ୍ଲକ ବିଜେଡି ଯୁବ ସଭାପତି ସଞ୍ଜୟ ପ୍ରଧାନ, ବାଲିଆପାଳ ବ୍ଲକ ଛାତ୍ର ସଭାପତି ଲକ୍ଷ୍ମୀଧର ପାତ୍ର, ଜିଲ୍ଲା ଯୁବ ସଂପାଦକ ଯୁଗଳ ଗିରି, ଜିଲ୍ଲା ଛାତ୍ର ସଂପାଦକ ଭୈରବ ଦାସ , ମହିଳା ନେତ୍ରୀ ଲକ୍ଷ୍ମୀ ଦଳାଇ ଏବଂମହିଳା ସ୍ୱଂୟ ସହାୟକା ଗୋଷ୍ଠୀର ଶତାଧିକ ମହିଳା ଓ ବିଜୁ ଜନତା ଦଳର କର୍ମୀ ମାନେ ଉପସ୍ଥିତ ହୋଇ ଗଛ ଲଗାଇଛନ୍ତି ।

# ଜିଲ୍ଲାର କୃତି ମେଟ୍ରିକ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୧୩/୦୭ (ନି.ପ୍ର): ଚଳିତ ମେଟ୍ରିକ ପରୀକ୍ଷାରେ ଜିଲାରେ ଖୁବ୍ ଭଲ ନମ୍ବର ରଖି ଜିଲାର ପ୍ରଥମ ୧୦ଟି ସ୍ଥାନରେ ରହିଥିବା ୨୧ଜଣ ଛାତ୍ରଛାତ୍ରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି । ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସଫଳତା ପାଇଁ ଛାତ୍ରଛାତ୍ରୀଙ୍କ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆଗକୁ ପାଠପଢାରେ ଏହିଭଳି ଧାରା ବଜାୟ ରଖି ଜନ୍ମଭୂମି ତଥା ରାଜ୍ୟ ପାଇଁ ଗୌରବ ଆଣିବାକୁ ସେ ପରାମର୍ଶ ଦେଇଥିଲେ। ଏଥି ସହିତ ଭଲ ଫଳ ପ୍ରଦର୍ଶନ କରିଥିବା ଜିଲାର ବିଭିନ୍ନ ସ୍କୁଲ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଓ ଅନ୍ୟାନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଜିଲାପାଳ ଶ୍ରୀ ଶିନ୍ଦେ ଅଭିନନ୍ଦନ ଜଣାଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସବୁବେଳେ ବଡ଼ ସ୍ୱପ୍ନ ଦେଖିବା ଏବଂ ତାକୁ ସାକାର କରିବାକୁ ଅବିରତ ଉଦ୍ୟମ ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ୫୯୪ ଓ ୫୯୩ ନମ୍ବର ରଖି ଜିଲ୍ଲାରେ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ହୋଇଥିବା ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ୱରୂପା ଜେନା ଓ ଏଲିନା ଗିରିଙ୍କ ସମେତ ପ୍ରଥମ ୧୦ଟି ସ୍ଥାନରେ ରହିଥିବା ୨୧ଜଣ ଛାତ୍ରଛାତ୍ରୀଙ୍କୁ ଜିଲାପାଳ ଶ୍ରୀ ଶିନ୍ଦେ ପୁଷ୍ପଗୁଚ୍ଛ ଏବଂ ଟ୍ରଫି ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ। ଅନୁରୂପ ଭାବେ ଜିଲ୍ଲାର ସର୍ବାଧିକ ୭୫ଜଣ ଏ୧ ଗ୍ରେଡ୍ ପାଇ ସର୍ବଶ୍ରେଷ୍ଠ ସ୍ଥାନରେ ରହିଥିବା ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ୭୩ଜଣ ଏ୧ ଗ୍ରେଡ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ରେମୁଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମେତ ପରୀକ୍ଷାଫଳ ପ୍ରଦର୍ଶନରେ ଜିଲ୍ଲାର ଶ୍ରେଷ୍ଠ ୧୦ଟି ସ୍ଥାନରେ ଥିବା ୧୨ଟି ହାଇସ୍କୁଲର ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

ବାରିପଦା, ୧୩/୦୭ (ନି.ପ୍ର): ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ସବଡିଭିଜନର ମହୁଲଡିହା ଠାରେ ଥିବା ଓଡିଶାର ସର୍ବ ପ୍ରଥମ ଅନୁସୂଚିତ ଜାତି ଓ ଜନଜାତି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅଭିଭାବକ -ଶିକ୍ଷକ ସମ୍ମିଳନୀ ପ୍ରଧାନ ଶିକ୍ଷୟତ୍ରୀ ପଦ୍ମାଳୟା ସୋରେନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲିପ ମହାନ୍ତି ଏବଂ ମୁଖ୍ୟବକ୍ତା ଭାବେ କଥାଶିଳ୍ପୀ ଲଳିତ ମହାନ୍ତ ଯୋଗ ଦେଇ ବିଦ୍ୟାଳୟରେ ଶିକ୍ଷୟତ୍ରୀ, ଅଭିଭାବକ ଏବଂ ଛାତ୍ରୀମାନଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଶିକ୍ଷାନୁଷ୍ଠାନର ବିକାଶ, ବିଦ୍ୟାର୍ଥୀ ମାନଙ୍କର ପାଠପଢା ସହ ଆତ୍ମ ବିଶ୍ୱାସ ଓ ବୌଦ୍ଧିକ ବିକାଶ ସମ୍ଭବ ହୋଇପାରିବ ବୋଲି କହିଥିଲେ । ଏହି ଅବସର ରେ ଛାତ୍ରୀ ମାନଙ୍କର ଅଭିଭାବକ ମାନେ ବହୁ ସଂଖ୍ୟାରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହ ବହୁ ପରାମର୍ଶ ମଧ ଦେଇଥିଲେ ।

## ଗୁରୁପୂର୍ଣ୍ଣିମାରେ ବୃକ୍ଷଗଙ୍ଗା ଅଭିଯାନ ଗାୟତ୍ରୀ ଯଜ୍ଞ

ବାଲେଶ୍ୱର,୧୩/୦୭ (ନି.ପ୍ର): ଗୁରୁପୂର୍ଣ୍ଣିମା ଅବସରରେ ବାଲେଶ୍ୱର ଗାୟତ୍ରୀ ପରିବାର ପକ୍ଷରୁ ବୃକ୍ଷଗଙ୍ଗା ଅଭିଯାନ ଗାୟତ୍ରୀ ଯଜ୍ଞ ନୂଆପାଢ଼ୀସ୍ଥିତ ପତିଭଦ୍ର ଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଜଗତାନନ୍ଦ ଦାସମହାପାତ୍ରଙ୍କ ପରିବାରର ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଗ୍ରାମର କିଆଗୋର ଅନାବାଦୀ ପୋଖରୀ ହୁଡ଼ାରେ ୧୦୮ ଦୀର୍ଘସ୍ଥାୟୀ ବୃକ୍ଷଚାରା ରୋପଣ କରାଯାଇଥିଲା। ସାମ୍ପ୍ରତିକ ସ୍ଥିତିରେ ବାୟୁମଣ୍ଡଳରେ ବଢ଼ି ଚାଲିଥିବା ପ୍ରଦୂଷଣକୁ ରୋକିବା ଓ ଅମ୍ଳଜାନ ସ୍ତର ବୃଦ୍ଧି ଲକ୍ଷ୍ୟରେ ଗାୟତ୍ରୀ ପରିବାର ପକ୍ଷରୁ ଏବେ ବୃକ୍ଷରୋପଣକୁ ଗୁରୁତ୍ୱ ଦିଆଯାଉଛି ବୋଲି କାର୍ଯ୍ୟକର୍ତାମାନେ ସୂଚନା ଦେଇଛନ୍ତି। ସେହିଭଳି ଆୟୋଜିତ ଗାୟତ୍ରୀ ଯଜ୍ଞରେ ନୂଆପାଢ଼ୀ ଅଞ୍ଚଳର ଯୁବକ ଯୁବତୀମାନେ ବୃକ୍ଷରୋପଣ ଓ ଏହାର ଯତ୍ନ ପାଇଁ ଶପଥ ନେଇଥିଲେ। ଗାୟତ୍ରୀ ପରିବାରର କାର୍ଯ୍ୟକର୍ତା ବଳରାମ ଜେନା, ସ୍ଥାନୀୟ ସରପଂଚ ମମତା ପରିଡ଼ା, ନନ୍ଦଦୁଲାଲ ଦାସ, ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ନୂଆ ସଂସଦ ଭବନର ଅଶୋକସ୍ତମ୍ଭକୁ ....

କୁହାଯାଇଛି ଯେ, ଜାତୀୟ ପ୍ରତୀକର ଡିଜାଇନ ସମ୍ପର୍କରେ ନିଷ୍ପତ୍ତି ନେବାର ଅଧିକାର କେନ୍ଦ୍ର ସରକାରଙ୍କ ପାଖରେ ରହିଛି । ଏହାସହ କେନ୍ଦ୍ର ସରକାର ଜାତୀୟ ପ୍ରତୀକର ବ୍ୟବହାର ନେଇ ମଧ ନିଷ୍ପତ୍ତି ନେଇପାରିବେ। ବିରୋଧୀଙ୍କ ସମାଲୋଚନା ପରେ ମୋଦି ସରକାର ସ୍ପଷ୍ଟୀକରଣ ରଖିଛନ୍ତି । କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଟୁଇଟ କରି କହିଛନ୍ତି ଯେ, ଅଶୋକ ସ୍ତମ୍ଭର କୌଣସି ବିଶେଷତ୍ୱକୁ ପରିରବର୍ତନ କରାଯାଇ ନାହିଁ । ବରଂ ବିରୋଧୀ ନିଜର ଦେଖିବାର ଶୈଳୀକୁ ବଦଳାଇବା ଆବଶ୍ୟକ । ସାରନାଥର ମୂଳ ଅଶୋକ ସ୍ତମ୍ଭର ଉଚ୍ଚତା ୧ ଦଶମିକ ୬ ମିଟର ଥିବା ବେଳେ ନୂଆ ସଂସଦ ଭବନରେ ସ୍ଥାପନ କରାଯାଇଥିବା ଅଶୋକ ସ୍ତମ୍ଭର ଉଚ୍ଚତା ସାଢ଼େ ୬ ମିଟର ରହିଛି । ଏହାସହ ସାରନାଥର ଅଶୋକ ସ୍ତମ୍ଭ ଭୂମି ଉପରେ ରହିଥିଲା । ହେଲେ ନୂଆ ଅଶୋକ ସ୍ତମ୍ଭ ମାଟି ଠାରୁ ୩୩ ମିଟର ଉଚ୍ଚରେ ରହିଛି । ତେଣୁ ବିରୋଧୀଙ୍କୁ ନିଜର ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ କରିବା ଜରୁରୀ ବୋଲି କହିଛନ୍ତି । ସେପଟେ ପ୍ରସିଦ୍ଧ ଅଭିନେତା ଅନୁପମ ଖେର ଲେଖିଛନ୍ତି ଯେ, ଏହା ସ୍ୱତନ୍ତ୍ର ଭାରତର ଅଶୋକ ସ୍ତମ୍ଭ । ଯଦି ଏଥିରେ ସିଂହ ଆକ୍ରମଣାତ୍ମକ ମୁଦ୍ରାରେ ଦାନ୍ତ ଦେଖାଉଛି ଏଥିରେ ଭୁଲ କେଉଁଠି ରହିଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଅଶୋକ ସ୍ତମ୍ଭକୁ ୧୯୫୦ ମସିହାରୁ ଭାରତର ଜାତୀୟ ପ୍ରତିକ ଭାବେ ଭାବେ ଗଣାଯାଉଛି । ମୂଳ ଅଶୋକ ସ୍ତମ୍ଭ ସମ୍ରାଟ ଅଶୋକଙ୍କ ଅମଳରେ ସ୍ଥାପନ କରାଯାଇଥିଲା ବୋଲି ଏତିହାସିକମାନେ ମତ ଦିଅନ୍ତି ।

## ନିଲାମ ହେବ ଓଡିଶାର ୧୫ଟି ....

ପ୍ରଥମ ପୁରସ୍କାର ଲାଭ କରିଛି । ଏ ବାବଦକୁ ରାଜ୍ୟ ୩ କୋଟି ଟଙ୍କାର ପ୍ରଥମ ପ୍ରାଇଜ ଗ୍ରହଣ କରିଛି। ଓଡିଶା ରାଜ୍ୟ ମାଇନ୍ସ ଏବଂ ମିନେରାଲ ଡେଭେଲପମେଂଟ ଆଣ୍ଡ ରେଗୁଲେସନ ଅଧିନିୟମ-୨୦୧୫ ଲାଗୁ ପରେ ଖଣିଜ ଆବଣ୍ଟନ କ୍ଷେତ୍ରରେ ଏକ ବିରାଟ ପରିବର୍ତନ ଆସିଛି। ଓଡିଶା ୨୦୧୫- ୧୬ ବର୍ଷ ଠାରୁ ଖଣିଜ ବ୍ଲକଗୁଡିକର ନିଲାମ ପ୍ରକ୍ରିୟା ସ୍ୱଚ୍ଛତା ଓ ସଫଳତାର ସହ ପରିଚାଳନା କରିଆସୁଛି। ରାଜ୍ୟ ସରକାରଙ୍କ ଉପରୋକ୍ତ ସଫଳତା ସହ ଅନ୍ୟାନ୍ୟ ଖଣିଜ ବ୍ଲକ ଗୁଡ଼ିକର ନିଲାମ ନିମନ୍ତେ ଦ୍ୱିତୀୟ ପୁରସ୍କାର ବାବଦକୁ ରାଜ୍ୟ ୨କୋଟି ଟଙ୍କାର ପୁରସ୍କାର ଲାଭ କରିଛି। ଗତ ମଙ୍ଗଳବାର ନୂଆଦିଲ୍ଲୀଠାରେ ଆୟୋଜିତ ୬ଷ୍ଠ ଜାତୀୟ ମାଇନ୍ସ ଆଣ୍ଡ ମିନେରାଲ୍ସ କନକ୍ଲେଭ୍ ରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବରେ ଓଡିଶାର ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ପୁରସ୍କାର ଗ୍ରହଣ କରିଥିଲେ। ବିଧାନ ସଭାର ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାର ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ମଲ୍ଲିକ ଓଡ଼ିଶା ସରକାରଙ୍କ ଦ୍ୱାରା ଖଣିଜ କ୍ଷେତ୍ରରେ ୫ଟି ପ୍ରୟୋଗ ସହ ଗ୍ରହଣ କରାଯାଇଥିବା ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ଓ ଖଣିଜ କ୍ଷେତ୍ରରେ ଓଡ଼ିଶାର ସଫଳତା ସଂପର୍କରେ ସବିସ୍ତୃତ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ କି, କୋଭିଡ ୧୯ ର ପରାଭବ ସତ୍ତ୍ୱେ ଓଡିଶା ଖଣିଜ ଉତ୍ପାଦନ, ପରିବହନ, ଖଣିଜ ରାଜସ୍ୱ ସଂଗ୍ରହ, ଖଣିଜ ବ୍ଲକଗୁଡ଼ିକର ଭୂତତ୍ୱଭିତିକ ଉତୋଳନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିପାରିଛି ଏବଂ ଦେଶରେ ଲୁହା ପଥର ଆବଶ୍ୟକତାର ୫୦ ପ୍ରତିଶତ ଓଡିଶା ପୂରଣ କରୁଛି ।

## ଲଘୁଚାପ ପ୍ରଭାବରେ ୫ ଦିନ ଯାଏଁ ....

ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ୬ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହି ସମୟ ମଧ୍ୟରେ ଖୋର୍ଦ୍ଧା, ପୁରୀ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଜଗତସିଂହପୁର, କଟକ, ଢ଼େଙ୍କାନାଳ, ଅନୁଗୁଳ, ସମ୍ବଲପୁର ଓ ସୋନପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୪ରୁ ୧୫ ତାରିଖ ମଧ୍ୟରେ ବରଗଡ, ନୂଆପଡା, ବଲାଙ୍ଗୀର , ସୋନପୁର ଓ ବୌଦ୍ଧ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହି ସମୟ ମଧ୍ୟରେ କନ୍ଧମାଳ , ନୟାଗଡ, କଟକ, ଅନୁଗୁଳ, ଢେଙ୍କାନାଳ ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୁରଭଂଜଳ ଦେବଗଡ, ସୁନ୍ଦରଗଡ , ଝାରସୁଗୁଡା, ସମ୍ବଲପୁର ଓ କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

# ଆସନ୍ତା ୧୫ରେ ଏନସିଏସସିଡିଏ ପକ୍ଷରୁ ସ୍ୱତନ୍ତ୍ର ନିଯୁକ୍ତି ମେଳା

ଭୁବନେଶ୍ୱର,୧୩/୦୭ (ନି.ପ୍ର): ଉଭୟ ଦିବ୍ୟାଙ୍ଗ ଏବଂ ଅଣ ଦିବ୍ୟାଙ୍ଗ ନିଯୁକ୍ତି ଆଶାୟୀଙ୍କ ଲାଗି ଭୁବନେଶ୍ୱରସ୍ଥିତ ଏନସିଏସସିଡିଏ (ଦିବ୍ୟାଙ୍ଗଜନଙ୍କ ପାଇଁ ଜାତୀୟ କ୍ୟାରିଅର ସେବା କେନ୍ଦ୍ର) ପକ୍ଷରୁ ଆସନ୍ତା ୧୫ ତାରିଖରେ ବିଭିନ୍ନ ବର୍ଗରେ ୨୫୦ଟି ପଦବୀ ପାଇଁ ଏକ ସ୍ୱତନ୍ତ୍ର ନିଯୁକ୍ତି ମେଳା ଅୟୋଜନ କରାଯିବ। ଭୁବନେଶ୍ୱର ପୋଖରୀପୁଟ ଗଣ୍ଡମୁଣ୍ଡାସ୍ଥିତ (ମଧୁସୂଦନ ପାର୍କ ସମ୍ମୁଖ) ଏନସିଏସସିଡିଏ ମୁଖ୍ୟ କାର୍ଯ୍ୟାଳୟରେ ସକାଳ ୯ଟା ଠାରୁ ଦିନ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।ୱେବ ଡେଭଲପମେଂଟ, ସେଲ୍ସ, ଟେଲି ସେଲ୍ସ, ସର୍ଭିସ ଇଞ୍ଜିନିୟର, ଗ୍ରାହକ ସେବା, ଲଜିଷ୍ଟିକ୍ସ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦିଆଯିବ । ମାଟ୍ରିକ ପାସ ଠାରୁ ଆରମ୍ଭ କରି ଯୁକ୍ତ ଦୁଇ, ସ୍ନାତକ, ଏମବିଏ, ଆଇଟିଆଇ ଏବଂ ଡିପ୍ଲୋମା ନିଯୁକ୍ତିଧାରୀମାନେ ଏସବୁ ପଦବୀ ପାଇଁ ଆବେଦନ କରିପାରିବେ। ଆବେଦନକାରୀଙ୍କ ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

# ଦୟାନିଧି ମହାପାତ୍ର ବଢାପାଳ ସେବା ସମବାୟ ସମିତିର ସଭାପତି ନିର୍ବାଚିତ



ବାଲିଆପାଳ, ୧୩/୦୭ (ନି.ପ୍ର): ବାଲିଆପାଳ ବ୍ଲକ ବଢାପାଳ ସେବା ସମବାୟ ସମିତିର ସଭାପତି ଭାବେ ବିଜେଡି ସମର୍ଥୀତ ପ୍ରାର୍ଥୀ ଦୟାନିଧି ମହାପାତ୍ର ୧ ଖଣ୍ଡ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନରେ ଶ୍ରୀ ମହାପାତ୍ରଙ୍କ ବିରୋଧରେ ସଞ୍ଜୟ କୁମାର ଜେନା ପ୍ରତିଦ୍ୱନ୍ଦିତା କରୁଥିଲେ ।ସଞ୍ଜୟ ୭ ଖଣ୍ଡ ଭୋଟ ପାଇଥିବା ।ବେଳେ ଶ୍ରୀ ମହାପତ୍ର ୮ ଖଣ୍ଡ ଭୋଟ ପାଇଥିଲେ । ଶ୍ରୀ ମହାପାତ୍ର ବିଜୟ ଲାଭ ପରେ ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ରବୀନ୍ଦ୍ରନାଥ ଅଣ୍ଡିଆ, ସରପଞ୍ଚ ପ୍ରତିନିଧି ହାଡିବନ୍ଧୁ ଜେନା, କାର୍ତ୍ତୀକ ପାତ୍ର, ଶରତ ପ୍ରଧାନ,ପ୍ରଭାକର ଜେନା, ଧନଞ୍ଜୟ ଜେନା, ପ୍ରତିଭା ଭୁୟାଁ, ଯାଦବ ପ୍ରଧାନ, ଭୁବନ ଜେନା, ତ୍ରିଲୋଚନ ଦାସ,ଶରତ ପରିଡା, ପ୍ରଶାନ୍ତ ଭୂୟାଁ, ସମେତ ସମିତିର ନିର୍ଦ୍ଦେଶକ ସଂଜୀବ ଜେନା, ଦେବେନ୍ଦ୍ର ବାରିକ, ମନୋରଞ୍ଜନ ଦେ, ରବୀନ୍ଦ୍ର ଦାସ, ପ୍ରଶାନ୍ତ ପ୍ରଧାନ, ଅମୂଲ୍ୟନନ୍ଦୀ, ଗଣେଶ ମହାପାତ ସମେତ ବହୁ ସର୍ମଥକ ମାନେ ଷ୍ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ଶଶ୍ରି ମହାପତ୍ର ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ସମତେ ଦଳୀୟ ନେତୃମଣ୍ଡଳିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ବିଜୟ ପାଇଁ ଆଦିବାସୀ ସମାଜର ପୂଜା



ବାରିପଦା, ୧୩/୦୭ (ନି.ପ୍ର): ମୟୂରଭଂଜ ଜିଲ୍ଲାର ବିଶିଷ୍ଟ ଆଦିବାସୀ ନାରୀନେତ୍ରୀ ଦ୍ରୌପଦୀ ମୁର୍ମୁ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଘୋଷନବା ପରେ ତାଙ୍କ ଜନ୍ମମାଟି ମୟୂରଭଂଜ ଜିଲ୍ଲା କୁସୁମୀ ବ୍ଲକର ଉପରବେଡା ଗ୍ରାମ ବେଶ ଚର୍ଚ୍ଚାରେ ରହି ଆସିଛି । ତାଙ୍କ ଗାଁର ଗୋଟିଏ ବସ୍ତିରେ ବିଦ୍ୟୁତ ସଂଯୋଗ ନଥିବାର ଗଣ ମାଧମରେ ପ୍ରଚାର ହେବା ପରେ ରାତାରାତି ବିଦ୍ୟୁତ କରଣ କରାଯିବା ଭଳି ଘଟଣା ମଧ ଦେଖିବାକୁ ମିଳିଛି । ତେବେ ରାଷ୍ଟ୍ରପତି ନିର୍ବାଚନକୁ ଆଉ ଅଳ୍ପ ଦିନ ବାକିଥିବା ବେଳେ, ତାଙ୍କର ସୁନିଶ୍ଚିତ ବିଜୟ ନେଇ ତାଙ୍କ ଜନ୍ମମାଟି ଉପବେଡା ଗ୍ରାମରେ ଆଦିବାସୀ ସାନ୍ତାଳ ସମାଜ ପକ୍ଷରୁ ସ୍ଥାନୀୟ ଆଦିବାସୀ ପୂଜାପୀଠ ଜାହେରଗାଳ ଠାରେ ଆଦିବାସୀ ସାନ୍ତାଳ ସମାଜର ଲୋକେ ପାରଂପାରିକ ବେଶଭୂଷା ସହ ଜାହାରାୟେ, ମାରାଂବୁରୁଙ୍କୁ ପୂଜାର୍ଚ୍ଚନା କରିଥିଲେ । ସେମାନଙ୍କର ବିଶ୍ୱାସ ଠାକୁରଙ୍କୁ ପୂଜାର୍ଚ୍ଚନା କଲେ ନିଶ୍ଚିତ ଭାବେ ଶୁଭଫଳ ମିଳିଥାଏ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ଆଦିବାସୀ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଜ୍ୟ ପେଶା କୋଅର୍ଡିନେଟର ଖେଲାରାମ ହାଁସଦା, ଗ୍ରାମ୍ୟ ମୁଖିଆ ଦୁଖୀଶ୍ୟାମ ଟୁଡୁ, ବାଗୁନ ସୋରେନ, ସିଦ୍ଧେଶ୍ୱର ମୁର୍ମୁଙ୍କ ସମେତ ଉପରବେଡାର ସାନ୍ତାଳ ସମାଜର ଲୋକେ ଏବଂ ଆଖପାଖ ଅଂଚଳର ସାନ୍ତାଳ ସଂପ୍ରଦାୟର ଲୋକେ ଉପସ୍ଥିତ ରହି ପୁଝାପାଠ କରି ଦ୍ରୌପଦୀଙ୍କ ଶୁଭ ମନାସିବା ସହିତ ପାରଂପାରିକ ନାଚ, ଗୀତ, ଏବଂ ବାଦ୍ୟର ତାଳେତାଳେ ପାରମ୍ପାରିକ ପୂଜାସ୍ଥଳକୁ ଉତ୍ସବ ମୁଖର କରିଥିଲେ ।

# ଓଡ଼ିଆ ଭାଷା ସୁରକ୍ଷାରେ କର୍ମବୀର ଗୌରୀ ଶଙ୍କରଙ୍କ ଭୂମିକା ଅବିସ୍ମରଣୀୟ

ଭୁବନେଶ୍ୱର,୧୩/୦୭ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ କର୍ମବୀର ଗୌରୀ ଶଙ୍କର ରାୟଙ୍କର ୧୮୪ତମ ଜୟନ୍ତୀ ଭୁବନେଶ୍ୱର ପି.ଏମ୍.ଜି. ଛକସ୍ଥିତ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ବାଦର ସମ୍ପାଦକ ତଥା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ, ବିଧାୟକ ପ୍ରଫୁଲ୍ଲ ସାମଲ, ମୌଷଧି ବାଗ୍, ମେୟର ସୁଲୋଚନା ଦାସ, କର୍ମବୀର ଗୌରୀଶଙ୍କର ସ୍ମୃତି ସଂସଦ ତରଫରୁ ଉଦୟ ଶଙ୍କର ରାୟ, ସତେନ୍ଦ୍ରଲାଲ୍ ବୋଷ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ପ୍ରବୀର ମହାନ୍ତି, ଡଃ ଜୀବନ ଦିକ୍ଷୀତ, ସତ୍ୟ ଜେନା, ଜୟ ଓଡ଼ିଶା ପକ୍ଷରୁ ରୁଦ୍ର ସାମନ୍ତରାୟ ଓ ଅନ୍ୟ ସଭ୍ୟବୃନ୍ଦଙ୍କ ସମେତ ବହୁ ସଂଗଠନର କର୍ମକର୍ତ୍ତା ଓ ସଭ୍ୟମାନେ ଯୋଗଦେଇ କର୍ମବୀରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ କର୍ମବୀର ଗୌରୀଶଙ୍କର ବଙ୍ଗୀୟ ହୋଇ ମଧ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଯେଉଁ ଆନ୍ଦୋଳନ କରିଥିଲେ, ତାହାର ଫଳ ସ୍ୱରୂପ ଆଜି ଓଡ଼ିଆ ଭାଷା ସମୃଦ୍ଧ ହୋଇ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇପାରିଛି । ଉତ୍କଳ ଗୌରବ ମଧୁବାବୁଙ୍କର ଶିକ୍ଷକ ଭାବରେ ଗୌରୀଶଙ୍କରଙ୍କର ସ୍ୱତନ୍ତ୍ର ପରିଚୟ ରହିଛି, ରାଜ୍ୟରେ ଉତ୍କଳଦୀପିକା ଖବରକାଗଜ ପ୍ରକାଶନ ସହିତ ଛାପାଖାନା ପ୍ରତିଷ୍ଠା କରି ସେ ପୁସ୍ତକ ପ୍ରକାଶନ କ୍ଷେତ୍ରରେ ନୂତନ ବିପ୍ଳବ ସୃଷ୍ଟି କରିଥିଲେ । ସେହିଭଳି ନାରୀ ଶିକ୍ଷାର ବିକାଶ ପାଇଁ କାର୍ଯ୍ୟ କରିବା ସହିତ ସମାଜରୁ କୁସଂସ୍କାର ଦୂରୀଭୂତ କରି ବିଧବା ବିବାହ ପ୍ରଚଳନ କରିବାରେ ଯେଉଁ ସାହସିକ ପଦକ୍ଷେପ ନେଇଥିଲେ ତାହା ନାରୀ ସୁରକ୍ଷା ଦିଗରେ ଚିର ସ୍ମରଣୀୟ ହୋଇ ରହିବ । ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତଦେଇ ବକ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ପ୍ରତ୍ୟେକ ଛାତ୍ରଛାତ୍ରୀ କର୍ମବୀରଙ୍କର ଜୀବନୀ ପଠନ କରି ତାଙ୍କ ମାର୍ଗକୁ ଅନୁସରଣ କଲେ ଭବିଷ୍ୟତରେ ନିଜକୁ ସୁପ୍ରତିଷ୍ଠିତ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ ।

# ରନ୍ଧନ ଗ୍ୟାସ ଦରବୃଦ୍ଧିର ପ୍ରତିବାଦ : ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ




ବାଲେଶ୍ୱର,୧୩/୦୭ (ନି.ପ୍ର): ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧିକୁ ବିରୋଧ କରି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ଆହ୍ୱାନ କ୍ରମେ ସମଗ୍ର ରାଜ୍ୟରେ ମହିଳା କଂଗ୍ରେସ କର୍ମୀମାନେ ପ୍ରତିବାଦ କରୁଥିବା ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି। ବାଲେଶ୍ୱର ଜିଲା ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ତଥା ପ୍ରତିବାଦ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହିଳା କଂଗ୍ରେସ ଜିଲା ସଭାପତି ପ୍ରଜ୍ଞା ପାରମିତା ମହାନ୍ତିଙ୍କ ନେତୃତ୍ୱରେ ମହିଳାମାନଙ୍କର ଏକ ଶୋଭାଯାତ୍ରା ମିଶନ ପଡ଼ିଆରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଶ୍ରୀମତୀ ମହାନ୍ତି ସଭାପତିତ୍ୱ କରିବା ସହ କେନ୍ଦ୍ର ସରକାରଙ୍କ ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଆଠବର୍ଷ ପୂର୍ବରୁ ଉପା ସରକାର ବେଳେ ରନ୍ଧନ ଗ୍ୟାସ ସିଲିଣ୍ଡର ମୂଲ୍ୟ ୪୫୦ ଟଙ୍କା ଥିବା ବେଳେ ଏବେ ଏବେ ୧୦୮୦ ଟଙ୍କାରେ ପହଞ୍ଚିବା ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଥିଲେ। ମହିଳା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ଉପ-ସଭପତି ବାସନ୍ତୀ ସାମଲ, ଟାଉନ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଗୌରୀ ଦାସ, ଜାନୁ ମୁଖୀ, ଯୁବ କଂଗ୍ରେସ ଜିଲା ସଭାପତି ରଞ୍ଜନ ଦାସ, ଅଣସଂଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସ ଜିଲା ସଭାପତି ବିକାଶ ଦାସ, ସବିଲା ବିବି, ସୁଭଦ୍ରା ପାତ୍ର, ବେବି ବିବି, କବିତା ପାତ୍ର, ବାପି ଦାସ, ପବିତ୍ର ବାରିକ, ଧରମା ନାୟକ ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ କଡ଼ା ସମାଲୋଚନା କରିଥିଲେ। ଆଚ୍ଛେଦିନ ନାମରେ ଦେଶକୁ ବିକ୍ରି କରିବାକୁ ବସିଥିବା ପ୍ରଧାନ ମନ୍ତ୍ରୀ ଏବେ ନିର୍ଦ୍ଦିଷ୍ଟ ବର୍ଗର ଶିଳ୍ପ ଉଦ୍ୟୋଗୀଙ୍କ ସ୍ୱାର୍ଥ ରକ୍ଷାକୁ ଗୁରୁତ୍ୱ ଦେଇ ଚାଲିଛନ୍ତି ବୋଲି ସେମାନେ କହିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀର ଆକଶଛୁଆଁ ଦର ବୃଦ୍ଧି ଯୋଗୁଁ ସାଧାରଣ ଲୋକଙ୍କ କ୍ରୟଶକ୍ତି ତଥା ଜୀବନ ଧାରଣର ମାନ ହ୍ରାସ ପାଇଥିବା ବେଳେ ରନ୍ଧନ ଗ୍ୟାସ ଦର ବୃଦ୍ଧି ବେଢ଼ି ଉପରେ କରୋଡ଼ା ମାଡ଼ ସଦୃଶ ହୋଇଥିବା କଂଗ୍ରେସ ନତା ଓ ନେତ୍ରୀମାନେ କହିଥିଲେ। ତୁରନ୍ତ ଏହି ଦର ପ୍ରତ୍ୟାହାର ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଜିଲା ମହିଳା କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବସରରେ ମହିଳା କଂଗ୍ରେସ କର୍ମୀମାନେ ପ୍ରଧାନମନ୍ତ୍ରୀଙ୍କ କୁଶପତଳିକା ଦାହ କରିଥିଲେ।

## ରାଜଧାନୀରେ ୨୮୬ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୩/୦୭ (ନି.ପ୍ର): ରାଜଧାନୀରେ କୋଭିଡ୍ ର ଦୈନିକ ସଂକ୍ରମଣ ବଢିବାରେ ଲାଗିଛି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ବୁଧବାର ମୋଟ ୨୮୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୨୦୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୫୯ ହଜାର ୫୩୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୫୭ ହଜାର ୩୯୮ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୩ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୯୨୧ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଗତକାଲି ଭୁବନେଶ୍ୱରରେ ୧୮୬ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ନିଲାମ ହୋଇନଥିବା ସୌରାତରେ ରାତିରେ ବ୍ୟାପକ ବାଲି ଉଠାଣ : ଦିନରେ ବିକ୍ରି



ଜଳେଶ୍ୱର, ୧୩/୭(ନି.ପ୍ର) : ଚଳିତବର୍ଷ ମଧ୍ୟ ଅଦ୍ୟାବଧି ଜଳେଶ୍ୱର ତହସିଲ ଅଧିନରେ ଥିବା ସୁବର୍ଣ୍ଣରେଖା ନଦୀ ବାଲି ସୌରାତ ଗୁଡିକ ନିଲାମ ହୋଇନଥିବାରୁ କେତେକ ଦୁବୃତ୍ତ ରାତିରେ ଜେସିବି ଲଗାଇ ବ୍ୟାପକ ବାଲି ଉତ୍ତୋଳନ କରୁଛନ୍ତି । ଏହାକୁ ଗୋଟିଏ ଗୋଟିଏ ସ୍ଥାନରେ ଠୁଳ ରଖି ଦିନରେ ବିକ୍ରି କରୁଥିବାରୁ ରାଜସ୍ୱ ବିଭାଗର କୋଟି କୋଟି ଟଙ୍କା ହାନୀ ଘଟୁଛି । ଜଳେଶ୍ୱର ତହସିଲର ଶିଖରପୁର, ମଧୁରାନାଥ, ବଜାରଶୋଳ, ପ୍ରହରାଜପୁର, କୁଅଁରପୁର, ଓଲମରା, ଆଦି ଅଂଚଳରେ କେତେକ ବାଲି ମାଫିଆ ଜେସିବି, ଟ୍ରାକ୍ଟର ଓ ଡମ୍ପର ଲଗାଇ ବ୍ୟାପକ ବାଲି ଉତ୍ତୋଳନ କରୁଛନ୍ତି । ରାତିରେ ପ୍ରଶାସନ ଘଟଣାସ୍ଥଳକୁ ଯିବା ସମ୍ଭବ ହେଉନଥିବାରୁ ବାଲି ମାଫିଆଙ୍କୁ ଏହା ସୁହାଉଛି । ଅନ୍ୟ ପକ୍ଷରେ ବାଲି ମାଫିଆମାନେ କିଛି ଲୋକଙ୍କୁ ବିଭିନ୍ନ କାର୍ଯ୍ୟରେ ଲଗାଉଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ତହସିଲ କାର୍ଯ୍ୟାଳୟ, ଶିଖରପୁର କିମ୍ବା ଗୁରୁଦାସପୁର ପୋଲ ନିକଟରେ ଜଗି ରହି ବାଲି ମାଫିଆଙ୍କୁ ସୂଚନା ପ୍ରଦାନ କରୁଛନ୍ତି । ପ୍ରଶାସନ ପକ୍ଷରୁ ଘଟଣାସ୍ଥଳକୁ ଯାଉଥିବା ଖବର ପାଇ ବାଲି ମାଫିଆମାନେ ସଜାଗ ହେଉଛନ୍ତି । ଉପରୋକ୍ତ ବିଭିନ୍ନ ସ୍ଥାନରୁ ବାଲି ଉତ୍ତୋଳନ ହୋଇ ଗୋଟିଏ ଗୋଟିଏ ସ୍ଥାନରେ ପାହାଡଭଳି ଗଦା କରି ରଖା ଯାଉଛି । ଦିନରେ ଲୁଚିଛପି ତାହାକୁ ଚଢା ଦରରେ ବିକ୍ରି କରାଯାଉଛି । ଅନ୍ୟ ପକ୍ଷରେ ବାଲି ଅଭାବରୁ ଉତ୍ତର ବାଲେଶ୍ୱରର ପ୍ରାୟ ସବୁ ସରକାରୀ କାର୍ଯ୍ୟ ଠପ୍ ହୋଇ ଯାଇଛି । କିନ୍ତୁ ୩ ଗୁଣା ମୂଲ୍ୟରେ ବାଲି ବିକ୍ରି ହୋଇ ପଶ୍ଚିମକବଂଗ କିମ୍ବା ଘରୋଇ କାର୍ଯ୍ୟରେ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି । ନୂତନ ଜିଲାପାଳ ଏ ସଂପର୍କରେ ଟାସ୍କ ଫୋର୍ସ ଗଠନ କରି ବେଆଇନ୍ ବାଲି ଚାଲାଣ ଓ ଉତ୍ତୋଳନକୁ ବନ୍ଦ ନ କଲେ ପରିସ୍ଥିତି ଅଣାୟତ୍ତର ହୋଇ ପଡିବ । ଜରୁରୀ ପରିସ୍ଥିତିରେ ଟାସ୍କଫୋର୍ସ ସହିତ ସରକାରୀ କାର୍ଯ୍ୟରେ କିପରି ବାଲି ଯାଇ ପାରିବ ସେ ସଂପର୍କରେ ଜିଲା ପ୍ରଶାସନ ଅଧିକ ଧ୍ୟାନ ଦେବାକୁ ଦାବି ହେଉଛି ।

# ବିଶ୍ୱ ବିଦ୍ୟାଳୟ ଓଡିଆ ବିଭାଗରେ ବିଦାୟ ସମ୍ବର୍ଦ୍ଧନା



ବାରିପଦା, ୧୩/୦୭ (ନି.ପ୍ର): ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜ ବିଶ୍ୱ ବିଦ୍ୟାଳୟ ଓଡିଆ ବିଭାଗରେ ୪ର୍ଥ ସେମିଷ୍ଟାର ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଓଡିଆ ବିଭାଗର ମୁଖ୍ୟ ଡ. ବିଚିତ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ପିଜି କାଉଁନସିଲର ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥି ଯୋଗ ଦେଇ ନିଜ ଭିତରେ ଥିବା ସମ୍ଭାବନାକୁ ଅକଳନ କରି ଉଚିତ ମାର୍ଗରେ ଲଗାଇ ଦେଶ ମାତୃକାର ସେବା କରିବାକୁ ପିଲା ମାନଙ୍କୁ ନିଜ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀ ମାନେ ନିଜ ଜୀବନରେ ଆସିବାକୁ ଥିବା ସୁଯୋଗର ସଦୁପଯୋଗ କରି ନିଜକୁ ପ୍ରତିଷ୍ଠା କରିବା ସହ ଉତମ ନାଗରୀକ ଭାବରେ ନିଜକୁ ଗଢିତୋଳିବା ପାଇଁ ପିଲାଙ୍କୁ ନିଜ ବକ୍ତବ୍ୟରେ କହିଥିଲେ । ପ୍ରଥମ ବର୍ଷର ଛାତ୍ରୀ ସନ୍ତୋଷିନୀ ବେହେରା, ଅନନ୍ୟା ପଣ୍ଡା, ତପସ୍ୱିନୀ ସେଂଟ, ବିନୋଦିନୀ ବେହେରା, ନମୀତା ଶିଆଳ, ଶୁଭଶ୍ରୀ ସାହୁ ପ୍ରମୁଖ ଅବାହନୀ ଓ ବିଦାୟୀ ସଂଗୀତ ଗାନ କରିଥିବା ବେଳେ, ସିଲୁ ଦଳେଇ, ରେଖାରାଣୀ ବାରିକ, ପ୍ରିୟଦର୍ଶିନୀ ସ୍ୱାଇଁ, ସ୍ମିତା ଦାସ, ୨ୟ ବର୍ଷ ର ନରହରି ହରିଜନ, କୁନା ସିଂ, ଜ୍ୟୋତିର୍ମୟୀ ତୋପ, ରାଧାରାଣି ପାତ୍ର, ମାଳତୀ ଖୁଂଟିଆ, ଦିତିକୃଷ୍ଣ ଦାସ, ପ୍ରଦୀପ୍ତ ସାହୁ, ଶୁଭସ୍ମିତା ପଣ୍ଡା, ଗୋପୀନାଥ ସେଠୀ ପ୍ରମୁଖ ନିଜନିଜ ବକ୍ତବ୍ୟ ରଖିଥିଲେ । ଶେଷରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଅଭାବ

ଭୁବନେଶ୍ୱର,୧୩/୦୭ (ନି.ପ୍ର): ଆଦର୍ଶ ବିଦ୍ୟାଳୟରେ ନାହାନ୍ତି ଶିକ୍ଷକ। ଆଦର୍ଶ ବିଦ୍ୟାଳୟ ଗୁଡିକରେ ୧୫୬୧ ଶିକ୍ଷକ ୧୬୬ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି । ସେହିପରି ୬୫ ଟି ଆଦର୍ଶ ବିଦ୍ୟାଳୟର କାର୍ଯ୍ୟ ବର୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ପାରିନାହିଁ । ବିଧାନସଭାରେ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀଙ୍କ ପ୍ରଶ୍ନରେ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ତାଙ୍କ ଉତରରେ କହିଛନ୍ତି ଯେ ଖାଲି ପଡିଥିବା ପଦବୀ ମଧ୍ୟରୁ ଚଳିତ ବର୍ଷ ଜୁନ୍ ମାସରେ ୧୩୦୭ ପଦବୀ ପୂରଣ କରାଯାଇଛି। ଅବଶିଷ୍ଟ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି।

# ମେଡିକାଲ ବାରଣ୍ଡାରେ ଲହଡ଼ି ମାରୁଛି ବର୍ଷା ଜଳ

ନୀଳଗିରି, ୧୩/୦୭ (ନି.ପ୍ର): ସରକାର ଯୋଜନା ପରେ ଯୋଜନା କରୁଥିଲେ ସୁଧା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସୁଧାର ନ ଆସିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏପରି ଏକ ଅଭାବନୀୟ ଘଟଣା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଦେଖିବାକୁ ମିଳିଛି । ନୀଳଗିରି ଉପଖଣ୍ଡ ମେଡିକାଲରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ରକୁ ନେଇ ସାଧାରଣରେ ଚର୍ଚ୍ଚା ଧରିଛି । ନୀଳଗିରି ଉପଖଣ୍ଡ ମେଡିକାଲ ଭିତରେ ଲହରି ଖେଳୁଛି ବର୍ଷା ଜଳ । ପୁରୁଣା ବିଲ୍ଡିଂ କୁ ଲାଗି ନୂତନ ବିଲଡ଼ିଂ କରାଯାଇଥିବା ବେଳେ ମେଡିକାଲ ଆଉଟଡୋର ବାରଣ୍ଡାରେ ବର୍ଷା ଜଳ ଲହରି ଖେଳୁଛି । ଯାହା ଫଳରେ ରୋଗୀମାନେ ହନ୍ତସନ୍ତ ହେଉଥିବା ଦେଖାଯାଇଛି । ସ୍ୱାସ୍ଥ ସେବାର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କାର ଗୃହ ନିର୍ମାଣ କରୁଥିବା ବେଳେ ଅଧିକାରୀଙ୍କ ଦୁରଦୃଷ୍ଟି , ସାମାନ୍ୟ ତୃଟି ପାଇଁ ରୋଗୀ ଓ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ତୁରନ୍ତ ବିଭାଗୀୟ ଅଧିକାରୀ ଉକ୍ତ ଘଟଣା ପ୍ରତି ଧ୍ୟାନ ଦେଇ ସ୍ଥାୟୀ ପ୍ରତିକାର କରିବା ପାଇଁ ସାଧାରଣରେ ଦାବୀ ହୋଇଛି । ଯଦି ଉପଖଣ୍ଡ ଚିକିତ୍ସାଳୟଟି ଏପରି ଅବସ୍ଥା, ତାହେଲେ ଉପାନ୍ତ ଅଂଚଳରେ ଥିବା ସିଏଚସି, ପିଏଚସି ଅବସ୍ଥା କିପରି ଥିବ, ଏଥିରୁ ସ୍ପଷ୍ଟ ଅନୁମେୟ ।

## ବିଧାନସଭା ସ୍ଥାୟୀ କମିଟି ସଦସ୍ୟ ବିଧାୟକ ସ୍ୱରୂପ ଦାସଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୧୩/୦୭ (ନି.ପ୍ର): ବିଧାନସଭା ୫ ନମ୍ବର ସ୍ଥାୟୀ କମିଟିର ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଦାୟିତ୍ୱରେ ଥିବା ବାଲେଶ୍ୱର ବିଧାୟକ ସ୍ୱରୂପ ଦାସଙ୍କୁ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ସମ୍ପାଦିକା ଗୌରୀ ଦାସଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବିଧାୟକଙ୍କୁ ସାକ୍ଷାତ କରିବା ସହ ଅଙ୍ଗନବାଡ଼ି କର୍ମୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ କରାଇଥିଲେ। ଏଥି ସହିତ ବାହାନଗା ସିଡ଼ିପିଓ ଏବଂ ଜିଲାର କେତେକ ସୁପରଭାଇଜର ସରକାରଙ୍କ ନିର୍ଦ୍ଦେଶ ବିରୋଧୀ କାର୍ଯ୍ୟ କରିବା ଫଳରେ ହିତାଧିକାରୀମାନେ ଯୋଜନାର ସୁଫଳ ପାଉନଥିବା ସଂପର୍କରେ ସେମାନେ ଅଭିଯୋଗ କରିଥିଲେ। ଅହେତୁକ ଦରଦାମ୍ ବୃଦ୍ଧି ଯୋଗୁଁ ଶିଶୁମାନଙ୍କର ଗରମ ରନ୍ଧାଖାଦ୍ୟରେ ଆବଶ୍ୟକୀୟ ସାମଗ୍ରୀ ପାଇଁ ବର୍ଦ୍ଧିତ ଦରଧାର୍ଯ୍ୟ କରିବାକୁ ସେମାନେ ଦାବି କରିଥିଲେ ।ଏହି ସମସ୍ୟାଗୁଡ଼ିକର ତୁରନ୍ତ ସୁସମାଧାନ ପାଇଁ ବିଧାୟକ ଶ୍ରୀ ଦାସ ଜିଲା ଦାୟିତ୍ୱରେ ଥିବା ଡିଏସ୍‌ଡବ୍ଲୁଓଙ୍କୁ ଟେଲିଫୋନ୍‌ରେ ପରାମର୍ଶ ଦେଇଥିଲେ। ସଂଘ ପକ୍ଷରୁ ସହ-ସମ୍ପାଦିକା ଆରତୀ ଦାସମହାପାତ୍ରଙ୍କ ସମେତ ସୁକାନ୍ତି ପ୍ରଧାନ, ଅନୁସୂୟା ଦଳାଇ, ମୋନାଲିସା ଭୋଇ ଓ ସୁନନ୍ଦା ତାଲଦି ପ୍ରମୁଖ ବିଧାୟକଙ୍କୁ ସାକ୍ଷାତ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଉଦଳାରେ ଅଳିଆ ପକା ସମସ୍ୟା : ସାମ୍ବାଦିକ ସମ୍ମିଳନୀ ଡ଼ାକିଲେ ପୌରାଧକ୍ଷା



ଉଦଳା, ୧୩/୦୭ (ନି.ପ୍ର): ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଳିଆ ପକାକୁ କେନ୍ଦ୍ରକରି ଏବେ ନାହିଁ ନଥିବା ସମସ୍ୟା ଦେଖାଦେଇଛି । ଯେଉଁଠାରେ ବି ଅଳିଆ ପକାଇଲେ ସେଠାକାର ବାସିନ୍ଦା ଏହାକୁ ବିରୋଧ କରୁଛନ୍ତି । ଫଳରେ ଉଦଳା ସହର ଦିନ କୁ ଦିନ ଶ୍ରୀହୀନ ହୋଇଯିବା ସହିତ ଦୁର୍ଗନ୍ଧମୟ ପରିବେଶ ଏକ ଭିନ୍ନ ସ୍ୱାଦର ବାତାବରଣ ଖେଳାଇ ଦେଇଛି । ଗତ ପୌର ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ପ୍ରମିଳା ପଣ୍ଡା ପୌରାଧକ୍ଷା ଭାବରେ ନିର୍ବାଚିତ ହେଲେ । ଶ୍ରୀମତୀ ପଣ୍ଡା ନଗରପାଳ ଦାୟିତ୍ୱ ପାଇବା ପରେ ଉକ୍ତ ସମସ୍ୟା ସହରର ମୁଖ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଲା । ଏହାର ସମାଧାନ ପାଇଁ ସେ ଆପ୍ରାଣ ଉଦ୍ୟମ ଚଳାଇବା ସହ ଶେଷରେ ସର୍ବଦଳୀୟ ବୈଠକ ଡ଼ାକିଥିଲେ । କିନ୍ତୁ କୌଣସି ବୈଠକରେ ସମାଧାନର ସୂତ୍ର ବାହରିପାରିଲା ନାହିଁ। ଫଳରେ ସମସ୍ୟା ଦିନକୁ ଦିନ ଜଟିଳ ରୂପ ଧାରଣ କରିବାକୁ ଲାଗିଲା ।ଶେଷରେ ନଗରପାଳ, ଉପନଗରପାଳଙ୍କ ସମେତ ସମସ୍ତ କାଉନସିଲର ବୃନ୍ଦ ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚଳିତ ଜୁଲାଇ ୧୨ ତାରିଖ ଦିନ ଧାରଣାରେ ବସିଥିଲେ । ଉପଜିଲ୍ଲାପାଳ ଭଗବାନ ବେହେରା ଆସନ୍ତା ସାତ ଦିନ ମଧ୍ୟରେ ଅର୍ଥାତ ଜୁଲାଇ ୨୦ ତାରିଖ ସୁଦ୍ଧା ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ତେବେ ଆଜି ଜୁଲାଇ ୧୩ ତାରିଖ ଦିନ ନଗରପାଳ ପ୍ରମିଳା ପଣ୍ଡା କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦି ସମ୍ମିଳନୀ ଡ଼ାକି ଏବାବଦରେ ସମସ୍ତଙ୍କୁ ଅବଗତ କରାଇଥିଲେ ।

# ନିଜଗଡ଼ରେ ରାମଚନ୍ଦ୍ର, ଶ୍ୟାମସୁନ୍ଦରପୁର ସମିତିରେ ମନୋରଂଜନ ସଭାପତି ନିର୍ବାଚିତ

ନୀଳଗିରି, ୧୩/୦୭ (ନି.ପ୍ର): ନିଜଗଡ଼ ସେବା ସମବାୟ ସମିତିରେ ବୁଧବାର ଦିନ ସଭାପତି ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଉକ୍ତ ନିର୍ବାଚନରେ ସଭାପତି ପଦ ପାଇଁ ରାମଚନ୍ଦ୍ର ଦାସ ଓ ଧର୍ମେନ୍ଦ୍ର ମହାପାତ୍ରଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା । ରାମଚନ୍ଦ୍ର ଦାସ ୯ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ଶ୍ରୀ ମହାପାତ୍ର ୬ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ସୁକାନ୍ତ କୁମାର ପ୍ରଧାନ , ରାମଚନ୍ଦ୍ର ଦାସ ଙ୍କୁ ୩ ଖଣ୍ଡ ଭୋଟ ଅଧିକ ପାଇଥିବାରୁ ଶ୍ରୀ ଦାସଙ୍କୁ ସଭାପତି ଘୋଷଣା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ସୀତାକାନ୍ତ ମହାନ୍ତି, ସହସମ୍ପାଦକ ବସନ୍ତ ମିଶ୍ର, କର୍ମଚାରୀ ସୃଷ୍ଟିଧର ନାୟକ ଉପସ୍ଥିତ ରହି ସହଯୋଗ କରିଥିଲେ । ସେହିପରି ଶ୍ୟାମସୁନ୍ଦରପୁର ସେବା ସମବାୟ ସମିତିରେ ମନୋରଂଜନ ଦାସ ଓ ଜୟନ୍ତ କୁମାର ବେହେରା ମନୋନୟନ ପତ୍ର ଦାଖଲ କରିଥିଲେ । ମନୋରଂଜନ ୧୧ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଜୟନ୍ତ କୁମାର ବେହେରା ୪ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି । ମନୋରଂଜନ ସର୍ବାଧିକ ଭୋଟ ପାଇଥିବାରୁ ନିର୍ବାଚନ ଅଧିକାରୀ ଶ୍ରୀ ଦାସଙ୍କୁ ସଭାପତି ଘୋଷଣା କରିଥିଲେ । ଆଗାମୀ ଦିନରେ ଋଷୀଙ୍କ ଅସୁବିଧା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ୨ ସୋସାଇଟି ସଭାପତି କହିଛନ୍ତି ।ଶାନ୍ତି ଶୃଙ୍ଖଳା ପାଇଁ ୨ଟି ସ୍ଥାନରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

# ପିଆରଏମ ମେଡିକାଲ କଲେଜକୁ ୬ ହୁଇଲ ଚେୟାର ପ୍ରଦାନ



ବାରିପଦା, ୧୩/୦୭ (ନି.ପ୍ର): ଆଜି ବାରିପଦାର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ୱେଚ୍ଛାସେବୀ ସଙ୍ଗଠନ ଜାଗ ମୟୂରଭଂଜ ଜାଗ ତରଫରୁ ୬ଟି ହୁଇଲ ଚେୟାର ପ୍ରଦାନ କରାଯାଇଥିବାର ଜଣା ଯାଇଛି । ଏହି ଅବସର ରେ ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ସମାନନୀୟ ଅତିଥି ଭାବରେ ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି (ନଛି), ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଅଧୀକ୍ଷକ ପ୍ରତିଭା ପଣ୍ଡା, ହସପିଟାଲ ମେନେଜର ସମୀର ରଂଜନ ମହାପାତ୍ର, ତରୁଣ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ଅନୁଷ୍ଠାନ ପକ୍ଷରୁ ହୁଇଲ ଚେଆର ଗୁଡିକ ପ୍ରଦାନ କରାଯାଇଥିଲା । ଜାଗ ମୟୂରଭଂଜ ଜାଗ ସଂଗଠନ ତରଫରୁ କିଛିଦିନ ତଳେ ପିଆରଏମ ମେଡିକାଲରେ ବର୍ତମାନର ବହୁଳ ରୋଗୀ ସଂଖ୍ୟାକୁ ନେଇ ରୋଗୀ ମାନଙ୍କ ବିଭିନ୍ନ ପରୀକ୍ଷା ପାଇଁ ଯିବା ଆସିବା କରିବା ନିମନ୍ତେ ହୁଇଲ ଚେଆରର ଅଭାବ ଥିବାରୁ ରୋଗୀ ମାନେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହୋଉଥିବାର ପରିଲକ୍ଷିତ ହୋଇଥିଲା । ଏହି କାଯ୍ୟକ୍ରମରେ ସଙ୍ଗଠନର ଶୋଭାନେତ୍ରୀ ସୋନାଲି ପ୍ରିୟଦର୍ଶିନୀ ବେହେରାଙ୍କ ସହିତ ତପସ୍ୱୀନି ରଣା, ବିକାଶ ବାରିକ, ଦୋନେଇ ସିଂ, ରାଜୁ ବିନ୍ଧାଣିଙ୍କ ସହିତ ଅନ୍ୟ ମେଡିକାଲ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ



ବାଲେଶ୍ୱର,୧୩/୦୭ (ନି.ପ୍ର): ଜିଲା ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଫକୀରମୋହନ ଗୋଲେଇ ସ୍ଥିତ ଜିଲା କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ବ୍ଲକ୍, ପଞ୍ଚାୟତ ଓ ପୌରପାଳିକାକୁ ଏ ବାବଦରେ ଅଧିକ ଅର୍ଥ ମଞ୍ଜୁର ହେଉ ନଥିବାରୁ ବହୁ ଦୁଃସ୍ଥ ପରିବାରର ବୟସ୍କ ବ୍ୟକ୍ତି ସରକାରୀ ଭତ୍ତାରୁ ବଞ୍ଚିତ ହେଉଛନ୍ତି ବୋଲି ସେ କହିଥିଲେ। ତେବେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ବଢ଼ି ଚାଲିଥିବା ବେଳେ ମାସିକ ବାର୍ଦ୍ଧକ୍ୟଭତ୍ତା ୧୦୦୦ ଟଙ୍କାକୁ ବୃଦ୍ଧି ପାଇଁ ଏହି ବୈଠକରେ ଦାବି କରାଯାଇଥିଲା। ଏଥି ସହିତ ମୃତ୍ୟୁପରେ ହରିଶ୍ଚନ୍ଦ୍ର ଯୋଜନାର ବହୁ ଅସହାୟ ପରିବାର ପାଇନଥିବା, ଅସହାୟ ବରିଷ୍ଠନାଗରିକମାନଙ୍କୁ ସ୍ଥାନୀୟ ପୋଲିସ୍ ପକ୍ଷରୁ ଆବଶ୍ୟକୀୟ ଚିହ୍ନଟ ଓ ପରିଚୟପତ୍ର ପ୍ରଦାନ ପ୍ରକ୍ରିୟା ବନ୍ଦ ରହିବା, ବରିଷ୍ଠ ନାଗରିକଙ୍କୁ ରେଳବିଭାଗ ପକ୍ଷରୁ ଦିଆଯାଉଥିବା ରିହାତି ପୁନଶ୍ଚ ଲାଗୁ ନହେବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୫ ବର୍ଷ ତଳେ ବାଲେଶ୍ୱର ଜିଲାକୁ ମଞ୍ଜୁରୀପ୍ରାପ୍ତ ଅସହାୟ ଓ ଭିନ୍ନକ୍ଷମଙ୍କ ଥଇଥାନ ପାଇଁ ବହୁମୁଖୀ ପ୍ରକଳ୍ପ ପ୍ରତିଷ୍ଠା କାର୍ଯ୍ୟ କେବଳ ଜମି ଚିହ୍ନଟ ପ୍ରକ୍ରିୟା ମଧ୍ୟରେ ସୀମିତ ରହିବାକୁ ନେଇ ଏହି ବୈଠକରେ ଉପସ୍ଥିତ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଗତ ୩ ଦଶନ୍ଧି ଧରି ଅବିଭକ୍ତ ବାଲେଶ୍ୱର, ମୟୁରଭଞ୍ଜ ଓ କେନ୍ଦୁଝର ସମେତ ସମଗ୍ର ଉତ୍ତର ଓଡ଼ିଶାର କୃଷି ଅର୍ଥନୀତି ବିପର୍ଯ୍ୟସ୍ତ ମୁଖୀ ହୋଇଥିବା ବେଳେ ଗତ ୨୦୧୭ ମସିହାରେ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାଲେଶ୍ୱରଠାରେ ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟର ୨ୟ କ୍ୟାମ୍ପସ୍ ପ୍ରତିଷ୍ଠା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଦାବିର ବୈଧତାକୁ ଭିତ୍ତି କରି ତତ୍କାଳୀନ ଲୋକସଭା ସାଂସଦ ରବୀନ୍ଦ୍ର କୁମାର ଜେନା ଓ ରାଜ୍ୟ ଉଚ୍ଚଶିକ୍ଷା, ଶିଳ୍ପ ବିଭାଗ ମନ୍ତ୍ରୀ ଅନନ୍ତ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ ପାଇଁ ନିବେଦନ କରାଯାଇଥିଲା। ୨୦୧୮ରେ ଜିଲାପାଳ ଏହି ଜନଦାବି ସପକ୍ଷରେ ନିଜସ୍ୱ ମତ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ତେବେ ଏହାର କାର୍ଯ୍ୟକାରିତା ପାଇଁ ଦାବି ହୋଇ ଆସୁଥିବାବେଳେ ପୁନଶ୍ଚ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ମଞ୍ଚର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା, ଉପ-ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ସମେତ ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅର୍ଚ୍ଚନା ନନ୍ଦୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo